ଧରିତ୍ରୀ 51 Years
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, February 19/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 87 | ମୂଲ୍ୟ₹୭/-



## ଝାନ୍ସୀରେ 'ବର୍ଡର ୨'ର ଶୁଟିଂ

ଝାନ୍ସୀରେ 'ବର୍ଡର ୨' ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବା ନେଇ ଅଭିନେତା ସନି ଦେଓଲ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

୦୭

୧୨

## ପିଚେମଙ୍କ ଡବଲରେ ସ୍ପେନ୍ ବିଜୟୀ

ଇଡ୍ରେଲ ପିଚେମଙ୍କ ଡବଲ ଗୋଲ ବଳରେ ସ୍ପେନ୍ ମଙ୍ଗଳବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳକୁ ପରାସ୍ତ କରିଛି।





ଲୋକ ସେବା ଭବନର ଆନେକ୍ସ ବିଲ୍ଡିଂ ପାର୍ଶ୍ୱ କୋଠାର ୫ମ ମହଲା ଛାତ ଉପରେ ମଙ୍ଗଳବାର ଅପରାହ୍ନରେ ଲାଗିଥିବା ନିଆଁ।

# ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି

### କିଟ୍‌ରେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୧୮।୨(ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟରେ ରବିବାର ରାତିରେ ନେପାଳୀ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମ୍ସଲ୍‌ଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗର ☞ପୃଷ୍ଠା-୪

### ଛାତ୍ରୀଛାତ୍ରଙ୍କୁ ଓଡ଼ିଶାକୁ ଛାଡ଼ି ନ ପାରେ ନେପାଳ

**କାଠମାଣ୍ଡୁ,୧୮।୨(ପିଟି):** ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ିବା ପାଇଁ ନେପାଳ ସରକାର ନିଜ ଦେଶର ଛାତ୍ରୀଛାତ୍ରମାନଙ୍କୁ ଆଉ ଅନୁମତି ଦେଇ ନ ପାରନ୍ତି। ଓଡ଼ିଶାରେ ପଢ଼ିବା ପାଇଁ ଆବଶ୍ୟକ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍ଓସି) ପ୍ରଦାନ ନ କରିବାକୁ ସେଠାକାର ସରକାର ବିଚାର କରୁଥିବା ସୂଚନା ମିଳିଛି। ନେପାଳର ଶିକ୍ଷା, ☞ପୃଷ୍ଠା-୪

# ଅନ୍‌ଲାଇନରେ ଅଶ୍ଳୀଳ କଣ୍ଟେଣ୍ଟ ରୋକିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

**ନିକଟରେ ଏକ ଶୋ'ରେ ମା'ବାପାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ୟୁଟ୍ୟୁବର ତଥା ବିୟର ବାଇସେପ୍ ଭାବେ ପରିଚିତ ରଣବୀର ଆଲ୍ଲାହାବାଦିଆଙ୍କ ବିରୋଧରେ ଦେଶର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ସର୍ବୋଚ୍ଚ ଅଦାଲତରେ ସେସବୁର ଏକତ୍ରିତ ଶୁଣାଣି ସହ ଗିରଫଦାରିରୁ ଆଶ୍ୱସ୍ତି ପାଇଁ ଆଲ୍ଲାହାବାଦିଆ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟ ଉକ୍ତ ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ବୋଲି ଅଭିହିତ କରିବା ସହ ଏହା ଉପରେ କେନ୍ଦ୍ର ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ୟୁଟ୍ୟୁବ୍ ଓ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବଢ଼ିଚାଲିଥିବା ଅଶ୍ଳୀଳ କଣ୍ଟେଣ୍ଟର ଦୁରୁପଯୋଗ ରୋକିବା ପାଇଁ ଆଇନ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି।**

### ଆଲ୍ଲାହାବାଦିଆଙ୍କ ଗିରଫଦାରି ରୋକିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୮।୨

ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ 'ଅଶ୍ଳୀଳ କଣ୍ଟେଣ୍ଟ' ପୋଷ୍ଟ ହେଉଥିବାରୁ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବିଚାର କରନ୍ତୁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଆହ୍ୱାନ ଦେଇଛନ୍ତି। କେତେକ ଚ୍ୟାନେଲ୍ ଏହି ପ୍ଲାଟ୍‌ଫର୍ମଗୁଡ଼ିକର ଦୁରୁପଯୋଗ କରୁଥିବାରୁ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଣ୍ଡିଆସ୍ ଗଟ୍ ଲାଟେଣ୍ଟ ଶୋ'ରେ ଅତିଥି ଭାବେ ଯୋଗଦେଇଥିବା ୟୁଟ୍ୟୁବର ତଥା ପଡ୍‌କାଷ୍ଟର ରଣବୀର ଆଲ୍ଲାହାବାଦିଆଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ସୁପ୍ରିମକୋର୍ଟ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ୟୁଟ୍ୟୁବ୍‌ରେ ଅଶ୍ଳୀଳ ମନ୍ତବ୍ୟ ସମ୍ପର୍କରେ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ସୋସିଆଲ୍ ମିଡିଆରେ ବିବାଦୀୟ କଣ୍ଟେଣ୍ଟ ରୋକିବା ଦିଗରେ ସରକାର କିଛି କଲେ ଆମେ ଖୁସି ହେବୁ। ସରକାର ଆଇନ ନ ଆଣିଲେ, ତଥାକଥିତ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ୟୁଟ୍ୟୁବରମାନଙ୍କ ଦ୍ୱାରା ହେଉଥିବା ଦୁରୁପଯୋଗକୁ ଆମେ ଫାଙ୍କା ଛାଡ଼ିବାକୁ ଦେବୁନାହିଁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଏଥିସହିତ ଖଣ୍ଡପୀଠ ଉକ୍ତ ମାମଲାରେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କ ସହଯୋଗ ଲୋଡ଼ିଛନ୍ତି।

ବିଅରବିସେପ୍ସ ଭାବେ ଲୋକପ୍ରିୟ ଆଲ୍ଲାହାବାଦିଆ ସମୟ ରାଇନାଙ୍କ ଦ୍ୱାରା ଆୟୋଜିତ ଶୋ'ରେ ଯୋଗଦେଇ ମାତାପିତା ଓ ଯୌନସମ୍ପର୍କ ☞ପୃଷ୍ଠା-୪

# ଛାତିରେ ପିଲା, ହାତରେ ଲାଠି



ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବର୍ଷକର ପିଲାକୁ ଧରି ଡ୍ୟୁଟି କରୁଛନ୍ତି ଆର୍‌ପିଏସ୍ଏଫ୍ ମହିଳା କନ୍‌ଷ୍ଟେବଲ ରୀନା।

ନୂଆଦିଲ୍ଲୀ, ୧୮।୨

ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଶନିବାର ରାତିରେ ଦଳାଚକଟା ଘଟି ୧୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ରେଳ ଷ୍ଟେଶନଗୁଡ଼ିକର ସୁରକ୍ଷା ବଢ଼ାଯିବା ସହ ଭିଡ଼ ପରିଚାଳନା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବା ନେଇ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍) ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାରି ମଧ୍ୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ରେଲୱେ ପ୍ରୋଟେକ୍ସନ ସ୍ପେଶାଲ ଫୋର୍ସ (ଆର୍‌ପିଏସ୍ଏଫ୍)ର ମହିଳା କନ୍‌ଷ୍ଟେବଲ ରୀନାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ୍ସ'ରେ ଆର୍‌ପିଏଫ୍‌ର ଅଫିସିଆଲ୍ ହ୍ୟାଣ୍ଡେଲରୁ ରୀନାଙ୍କ ଭିଡିଓକୁ ଶେୟାର କରାଯାଇଛି, ଯେଉଁଥିରେ ରୀନା ତାଙ୍କ ବର୍ଷକର ପିଲାକୁ ଛାତିରେ ଝୁଲାଇ ଡ୍ୟୁଟି କରୁଥିବା ନଜରକୁ ଆସିଛନ୍ତି। ଉକ୍ତ ଭିଡିଓରେ ରୀନା ହାତରେ ଏକ ଲାଠି ଧରି ଭିଡ଼କୁ ନିୟନ୍ତ୍ରଣ କରୁଥିବାବେଳେ ସେ ତାଙ୍କ ବର୍ଷକର ଶିଶୁକୁ ଏକ ବେବି କ୍ୟାରିୟର ସାହାଯ୍ୟରେ ନିଜ ଛାତିରେ ବାନ୍ଧିଛନ୍ତି। ଭିଡିଓରେ ପିଲାଟି ☞ପୃଷ୍ଠା-୪

SIKSHA 'O' ANUSANDHAN
SAAT-2025
Empowering students for a brighter future
LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM
APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
NIRF INDIA RANKINGS 2024
- 09th Best in Law Category
- 14th Best in University Category
INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025
To apply for admission through SAAT,
Please visit: www.soa.ac.in

# ବିଷ୍ଣୁପଦଙ୍କ ଘରେ ସିବିଆଇ ଚଢ଼ାଉ

### ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ଲାଞ୍ଚ ମାମଲା

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)



ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ଲକ୍ଷ ଟଙ୍କା ଜବତ ଘଟଣା ପୁଣି ଚର୍ଚ୍ଚା ସୃଷ୍ଟି କରିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ମାମଲାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିମିଟେଡ୍‌ର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନିଷ୍ପତ୍ତି ଓ କାର୍ଯ୍ୟକାରିତା



## ପିପିଲିରେ ପହଞ୍ଚିଲା କଂଗ୍ରେସର ସଂକଳ୍ପ ଯାତ୍ରା

**ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)**

କଂଗ୍ରେସର ସଂକଳ୍ପ ପଦଯାତ୍ରା ମଙ୍ଗଳବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଛି। ୩ଦିନିଆ ପଦଯାତ୍ରାରେ ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ଏହି ପଦଯାତ୍ରା ଲିଙ୍ଗିପୁର ଦେଇ ପିପିଲିରେ ପହଞ୍ଚିଛି। ବୁଧବାର ପିପିଲିଠାରୁ ପଦଯାତ୍ରା ଆରମ୍ଭ ହୋଇ ଡେଇସିପୁର ଦେଇ ଚନ୍ଦନପୁରଠାରେ ପହଞ୍ଚିବ। ୨୦ ତାରିଖରେ ଚନ୍ଦନପୁରରୁ ପଦଯାତ୍ରା ବାହାରି ବାଟମଙ୍ଗଳା ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିବ। ଏହାପରେ ପିସିସି ସଭାପତି ଭକ୍ତ ଦାସ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ଶ୍ରୀମନ୍ଦିରରୁ ବାହାରିବା ପରେ ସେ ବଡ଼ଦାଣ୍ଡରେ ଗଣମାଧ୍ୟମକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।



ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ବିମାନବନ୍ଦରରୁ ପୁରୀ ଅଭିମୁଖେ କଂଗ୍ରେସ ନେତା ଓ କର୍ମୀମାନେ ସଂକଳ୍ପ ଯାତ୍ରାରେ ଯାଉଛନ୍ତି।

## ଭାଜପା ଜିଲା ସଭାପତି ପଦକୁ ନେଇ ଅଙ୍କ ଛିଣ୍ଡୁନି

**ସମ୍ବଲପୁର, ୧୮।୨(ଭବାନୀ ଶଙ୍କର ଭୋଇ)**

ରାଜ୍ୟରେ ଥିବା ଭାଜପାର ୩୭ ସାଙ୍ଗଠନିକ ଜିଲା ମଧ୍ୟରୁ ୨ଟି ପର୍ଯ୍ୟାୟରେ ୩୬ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇସାରିଛି। ହେଲେ ସମ୍ବଲପୁର ଜିଲା ଭାଜପା ସଭାପତିଙ୍କ ନାମକୁ ନେଇ ସହମତି ହୋଇ ପାରୁନାହିଁ। ଏହି ପଦ ଏବେ ଅଛିଣ୍ଡା ଅଙ୍କ ହୋଇ ରହିଯାଇଛି । ଜାନୁଆରି ୨୦ରେ ଭାଜପା ଜିଲା ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। କୁଚିଣ୍ଡାର ବରିଷ୍ଠ ନେତା ସୁଶୀଲ କର, ବୁର୍ଲାର ନମ୍ରସକାନ୍ତ ପଟ୍ଟନାୟକ, ସମ୍ବଲପୁରର ସୁଶାନ୍ତ ପୁରୋହିତ ଓ ଶମ୍ଭୁ ବରେଲିଆ ଜିଲା ସଭାପତି ପଦ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିଲେ। ସମ୍ବଲପୁର ସାଙ୍ଗଠନିକ ଜିଲାର ୨୭ ମଣ୍ଡଳରୁ ୨୨ ମଣ୍ଡଳର ମଣ୍ଡଳ ସଭାପତି ଓ ପ୍ରତିନିଧିଙ୍କ ନାମ ଘୋଷଣା ହୋଇଥିଲା। କିନ୍ତୁ କିଛି ମଣ୍ଡଳ ଓ ଜିଲା ସଭାପତି ପଦ ପାଇଁ ଆସିଥିବା ନାମକୁ ନେଇ ଭିନ୍ନ ଚର୍ଚ୍ଚା ହୋଇଛି। ପୂର୍ବରୁ ଜୟନାରାୟଣ ମିଶ୍ରଙ୍କ ସମର୍ଥକମାନେ ଜିଲା ସଭାପତି ଗିରୀଶ ପଟେଲଙ୍କ ବିରୋଧରେ ଖୋଲାଖୋଲି ବିରୋଧ କରିଥିଲେ। ଏପରିକି ଜିଲା କାର୍ଯ୍ୟାଳୟକୁ ଜିଲା ସଭାପତି ଭାବେ ପଟେଲଙ୍କୁ ପଶିବାକୁ ଦିଆଯାଇ ନ ଥିଲା। ଏହାପରେ ସେ ଅନ୍ୟତ୍ର ଜିଲା ସଭାପତିଙ୍କ କାର୍ଯ୍ୟାଳୟ ଖୋଲି ନିଜ ସମର୍ଥକଙ୍କୁ ନେଇ କାର୍ଯ୍ୟ କରୁଛନ୍ତି। ଜୟନାରାୟଣଙ୍କ ସମର୍ଥକ ଭୁବନେଶ୍ୱର ଯାଇ ଦଳର ରାଜ୍ୟସ୍ତରୀୟ ନେତାଙ୍କୁ ଏ ନେଇ ଭେଟିଥିବା ଜଣାପଡ଼ିଛି। ତେବେ ଗୋଷ୍ଠୀ ବିବାଦ ଯୋଗୁ ସମ୍ବଲପୁରରେ କୌଣସି ନାମକୁ ନେଇ ସହମତି ହୋଇ ନ ପାରିବା ଦଳୀୟ ନେତାଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୨୫ରେ ୨୩ ଜିଲା ସଭାପତି ଏବଂ ଫେବୃଆରୀ ୧୬ରେ ୧୩ ସାଙ୍ଗଠନିକ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇସାରିଥିବା ବେଳେ ସମ୍ବଲପୁର ଏଥିରୁ ବାଦ୍ ପଡ଼ିଛି। ଏ ନେଇ ରାଜ୍ୟ ଭାଜପା ଉପସଭାପତି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ପଚାରିବାରୁ ପ୍ରକ୍ରିୟା ଚାଲିଛି, ଖୁବ୍‌ଶୀଘ୍ର ଜିଲା ସଭାପତି ନାମ ଘୋଷଣା କରାଯିବ ବୋଲି କହିଛନ୍ତି।

# ବିଧାନସଭାରେ କିଟ୍ ପ୍ରସଙ୍ଗ: ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି

**ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)**

ବିଧାନସଭାରେ ମଙ୍ଗଳବାର ଶୂନ୍ୟକାଳରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ନେପାଳୀ ଛାତ୍ରୀଛାତ୍ରଙ୍କ ପ୍ରତି ଅମାନବୀୟ ଆଚରଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରଥମେ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଗୃହରେ ପ୍ରସଙ୍ଗକୁ ଉଠାଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ବିଶ୍ୱରେ ନିନ୍ଦିତ ହୋଇଛି। ଅପରପକ୍ଷେ ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ଭାଜପା ଏବେ ଆଇନଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଛନ୍ତି।

ଏହାକୁ ଭାଜପା ସଦସ୍ୟ ବାବୁ ସିଂ ଏବଂ ଇରାସିସ୍ ଆଚାର୍ଯ୍ୟ କାଉଣ୍ଟର କରିଥିଲେ। ଯେଉଁମାନେ କିଟ୍‌ରେ ଠିକାଦାରୀ କାର୍ଯ୍ୟ କରୁଛନ୍ତି ସେମାନେ କେଉଁ ଦଳର ତାହା ତଦନ୍ତ ହେବା ଦରକାର ବୋଲି କହିଥିଲେ। ଏଥିସହ ଘଟଣାରେ ତୁରନ୍ତ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି କରିଥିଲେ। ଅଚ୍ୟୁତଙ୍କ ବିନା ଅନୁମତିରେ କିଟ୍ ପରିସରରେ କିଛି ହୁଏନି, ସବୁଥିରେ ତାଙ୍କର ହସ୍ତକ୍ଷେପ ଥାଏ। ତେଣୁ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଯେଉଁଭଳି ବ୍ୟବହାର କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଘଟଣାରେ ଯଦି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ କିଛି ଠିକ୍ ହେବନି। ଗୁଣ୍ଡାଙ୍କୁ ଲଗାଇ ନେପାଳୀ ଛାତ୍ରୀଛାତ୍ରମାନଙ୍କୁ ମାରପିଟ କରାଯାଉଛି।

- ଆଇନଶୃଙ୍ଖଳା ରକ୍ଷା କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ: ପ୍ରତାପ ଦେବ
- ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି କଲେ ବାବୁ ସିଂ
- ବିଚାର ବିଭାଗୀୟ ତଦନ୍ତ ନ ହେଲେ ଧାରଣା ଦେବି: ବାହିନୀପତି

ଏହା ସୁସ୍ଥ ଗଣତନ୍ତ୍ର ନୁହେଁ। ଏହା ଓଡ଼ିଶା ମାଟିର ସମ୍ମାନର କଥା। ପ୍ରତିଥର ସେ ସବୁ କଥାକୁ ମ୍ୟାନେଜ କରି ଦିଅନ୍ତି। ତେଣୁ ଏଥର ମଧ୍ୟ ମ୍ୟାନେଜ୍ କରିଦେବେ ବୋଲି ଭାବୁଛନ୍ତି। ମାତ୍ର ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ଓ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିବେ ବୋଲି ବାବୁ ସିଂ କହିଛନ୍ତି। ସେହିପରି କିଟ୍ କର୍ତ୍ତୃପକ୍ଷ ଗରିବ ଲୋକମାନଙ୍କ ଜମିକୁ ହଡ଼ପ କରିବା ସହିତ ଜଙ୍ଗଲ ଜମିକୁ ଦଖଲ କରି କୋଠା ଓ ମନ୍ଦିର ନିର୍ମାଣ ଆଦି କରିଛନ୍ତି। ଅନେକ ହଜାର ଏକର ଜମିକୁ କିଟ୍ ଜବରଦଖଲ କରିଛି। ତେଣୁ ଏ ସବୁର ଖୋଳତାଡ଼ ହେବା ଆବଶ୍ୟକ ବୋଲି ବାବୁ କହିଛନ୍ତି। ସେହିପରି ଭାଜପା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଘଟଣାକୁ ନେଇ ବର୍ଷିଛନ୍ତି।

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ନଚେତ୍ ସେ ଗୃହରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ତାରାପ୍ରସାଦ କହିଛନ୍ତି, ଯେଉଁସବୁ ଭିଡିଓ ଭାଇରାଲ୍ ହେଉଛି, ସେସବୁକୁ ଦେଖିଲେ କାନ୍ଦ ଲାଗୁଛି। ନେପାଳୀ ପିଲାମାନଙ୍କୁ ଅତି ଅମାନବୀୟ ଭାବେ ମାରପିଟ୍ କରାଯାଉଥିବା ଭିଡିଓରେ ରହିଛି। ନେପାଳ ସହ ଆମ ସମ୍ପର୍କ ଅତି ଘନିଷ୍ଠ। ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ କସ୍ତୁରୀ ସେଠାରୁ ଆସିଥାଏ। ମାତ୍ର କିଟ୍ କର୍ତ୍ତୃପକ୍ଷ ଯେଉଁଭଳି ଭାବେ ନେପାଳୀ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହା ନିନ୍ଦନୀୟ ବୋଲି ତାରା କହିଛନ୍ତି।

## ଭୋଟ ପାଇଁ ରାଜନୀତି କରେନି : ଜଗଦ୍ଦେବ

**ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)**

ମୁଁ ଭୋଟ ପାଇଁ ରାଜନୀତି କରେନାହିଁ। ନିର୍ବାଚନରେ ହାରଜିତ୍‌କୁ ଭୟ କରେ ନାହିଁ। ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଥାଏ। ଛାତ୍ର ନେତାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସିଛି। କିଏ ମୋତେ ଭଲପାଉ କିମ୍ବା ନ ପାଉ, କାହା ପାଇଁ ବିକାଶ କାମ ଅଟକିବନି। ଦ୍ୱିତୀୟ ଥର ଲାଗି ଖୋର୍ଦ୍ଧାବାସୀ ମୋତେ ଭୋଟ ନ ଦିଅନ୍ତୁ ପଛକେ ଏକ ସମୃଦ୍ଧ, ଆଦର୍ଶ ଖୋର୍ଦ୍ଧା ନିର୍ମାଣ ମୋର ଲକ୍ଷ୍ୟ ରହିଛି। ଏଥିରୁ ବିଚ୍ୟୁତ ହେବି ନାହିଁ ବୋଲି ଖୋର୍ଦ୍ଧା ଟାଉନ ହଲ୍‌ଠାରେ ଅନୁଷ୍ଠିତ ସହରାଞ୍ଚଳ ସର୍ଭେ 'ନକ୍ସା'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଏହା କହିଛନ୍ତି।

ସେ ଆହୁରି କହିଥିଲେ, ରାଜଧାନୀର ଜିଲା ମୁଖ୍ୟାଳୟ ସତ୍ତ୍ୱେ ଏହାର ସମୁଚିତ ବିକାଶ ହୋଇପାରିନାହିଁ। ସଙ୍କୀର୍ଣ୍ଣ ମନୋଭାବ, ଭୋଟବ୍ୟାଙ୍କ ରାଜନୀତିରେ ଠପ୍ ହୋଇଯାଇଥିବା ଖୋର୍ଦ୍ଧାର ବିକାଶ ତ୍ୱରାନ୍ୱିତ ହେବ। ଚିଲିକା, ବେଗୁନିଆ ପରେ ଖୋର୍ଦ୍ଧା ବିଧାୟକ ହୋଇଛି। ଖୋର୍ଦ୍ଧାବାସୀ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସହର ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦିଆଯିବ। ଆରୋପ ପ୍ରତ୍ୟାରୋପ, ନିଜ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ଉଠି ସହର ବିକାଶ, ସମୃଦ୍ଧ ପ୍ରଗତିଶୀଳ ଖୋର୍ଦ୍ଧା ନିର୍ମାଣ ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ। ୨୦୩୬ ଉତ୍କର୍ଷ ଓଡ଼ିଶା, ଉତ୍କର୍ଷ ଖୋର୍ଦ୍ଧା ପାଇଁ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଭୁଲି ଆଗେଇ ଆସିବାକୁ ବିଧାୟକ ଜଗଦ୍ଦେବ ଆହ୍ୱାନ ଦେଇଛନ୍ତି।

## କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ: ସିପିଆଇ(ଏମ୍)




କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ ପ୍ରଦର୍ଶନ।

**ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ):** କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସିପିଆଇ(ଏମ୍) ରାଜ୍ୟ କମିଟି ଅଭିଯୋଗ କରିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ ନ କରି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ମାନସିକସ୍ତରରେ ନିର୍ଯାତନା ଦେଉଛନ୍ତି। ଛାତ୍ରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଚପାଇ ଦେବା ଓ ଦମନମୂଳକ ଆଚରଣ ପ୍ରଦର୍ଶନ ସହିତ ଆକ୍ରମଣ କରିଛନ୍ତି। ଜୋରକରି ଅନେକ ଶହ ଛାତ୍ରୀଛାତ୍ରଙ୍କୁ ଗାଡିରେ ନେଇ କଟକ ରେଳଷ୍ଟେଶନରେ ଟ୍ରେନରେ ବସାଇ ବିଦା କରିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ରାଜ୍ୟର ପ୍ରଶାସନ ଓ ପୋଲିସ ସହାୟତାରେ କିଟ୍ କର୍ତ୍ତୃପକ୍ଷ ଏଭଳି ବର୍ବର ଆଚରଣ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ମଧ୍ୟ ବିଫଳ ହୋଇଛି। ତେଣୁ କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଜମି ହଡ଼ପ କେଲେଙ୍କାରୀର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସିପିଆଇ(ଏମ୍) ଦାବି କରିଛି। ଏଥିସହ କିଟ୍ ସମେତ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁରକ୍ଷା ଦିଆଯିବା ଓ ଉଚ୍ଚ ଶିକ୍ଷାର ଦ୍ରୁତ ବ୍ୟବସାୟୀକରଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସିପିଆଇଏମ୍ ପକ୍ଷରୁ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ ଦାବି କରାଯାଇଛି।

झारखण्ड सरकार
पेयजल एवं स्वच्छता प्रमंडल, सरायकेला

ई० निविदा सूचना

ई० निविदा सूचना संख्या– DWSD/SKL/MVS/29/2024-25 दिनांक :– 18.02.2025

The undersigned on behalf of the Government of Jharkhand invites bids for the work mentioned In table below through e-Procurement from eligible and approved Contractors, registered in with Drinking Water & Sanitation Department. Government of Jharkhand, Central Government, State Government any PSU or any Agency of International or National repute may participate in the bid the bid but registration with Drinking Water & Sanitation Department, Government of Jharkhand will be essential within a period of two months from date of award after issue of Letter of Acceptance. The bid shall be submitted online in the Website http://jharkhandtenders. gov.in. The bidder(s) should have necessary portal enrolment with their own Digital Signature Certificate.

| | | |
|---|---|---|
| 1 | कार्य का नाम | Detailed survey, Designing and Drawing, Construction of R.C.C. Intake well cum Pump House, R.C.C. Gangway, Conventional Water Treatment plant , RCC Elevated Service, Reserviour nos. Staff Quarter, Compound wall, Highway, Crossing, Supplying and laying Raw and Clear Water rising main and Distribution Network, House Connection, Supplying and installation of VT and Centrifugal pump motor, Five years Operation and maintenance with allied works etc. all complete job for **Dudra-Kamalpur Rural Pipe Water Supply Scheme, District Saraikela-Kharsawan on Turn key basis For the year of 2024-25 underD. W. &S. Division Saraikela on turnkey basis** |
| 2 | प्राक्कलित राशि | रू० 771.81 लाखे |
| 3 | अग्रधन की राशि | रू० 7.72 लाख |
| 4 | परिमाण विपत्र की राशि | रू० 10,000.00 |
| 5 | कार्य पूर्ण करने की अवधि | 18 माह + 3 माह परिचालन एवं परीक्षण |
| 6 | वेबसाईट पर निविदा प्रकाशन की तिथि एवं समय | दिनांक 25.02.2025, अपराह्न 05.00 बजे से |
| 7 | प्री बीड मीटिंग की तिथि एवं समय | दिनांक 04.03.2025, 12:30 बजे अपराह्न। अभियंता प्रमुख्य का कार्यालय पेयजल एवं स्वच्छता विभाग, नेपाल हाउस, झारखण्ड, राँची |
| 8 | बीड प्राप्त की अंतिम तिथि एवं समय | दिनांक 20.03.2025 03.00 बजे तक। |
| 9 | सरकार के सचिव, सूचना प्रोधोगिकी एवं ई–गवर्नेंस, झारखण्ड मंत्रालय, के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन की राशि ऑनलाईन जमा करने की अन्तिम तिथि एवं समय | दिनांक 21.03.2025, 03.00 बजे अपराहन तक |
| 10 | निविदा खोलने की तिथि एवं समय | दिनांक 22.03.2025, 03.00 बजे तक। |
| 11 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता पेयजल एवं स्वच्छता प्रमंडल, सरायकेला |
| 12 | प्रोक्योरमें कार्यालय का सम्पर्क नं0 | 9234850400, 7209358672 |
| 13 | ई–प्रोक्योरमेंट सेल का हेल्प लाईन नं0 | 0651 2480345 |

नोट– प्राक्कलित राशि एवं अग्रधन की राशि घट–बढ़ सकती है।
विस्तृत जानकारी हेतु वेबसाईट नं0 http://jharkhandtenders.gov.in पर देखा जा सकता है।
PR 346656 Water Resource (24-25)_D
कार्यपालक अभियंता
पेयजल एवं स्वच्छता प्रमंडल, सरायकेला

ପୂର୍ବ ତଟ ରେଳପଥ
ସାମଗ୍ରୀଗୁଡ଼ିକର ଯୋଗାଣ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr. DMM/SBP/Stores/ Tender Publication/2025, ତା.14.02.2025ରିଖ
ଟେଣ୍ଡର ନଂ. GEM/2025/B/5954296 :
ସାମଗ୍ରୀ ଗୁଡ଼ିକର ବିବରଣୀ: ସମ୍ବଲପୁର ମଣ୍ଡଳର ପରିଚାଳନା ବିଭାଗ ଦ୍ୱାରା 30 ମାସର ଅବଧି ବର୍ଷ (914 ଦିନ) ପାଇଁ ମଣ୍ଡଳରେ ଟ୍ରାଫିକ ଲେଭଲ କ୍ରସିଂ ଫାଟକରେ 71 ଜଣ ପୂର୍ବତନ ସୈନିକଙ୍କୁ ଗେଟମ୍ୟାନ ଭାବରେ ନିଯୁକ୍ତି ପାଇଁ ଆଉଟସୋର୍ସିଂ (Outsoursing) ।
ଟେଣ୍ଡର ମୂଲ୍ୟ (₹): 8,65,28,362.00, EMD @ 2% (₹) : 17,30,567.00 ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.03.2025ରିଖ 15.00 ଘଟିକାରେ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର
PR-996/P/24-25

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

DISTRICT PROJECT OFFICE, SAMAGRA SHIKSHA, PURI
(ODISHA SCHOOL EDUCATION PROGRAMME AUTHORITY (OSEPA))
(Department of School & Mass Education, Odisha)
E-mail: dpcpurissa.opepa@nic.in, fcpurissa.opepa@nic.in
Letter No. 1239 Date: 18.02.2025

NOTICE INVITING TENDER (NIT)

Sealed tenders are invited from the reputed & credible printers/firms/agencies for printing & supply of **"Question-cum-Answer Sheets, Answer Key & Oral questions for SA-II 2024-25 for Class-I to VIII Students"** in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of "Question-cum-Answer Sheet for SA-II 2024-25 for Class-I to VIII Students" | Rs.1,000/- | Rs.50,000/- | 28.02.2025 upto 2 P.M. | 28.02.2025 at 3.30 P.M. |

The detailed BID document is available in the website **www.puri.odisha.gov.in / www.opepa.odisha.gov.in**. Interested and eligible agency/firm may download the BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence, potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part / all BID/Cancel the entire selection process at any stage without assigning any reason thereof.

**Sd./- DEO-cum-District Project Coordinator, SS**

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଡିମାଣ୍ଡ ନୋଟିସ୍ (ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଖୋର୍ଦ୍ଧା ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| କ୍ର. ନଂ. | ଖୋର୍ଦ୍ଧା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ହରେକୃଷ୍ଣ ଷ୍ଟୋନ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀ ଦିବାକର ମହାରଥୀ,** ସା: ଡିହପୁର, ପୋ.: ଡିହପୁର, ବାଜପୁର, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ, ସା: ଦୁର୍ଗାପୁର, ବେଗୁନିଆ, ପୋ./ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୫ | ୧୯.୧୧.୨୦୨୪ / ୧୭.୦୧.୨୦୨୫ / ଠିକଣାଧାରୀ ନାହାଁନ୍ତି | ୧) କ୍ୟାଶ୍ କ୍ରେଡ଼ିଟ: ଟ.୧୫,୦୦,୦୦୦/- ୨) ପିଏମଏମୱାଇ (ଟିଏଲ): ଟ.୪,୦୦,୦୦୦/- ୩) ପିଏମଏମୱାଇ (ଟିଏଲ): ଟ.୩,୫୦,୦୦୦/- | ୧) ବାର୍ଷିକ - ୧୧.୭୫% ୨) ବାର୍ଷିକ - ୧୧.୭୫% ୩) ବାର୍ଷିକ - ୧୧.୭୫% | ୧୭.୦୧.୨୦୨୫ ସୁଦ୍ଧା ଟ.୧୬,୦୭,୮୭୫.୨୫ + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, (ବର୍ତ୍ତମାନ ଖୋର୍ଦ୍ଧା ସଦର), ଥାନା ନଂ.: ୮୧, ମୌଜା: ଦୁର୍ଗାପୁର, ତହସିଲ: ବେଗୁନିଆ, ଏସ୍‌ଆରଓ: ଖୋର୍ଦ୍ଧା, ଖାତା ନଂ.: ୨୮୬, ପ୍ଲଟ୍ ନଂ.: ୧୯୫, କ୍ଷେତ୍ର: ଏକର ୦.୧୩୫ ଡ଼ିସିମିଲି, ଅନୁରୂପ ସାବିକ ଖାତା ନଂ.: ୨୮୯, ପ୍ଲଟ୍ ନଂ.: ୧୩୭, କିସମ: ଘରବାରୀ ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ଭରତ ସାମନ୍ତସିଂହାର, ଦକ୍ଷିଣ: ବାଇଧର ସୁନ୍ଦରା

ଉପର ସାରଣୀରେ ଦର୍ଶିତ ଆମ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ବାଡ଼ି ବଗିଚା କାମ ପାଇଁ ଲୋକ ଦରକାର। ଖାଇବା, ରହିବା ସହ ୧୦,୦୦୦ ଦିଆଯିବ।
ଫୁଲନଖରା, କଟକ
7809525452

ASSISTANT REQUIRED
Qualification: +3 Arts (English language mode) + PGDCA, Age 30 to 50yrs & Driving license 2 wheeler Monthly salary- Rs.10,000/- to 14,000/- basing on merit to finalize on interview. Annual increment scope available. Apply with certificate copies and Aadhar card to L.palo & Sons, Palo Colony, Bhanjanagar-761126. (male or female candidate), Contact- 9438572007, 9437448343, Mail id- lrpalo@yahoo.in

ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍ ପାଇଁ ପୁଅ ଏବଂ ଝିଅ ଆବଶ୍ୟକ।
-: ଯୋଗାଯୋଗ :-
୯୭୭୭୬୩୧୪୦୪
ଏନ୍‌ଆଇଟି, ଭୁବନେଶ୍ୱର

WANTED
Female Diploma Nursing/Matriculate to work in a Clinic at Bhubaneswar.
For Walk in Interview details Call - 9437130007

JPSS PVT. LTD.
REQUIREMENT DEO
Salary: Rs.12,000.00
Send Bio-Data to Whatsapp No.
8093996451

WANTED
Wanted young & good-looking massage boy for Body Massage Center at Bhubaneswar.
Contact : 9861550765

WALK IN INTERVIEW
ORICON EQUIPMENTS PVT. LTD. M&M division requires the following candidates for BHUBANESWAR & CUTTACK
SALES EXECUTIVE
Graduate/Diploma/ITI/+2 up to 0-5 years experience in Automobile, Commercial vehicle, Construction Equipment, Tractor & Agriculture equipment or Fresher smart candidates also apply. Candidate must have their own vehicle.
(Salary is not a constraint for desirable candidate experience or fresher)
Date of Interview : 16th (SUNDAY) & 20th (Thursday) February - 2025, Time - 10A.M. to 3 P.M.
KALINGA AUTOMOBILES PVT. LTD.
PLOT NO : B , UNIT - 1 , BAPUJI NAGAR , BHUBANESWAR, BACK SIDE OF INDIAN PETROL PUMP, PIN-751009, Mob No: 9938044881 & 9938449915
Send your CV : hrofficer@kttorissa.com , careers@kttorissa.com

WALK-IN INTERVIEW
SRM UNIVERSITY AP Andhra Pradesh
SRM University-AP is seeking talented, motivated, and research-oriented faculty members to fill various postions in the Department of Computer Science and Enginerring (CSE).
Position: Assistant Professor/Associate Professor/Professor
Qualification: PhD in CSE or other relevant areas with excellent academic and publication records or industry experience. Canditates who have submitted their thesis can also apply.
Highlights:
• Support for research through Professional Development Allowance, Seed Grant (Upto 50 Lakhs) and allotment of PhD scholars/Postdocs.
• Encouragement for patent publication, consultancy and technology transfer through our dedicated research centres.
• Attractive compensation based on qualifications and experience. Compensation will not be a constraint for exceptional candidates.
• Subsidized accommodation (subject to availability), full support in finding near by accommodation, on-campus childcare facilities and free local transport to the campus for work and back in selected routes.
• Comprehensive medical cover for self and family - Rs.5,00,000/-
• Term life insurance - Rs.15,00,000/-
Interested candidates are requested to attend the walk-in interview.
Date: February 23, 2025 | Time: 9:00 AM to 4:00 PM
Venue: Hotel Pal Heights, J-7, Jayadev Vihar-Ekamra Kanana Rd, Jayadev Vihar, Bhubaneswar, Odisha - 751013
For any inquiries, please contact: +91 9032067774 / 9790733507

# ଯୁକ୍ତ୨ ପରୀକ୍ଷା ଆରମ୍ଭ

## ପ୍ରଶ୍ନପତ୍ର ଲିକ୍ ବା ଗୁଜବ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଆଜି କଳା, ବାଣିଜ୍ୟ ବିଦ୍ୟାର୍ଥୀଙ୍କ ମାତୃଭାଷା ପରୀକ୍ଷା

ଭୁବନେଶ୍ୱର,୧୮।୨ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା(ଓଡ଼ିଆ)ରେ ପରୀକ୍ଷା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ୨୦ରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରୀକ୍ଷା ସମୟ ନ ସରିବା ଯାଏ କୌଣସି ପରୀକ୍ଷାର୍ଥୀଙ୍କୁ ବାହାରକୁ ଯିବାକୁ ଦିଆଯାଇ ନ ଥିଲା। କପି ରୋକିବା ପାଇଁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିବାବେଳେ ପରୀକ୍ଷା କେନ୍ଦ୍ରର ବାହାର ଗେଟ୍‌ଠାରୁ ପିଲାଙ୍କୁ ଚେକିଂ କରି ପଠାଯାଇଥିଲା। ସେହିପରି ବୁଧବାର କଳା ଓ ବାଣିଜ୍ୟ ବିଦ୍ୟାର୍ଥୀ ମାତୃଭାଷା(ଓଡ଼ିଆ)ରେ ପରୀକ୍ଷା ଦେବେ। ଏବର୍ଷ ଅଧିକ ପିଲା ପରୀକ୍ଷା ଦେଉଥିବାରୁ ସିଏଚ୍‌ଏସ୍‌ଇ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ଜଣ ଏବଂ ବାଣିଜ୍ୟରେ ୨୫ ହଜାର ୫୨୬ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ଗୁରୁବାରଠାରୁ ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆରମ୍ଭ ହେବ ଓ ଏଥିରେ ୫ହଜାର ୭୨୧ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ବା ଗୁଜବ ସୃଷ୍ଟି କଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ କେବଳ ବିଦ୍ୟାଳୟର ଆଇଡି କାର୍ଡ, ପରୀକ୍ଷା ଆଡ୍‌ମିଟ କାର୍ଡ ଓ ପେନ ନେଇ ଯିବେ। ପରୀକ୍ଷା ହଲ୍ ପରିସରକୁ କୌଣସି ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ନେବାକୁ ବାରଣ କରାଯାଇଛି। ମୋବାଇଲ ଫୋନ୍, ବ୍ଲୁଟୁଥ୍, ଇୟର ଫୋନ, ମାଇକ୍ରୋଫୋନ୍, ସ୍ମାର୍ଟ ୱାଚ୍, ୱାଲେଟ, ଗଗଲ୍ସ, ହ୍ୟାଣ୍ଡବ୍ୟାଗ, ପାଉଚ୍, ରଙ୍ଗବେରଙ୍ଗର ପାଣି ବୋତଲ ନେବାକୁ ମନା କରାଯାଇଛି। ସ୍ୱଚ୍ଛତା ସହିତ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ଲିକ୍ ବା ଗୁଜବ ସୃଷ୍ଟି କଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।



ପ୍ରଥମ ଦିନରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷାରେ ପରୀକ୍ଷା ଦେଉଛନ୍ତି। (ଫଟୋ– ବିକାଶ ନାୟକ)





# ପରୀକ୍ଷା ବେଳେ ଅଚେତ ହୋଇପଡ଼ିଲେ ୪ ଛାତ୍ରୀ

## ରିଭଲକଣା ଆଶ୍ରମ ସ୍କୁଲରେ ଅଘଟଣ

ରାୟଗଡ଼ା,୧୮।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ରିଭଲକଣା ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ମଙ୍ଗଳବାର ଅଘଟଣ ଘଟିଛି। ବିଦ୍ୟାଳୟ ଶ୍ରେଣୀକକ୍ଷରେ ପରୀକ୍ଷା ଦେଉଥିବାବେଳେ ୪ଜଣ ନବମ ଶ୍ରେଣୀ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସେମାନେ ହେଲେ ଇନ୍ଦୁ ହିମିରିକା, ଇନ୍ଦୁ କଣ୍ଡାଗରି, ରିଙ୍କି ନାଚିକା ଓ ସୁମିତ୍ରା ହିମିରିକା । ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟୱାରି ସୂଚନା ପାଇବା ପରେ ତୁରନ୍ତ ସେମାନଙ୍କ ଚିକିତ୍ସା କରିବା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ସେମାନଙ୍କ ଅବସ୍ଥା ଭଲ ଥିବା ଜିଲାପାଳ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଉକ୍ତ ୪ ଛାତ୍ରୀ ବିଦ୍ୟାଳୟର ହଷ୍ଟେଲରେ ରହୁଛନ୍ତି । ପ୍ରତିଦିନ ଭଳି ମଙ୍ଗଳବାର ସକାଳେ ସେମାନେ ଭୋଜନରେ ଭାତ, ଡାଲି ଓ ଅଣ୍ଡା ତରକାରି ଖାଇ ସ୍କୁଲକୁ ଆସିଥିଲେ । ବିଦ୍ୟାଳୟରେ ଇଂଲିଶ ପରୀକ୍ଷା ଦେବା ସମୟରେ ପ୍ରାୟ ୧୧ଟା ବେଳେ ଇନ୍ଦୁ ହିମିରିକା ପ୍ରଥମେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ଏହାପରେ ଅନ୍ୟ ୩ ଜଣ ଇନ୍ଦୁ କଣ୍ଡାଗରି , ରିଙ୍କି ଓ ସୁମିତ୍ରା ମଧ୍ୟ ଅଚେତ ହୋଇପଡ଼ିଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ହଷ୍ଟେଲ ମାଟ୍ରନ ଚଞ୍ଚଳା ସାହୁଙ୍କୁ ଜଣାଇବା ସହ ଆମ୍ବୁଲାନ୍ସ ଡାକି ସମସ୍ତ ୪ ଛାତ୍ରୀଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ଉକ୍ତ ୪ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିବା ପାଇଁ ପରାମର୍ଶ ଦେଇଥିଲେ ।

## କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯାତନା ଘଟଣା

# ୩ ଅଧିକାରୀଙ୍କ ସମେତ ୫ ଗିରଫ

- ବହିଷ୍କୃତ ହେଲେ ୨ ଅଭିଯୁକ୍ତ ସୁରକ୍ଷା କର୍ମୀ
- ହଷ୍ଟେଲର ୨ ଅଧିକାରୀ, ଆଇଆର୍‌ଓ ଅଧିକାରୀଙ୍କୁ ନିଲମ୍ବନ କଲା କିଟ୍
- ବିଶ୍ୱ ବିଦ୍ୟାଳୟ ସାମ୍ନାରେ ଛାତ୍ରୀଛାତ୍ରଙ୍କ ନୀରବ ପ୍ରତିବାଦ

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟରେ ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ନେପାଳୀ ଇଞ୍ଜିନିୟରିଂ ଛାତ୍ରୀ ପ୍ରକ୍ରିତି ଲାସ୍‌ମଲ୍ ଆତ୍ମହତ୍ୟା କରିବା ଏବଂ ପରେ କର୍ତ୍ତୃପକ୍ଷ ନେପାଳୀ ଛାତ୍ରୀଛାତ୍ରଙ୍କୁ ମାଡ଼ମାରି କ୍ୟାମ୍ପସରୁ ବିଦା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାକୁ ଦୁଇଦିନ ବିତିଥିବା ବେଳେ ବିଶ୍ୱବିଦ୍ୟାଳୟରେ ଅଶାନ୍ତି ଲାଗି ରହିଛି। ଆକ୍ରମଣର ଭିଡିଓ ଭାଇରାଲ ସହ ସବୁଆଡୁ ଚାପ ପଡ଼ିବା ପରେ ମାଡ଼ ମାରି ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସରୁ ବାହାର କରିଥିବା ଅଭିଯୋଗରେ ୩ଜଣ ନିର୍ଦ୍ଦେଶକ ଏବଂ ୨ଜଣ ସୁରକ୍ଷା କର୍ମୀଙ୍କୁ ମଙ୍ଗଳବାର କମିଶନରେଟ୍ ପୋଲିସ ଗିରଫ କରିଛି। ସେମାନେ ହେଲେ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଜେନେରାଲ ଏଚ୍‌ଆର୍ ଶିବାନନ୍ଦ ମିଶ୍ର (୫୯), ଡାଇରେକ୍ଟର (ଆଡ୍‌ମିନ୍) ପ୍ରତାପ କୁମାର ଚମ୍ପତି (୫୧), ହଷ୍ଟେଲ ଡାଇରେକ୍ଟର ସୁଧୀର କୁମାର ରଥ (୫୯), ସୁରକ୍ଷାକର୍ମୀ ରମାକାନ୍ତ ନାୟକ (୪୫) ଓ ଯୋଗେନ୍ଦ୍ର ବେହେରା (୨୫)। ଏହି ଘଟଣାକୁ କେନ୍ଦ୍ର କରି ଇନ୍‌ଫୋସିଟି ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୨୬(୨), ୨୯୬, ୧୧୫(୨), ୩(୫)ରେ ଏକ ମାମଲା (ନଂ.୫୫/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ଅଦାଲତରୁ ଜାମିନ ମିଳିଥିବା ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କୁ ଖୁବ୍‌ଶୀଘ୍ର ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରୁଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଯଥାଶୀଘ୍ର ସେଠାରୁ ଚାଲିଯିବାକୁ ତାଗିଦ୍ କରିଥିଲେ। ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରିବାରେ ସାମାନ୍ୟ ବିଳମ୍ବ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାରପିଟ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ କିଟ୍ ପକ୍ଷରୁ ଦୁଇ ଅଭିଯୁକ୍ତ ସୁରକ୍ଷା କର୍ମୀଙ୍କୁ ବହିଷ୍କୃତ କରାଯିବା ସହ ହଷ୍ଟେଲ ଦାୟିତ୍ୱରେ ଥିବା ଦୁଇ ଅଧିକାରୀ, ଇଣ୍ଟରନ୍ୟାଶନାଲ ରିଲେଶନ୍‌ସ ଅଫିସ (ଆଇଆର୍‌ଓ)ର ଜଣେ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ତେବେ ଏହା କରି କିଟ୍ ପୂରା ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। କିଟ୍ ପକ୍ଷରୁ ଏହି ଘଟଣାରେ ଦୁଃଖ ପ୍ରକାଶ କରାଯିବା ସହ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମୃତ ପୀଡ଼ିତାଙ୍କୁ ନ୍ୟାୟ ଓ ମାଡ଼ ମାରିଥିବା କର୍ମଚାରୀଙ୍କ କ୍ଷମାପ୍ରାର୍ଥନା ଦାବିରେ ଛାତ୍ରୀଛାତ୍ରମାନେ କିଟ୍ ସମ୍ମୁଖରେ ନୀରବ ପ୍ରାର୍ଥନା କରି ଆନ୍ଦୋଳନ କରିଥିଲେ। ଟାଣ ଖରାରେ ବିଭିନ୍ନ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ହଷ୍ଟେଲ ୱାର୍ଡେନ୍ ଜୟନ୍ତୀ ନାଥ ଓ ମଞ୍ଜୁଷା ପାଣ୍ଡେ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରା କରିଛନ୍ତି। ଏଥିସହ କିଟ୍ ସମ୍ମୁଖରେ ଥିବା ଆଇ ଲଭ୍ କିଟ୍‌କୁ ଭାଙ୍ଗୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ତେବେ ଏହି ଘଟଣାକୁ କେନ୍ଦ୍ର କରି ଏବେ ବି କ୍ୟାମ୍ପସ୍‌ରେ ଅଶାନ୍ତ ଲାଗି ରହିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରକ୍ତଦାନ ଶିବିର, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ସକାଳ ୯ଟା।
- ଲୋନ୍ ମେଳା, ସ୍ଥାନ: ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଏଣ୍ଟରପ୍ରିନ୍ୟୁଓରଶିପ ଡେଭେଲପମେଣ୍ଟ, ମଞ୍ଚେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ପ୍ରତିଷ୍ଠା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଏସ୍‌ଆଇଆର୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କନ୍‌ଫରେନ୍ସ ହଲ୍, ସିଏସ୍‌ଆଇଆର୍ ପରିସର, ସମୟ: ଅପରାହ୍ନ ୪ଟା ୪୫।
- ଶ୍ରୀ ଶ୍ରୀ କାନନେଶ୍ୱର ଦେବ ସଂସ୍ଥାନ ଦ୍ୱାରା ମହାଯଜ୍ଞ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାନନ ବିହାର, ପଟିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍ତର ପୁରୁଷ ନାଟକ ଉତ୍ସବ ଅବସରରେ ନାଟକ 'ଉତ୍ତର ଦାୟାଦ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## କଟକ

- ଉପଖଣ୍ଡସ୍ତରୀୟ କୃଷକ ସାଥୀଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ନିଜିଗଡ କଲ୍ୟାଣ ମଣ୍ଡପ, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିବୁଧେନ୍ଦ୍ର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା।

## ଖୋର୍ଦ୍ଧା

- ଶିବାଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ମଶାଲ ଶୋଭାଯାତ୍ରା, ସ୍ଥାନ: ଗୀତାଭବନ ପଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।
- ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କାଇପଦର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମ୍ୟୁନିସିପାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ହୁଙ୍କେଶ୍ୱର ମହାଦେବଙ୍କ ନବ ନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: ଘରପଦା, ବନ୍ତ, ସମୟ: ସକାଳ ୯ ଟା।
- ଗଣିତ ଓ ବିଜ୍ଞାନ ମେଳା, ସ୍ଥାନ: ମଠଡ଼ିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ମଠଡ଼ିହ, ଆରଡି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ନିମାପଡ଼ା, ବନ୍ତ, ସମୟ: ଅପରାହ୍ନ ୧ ଟା।

## କେନ୍ଦୁଝର

- ସତ୍ୟସାଇ ସମିତିରେ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମରୈଗାଁ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଅଷ୍ଟମ ପ୍ରହର ଉତ୍ସବ, ସ୍ଥାନ: ପନ୍ଦାଡୋ, ହାଟଡ଼ିହୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ବେଦପାଠ, ସ୍ଥାନ: ମୁର୍ମୁ ଛକ, ରାଇରଙ୍ଗପୁର, ସମୟ: ସକାଳ ୮ଟା।
- କରଞ୍ଜିଆ ସହିତ ଡିଆରକେ(ବି) କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୯ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ସହର ସମସ୍ୟାକୁ ନେଇ ସିପିଆଇର ବିକ୍ଷୋଭ, ସ୍ଥାନ: ବିଇଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା୩୦।

## ଗଞ୍ଜାମ

- ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା, ସ୍ଥାନ: ଛତ୍ରପୁର ସରକାରୀ ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ହନୁମାନଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବାଲିଗୁଡା ପାଟଖଣ୍ଡା ମନ୍ଦିର ପରିସର,ସମୟ: ସକାଳ ୯ଟାରୁ ଆରମ୍ଭ।
- ଡିମ୍ଭୁଲି ମହୋତ୍ସବ ଉଦଯାପନୀ, ସ୍ଥାନ: ଦୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ଡର୍ଗାବାଲି, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ନିଖିଳ ଓଡ଼ିଆ ପାଲା ଗାୟକ ସଂଘର ଦୁଇଦିନିଆ ବାର୍ଷିକ ସମ୍ମିଳନୀ, ସ୍ଥାନ: ପୋର୍ଟ ବଣିକସଂଘ,ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ରକ୍ତଦାନ ଶିବିର, ସ୍ଥାନ: ଶ୍ରୀଅନନ୍ତ ଗୋପାଳ ଆଶ୍ରମ, ଚାରିଗାଁ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ପାଟକୁରା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ପାଟକୁରା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଗୀତା ଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ହଂସ ଆଶ୍ରମ, ସମୟ:ସକାଳ ୮ଟା।
- ମହିଳା ଆତ୍ମ ସୁରକ୍ଷା ଶିବିର, ସ୍ଥାନ: ନୀଳ ମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା।
- ମହିଳା ଆତ୍ମରକ୍ଷା ଦକ୍ଷତା କର୍ମଶାଳାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନେହୁରୁପଙ୍ଗା ଗ୍ରାମ,ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଜବାହାର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଉନ୍ନୟନ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଠାକୁରାଣୀଙ୍କ ନବଦିନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ଜଳବିଭାଜିକା ଯାତ୍ରା କାର୍ଯ୍ୟକ୍ରମ ନେଇ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲାରେ ୨୦୨୫-୨୬ ବର୍ଷରେ କଫି ଚାଷ ନେଇ ସମୀକ୍ଷା, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି

- ବଡଯାତ୍ରା ପାଇଁ ବାଉଁଶମରା କାର୍ଯ୍ୟକ୍ରମ, ସ୍ଥାନ: ସାତବାନପାଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ବଡସିଂହାରୀ, ସମୟ : ସକାଳ ୭ଟା।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କୋରାପୁଟ ଏବଂ ସୁବର୍ଣ୍ଣପୁର ଜିଲା ମଧ୍ୟରେ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ କୁଶଙ୍ଗଠାରେ ବ୍ଲକ ପୁନର୍ଗଠନ ନେଇ ବୈଠକ, ସ୍ଥାନ: ମା' କୁଶଙ୍ଗାଇ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଡେଲି ମାର୍କେଟ, ସମୟ: ସକାଳ ୬ଟା ୩୦।
- ସୌମ୍ୟଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୯ଟା।
- ବାଳିକା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବିନୋବା ସ୍କୁଲ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ୍ୟା ମହିଳା ସମିତି ବୈଠକ, ସ୍ଥାନ: ଉତ୍କଳ ବିହାର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଇବ୍ ନଗର, ଆଇଆର୍‌ଆଇଟି କଲୋନୀ ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ନେହେରୁ ଯୁବ କେନ୍ଦ୍ର ତରଫରୁ ପଞ୍ଚଦିବସୀୟ ଆନ୍ତଃ ଜିଲା ଯୁବ ଭାବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଅମ୍ବା ରେସିଡେନ୍ସି, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଗଙ୍ଗାଧର ନଗର, ବରଗଡ଼,ସମୟ: ସକାଳ ୮ଟା।
- ଶ୍ରୀ ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ:ଲୋକକଳା ମଣ୍ଡପ(ହିମାଦ୍ରୀନଗର), ଘେଁସ୍, ସୋହେଲା, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା ଇଟିସି ପ୍ରଶିକ୍ଷଣ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଚବିଶ ପ୍ରହର ନାମଯଜ୍ଞର ଦିତୀୟ ଦିବସ, ସ୍ଥାନ: ପୁରୁମୁଣ୍ଡା ଗ୍ରାମ, ବୌଦ୍ଧ, ସମୟ: ଅହୋରାତ୍ର।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ବୌଦ୍ଧିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମେଳା, ସ୍ଥାନ:ସୋନପୁର ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଏନ୍‌ସିସି କ୍ରିକେଟ ଚାମ୍ପିୟନ ଟ୍ରଫି କ୍ରିକେଟର ଫାଇନାଲ, ସ୍ଥାନ: କାନପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ଏଡ୍‌ସ ସଚେତନତା ଶିବିର, ସ୍ଥାନ: ଗୌରଡ଼ିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଇଁଲାପାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ରାହୁଙ୍କ ସହ ମନ୍ତ୍ରଣାଦାତା ଶୁକ୍ରଙ୍କ ସଂଯୋଗ କାରଣରୁ କୌଣସି ସିଦ୍ଧାନ୍ତ ନେବାରେ ଅସ୍ଥିରତା ଅନୁଭବ କରିବେ। ନିଜ ଲୋକ ମଧ୍ୟ ଅନ୍ୟମାନଙ୍କ ସହ ମିଶି ବିରୁଦ୍ଧାଚରଣ କରିପାରନ୍ତି। ଶିଳ୍ପ,ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକର ସାମ୍ନା କରିପାରନ୍ତି। ନିର୍ମାଣ, ବିବାଦୀୟ ଘଟଣା ଓ ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** — ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ ସୁଯୋଗ ଆସିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବି ଚିନ୍ତି କାମ କରିବା ଭଲ ହେବ। ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** — ବୁଧଜନିତ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଭୁଲ୍ ବୁଝାମଣାରୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବାର ଆଶା ରହିଛି। କିନ୍ତୁ ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ** — ଆଜି ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। ଚତୁର୍ଥାଧିପତିଙ୍କ ହେତୁ ଘରର ବରାଦ ଅନୁଯାୟୀ ଜିନିଷ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗରୁ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

**ସିଂହ** — ଶନି ଯୁକ୍ତ ବୁଧ ହେତୁ ଆଜି ଅସାବଧାନତା ବଶତଃ ଧନ ହାନି ଯୋଗ ରହିଛି। କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକମାନଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡିବ।

**କନ୍ୟା** — ଦୀର୍ଘଦିନରୁ ଲାଗି ରହିଥିବା ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ। ହାତକୁ ନେଇଥିବା କାମ ଶୀଘ୍ର ସାରିବା ଭଲ ହେବ। ଅବଶ୍ୟ କିଛି ଅସୁବିଧା ହେବନି, ଆପଣ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଆଧ୍ୟାତ୍ମିକ ଗ୍ରହ ପ୍ରଭାବରୁ ସତ୍‌ସଙ୍ଗ କିମ୍ବା ନାମସଂକୀର୍ତ୍ତନରେ ନିଜକୁ ହଜାଇ ଦେଇପାରନ୍ତି।

**ତୁଳା** — ଆଜି ମନ ଅନୁଯାୟୀ କାମ କରିବାରେ ଅସୁବିଧା ହେବ ନାହିଁ। ରାଶିପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ ପ୍ରତ୍ୟେକ କାମ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭାସମିତି, କଚେରି ମାମଲାରେ ସମ୍ମାନ ଲାଭ କରିବେ। ଗୃହ ନିର୍ମାଣ, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନାରେ ସମୟ କଟାଇବେ।

**ବିଛା** — ପୂର୍ବ ପରିକଳ୍ପିତ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି ତାହା ବ୍ୟତିକ୍ରମ ଭିତରେ ସଫଳ ହେବ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରାହୁଜନିତ ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ। ଆଜି ଶେଷ କରିବାକୁ ଚାହୁଁଥିଲେ କାମଟିକୁ ସାରିପାରିବେ ନାହିଁ।

**ଧନୁ** — ଆଜି ଯେତିକି ପାଇବେ ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନବମାଧିପତିଙ୍କ ପ୍ରଭାବରେ ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇପାରନ୍ତି। ଗଣତନ୍ତ୍ରକାରକ ଗ୍ରହ ଶନିଙ୍କ ପ୍ରଭାବରୁ ସାଂଗଠନିକ ସ୍ଥିତି ବେଶ୍ ଅନୁକୂଳ ହୋଇପାରେ।

**ମକର** — ପଡ଼ି ରହିଥିବା ଅବହେଳିତ କାମ ସକାଶେ ଚିନ୍ତା କରିପାରନ୍ତି। ବୃହସ୍ପତିଙ୍କ ପ୍ରଭାବରୁ ସହକର୍ମୀ ଫାଇଦା ହାସଲ ସକାଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ଅସମ୍ଭବ ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିପାରିବେ ନାହିଁ।

**କୁମ୍ଭ** — ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଗୁସାର ହୋଇ ସଫଳତା ହାସଲ କରିବେ। ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ସହଜରେ ସମାଧାନ ହୋଇଯିବ । ଶୁକ୍ରଜନିତ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ହେବ। ଆତ୍ମୀୟମାନେ ଶତ୍ରୁତା କରିବେ। ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିପାରେ।

**ମୀନ** — ଆଜିର ପ୍ରତ୍ୟୁଷ ଯାତ୍ରା ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଯାହା କି ଆପଣଙ୍କ ପାଇଁ ମହଙ୍ଗା ପଡ଼ିପାରେ। ରବି ଓ ଶୁକ୍ରଙ୍କ ଯୋଗୁ କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ।

ଆଜି ଫେବୃଆରୀ ୧୯ ତାରିଖ, ଫାଲ୍‌ଗୁନ କୃଷ୍ଣ ସପ୍ତମୀ ବୁଧବାର, ସ୍ୱାମୀ ନାରାୟଣ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୧୦.୩୯ମି. ଗତେ ବିଶାଖା/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୬ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ. ୧୦.୩୪ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଅନ୍‌ଲାଇନରେ ଅଶ୍ଳୀଳ...

ଉପରେ ମନ୍ତବ୍ୟ ଦେଇଥିଲେ। ଏହି ବିବାଦୀୟ ମନ୍ତବ୍ୟ ତାଙ୍କୁ ଅଡୁଆରେ ପକାଇଛି। ତାଙ୍କ ବିରୋଧରେ ଅନେକ ଏତଲା ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଏକାଠି ଗୋଟିଏ ଅଦାଲତରେ ଶୁଣାଣି କରାଇବା ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିବା ସହ ଗିରଫରୁ ଅନ୍ତରୀଣ ମୁକ୍ତି ପାଇଁ ନିବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କୁ ଗିରଫଦାରିରୁ ସୁରକ୍ଷା ପ୍ରଦାନ କରିଛନ୍ତି। ଏଥିସହିତ ତଦନ୍ତରେ ସହାୟତା କରିବାକୁ ତାଙ୍କୁ କୁହାଯାଇଛି। ଏକ ଏପିସୋଡ୍‌କୁ ନେଇ ଜାତୀୟ ପୁରସ୍କାରପ୍ରାପ୍ତ ଆଲ୍ଲାହାବାଦିଆଙ୍କ ବିରୋଧରେ ଅତିରିକ୍ତ ଏତଲା ଦାଏର ହେବା ଉଚିତ ନୁହେଁ। ପୋଲିସ ନିକଟରେ ପାସ୍‌ପୋର୍ଟ ସମର୍ପଣ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଅଦାଲତଙ୍କ ବିନା ଅନୁମତିରେ ଦେଶ ଛାଡ଼ି ନ ଯିବାକୁ କୁହାଯାଇଛି। ଏଥିସହିତ ଆଲ୍ଲାବାଦିଆ ଓ ତାଙ୍କ ଦଳକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶୋ' ପ୍ରସାରଣ ନ କରିବାକୁ କୁହାଯାଇଛି।

ଶୋ'ରେ ଆଲ୍ଲାହାବାଦିଆଙ୍କ ମନ୍ତବ୍ୟକୁ ନେଇ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ସହ ଭର୍ତ୍ସନା କରିଛନ୍ତି। ଅଶ୍ଳୀଳତାର ସୀମା ସମ୍ପର୍କରେ ଖଣ୍ଡପୀଠ ଆଲ୍ଲାହାବାଦିଆଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ବାକ୍ ସ୍ୱାଧୀନତା ନାମରେ ସାମାଜିକ ନିୟମ ବିରୋଧରେ ଯାହାକିଛି କହିବା ପାଇଁ କାହାକୁ ଲାଇସେନ୍ସ ଦିଆଯାଇ ନାହିଁ। ନିଜର ଅପରିଷ୍କାର ମାନସିକତାରେ ଯାହା କିଛି କହିପାରିବ କି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୟୁଟ୍ୟୁବରଙ୍କୁ ପ୍ରଶ୍ନ କରିଛନ୍ତି। ଆପଣ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି, ସେଥିରେ ମାଆବାପା ଓ ଭଉଣୀ ଲଜ୍ଜିତ ହେବେ। ସମଗ୍ର ସମାଜ ଲଜ୍ଜା ଅନୁଭବ କରିବ। ଏହା ବିକୃତ ମାନସିକତା। ନ୍ୟାୟିକ ବ୍ୟବସ୍ଥାରେ ଆଇନରେ ଶାସନ ମଧ୍ୟରେ ଚାଲିବାକୁ ବାଧ୍ୟ। ଏଥିପ୍ରତି ବିପଦ ଦେଖାଦେଲେ ଆଇନ ତା' ବାଟରେ ଯିବ ବୋଲି ଖଣ୍ଡପୀଠ କହିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡରିବା ଲୋକ କରେ ନାହିଁ,
କରିବା ଲୋକ ଡରେ ନାହିଁ।**

କାମ ଆରମ୍ଭ କରିବା ପୂର୍ବରୁ ବା କରିସାରିବା ପରେ ମନରେ ଯଦି ଫଳାଫଳକୁ ନେଇ ସେଭଳି କିଛି ଡର ବା ଭୟ ରହୁଥାଏ ତେବେ ସେପରି କାମରୁ ନିବୃତ୍ତ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କାରଣ ଡରି ଡରି କାମ କରିବା ବା କାମ କରିସାରିବା ପରେ ଡରିବାର ମାନେ କିଛି ରହି ନ ଥାଏ। ଅବସ୍ଥା ଚକ୍ରରେ ଭୟର ସମ୍ମୁଖୀନ ହୋଇ ଦ୍ୱନ୍ଦ୍ୱରେ ପଡ଼ିଥିବା ବ୍ୟକ୍ତିର ଦୟନୀୟ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡିହରେ ବିଲୁଆ ଡେଉଁ।**

ବଂଶ ନିର୍ବଂଶ ହେବା। ପିତୃପୁରୁଷଙ୍କୁ ପିଣ୍ଡ ଦେବା ପାଇଁ ବଂଶରେ କେହି ଜୀବିତ ନ ରହିବା ନେଇ ଅଭିଶାପ ଦିଆଯିବା ଅର୍ଥରେ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ତଦନ୍ତ ପାଇଁ...

ସଚିବଙ୍କୁ ସାମିଲ କରାଯାଇଛି ବୋଲି ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀ କ୍ଷୋଭ ପ୍ରକାଶ କରି କହିଛନ୍ତି, ଓଡ଼ିଶା ବାହାର ରାଜ୍ୟ ବା ଅନ୍ୟ ଦେଶରୁ ଯେଉଁମାନେ ଏଠାକୁ ଆସୁଛନ୍ତି, ଆମେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ରହିଛି। ଏହି ଉଦ୍ଦେଶ୍ୟ ନେଇ ଅତୀତରେ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା ଓ ପ୍ରବାସୀ ଭାରତୀୟ ଦିବସର ଆୟୋଜନ କରିଥିଲେ। କିନ୍ତୁ କିଟ୍‌ରେ ରବିବାର ଯେଉଁ ଅଭାବନୀୟ ଘଟଣା ଘଟିଲା, ତାହା ରାଜ୍ୟର ସ୍ୱାଭିମାନ ଉପରେ ବାଧା ପହଞ୍ଚାଇଛି। ସେହିପରି ଛାତ୍ରୀଛାତ୍ରଙ୍କୁ ଘରୋଇ ସୁରକ୍ଷାକର୍ମୀ ମାଡ଼ ମାରିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସମ୍ମାନ ନେଇ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବେ। ଏହିକ୍ରମରେ ମଙ୍ଗଳବାର ସକାଳେ ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଯେଉଁ ତଥ୍ୟ ମିଳିଛି ତାହାକୁ ଆହୁରି ପରୀକ୍ଷା ନିରୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କିଟ୍‌ରେ କେଉଁ କାରଣରୁ ସାଇନ୍-ଏ-ଡାଏ ଘୋଷଣା କରାଗଲା, ଏହା ପଛରେ କାରଣ କ'ଣ ରହିଛି? ନେପାଳର ଛାତ୍ରୀଛାତ୍ରଙ୍କୁ କାହିଁକି କଟକ ଷ୍ଟେଶନରେ ଛଡାଗଲା ? ଏ ସବୁର ତଦନ୍ତ କରାଯିବ। ରାଜ୍ୟ ସରକାର ଏବେ ସ୍ଥିତିକୁ ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏବେ କିଟ୍ ପରିସରରେ ୧୦୦ଜଣ ଛାତ୍ରୀଛାତ୍ର ଅଛନ୍ତି। ପ୍ରାୟ ୧୦୦୦ ଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ସେମାନଙ୍କୁ ମାନସିକ ରୂପେ ସାହାସ ଦେବାକୁ ସରକାର ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ର ଫେରିଲା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯେପରି କୌଣସି ପ୍ରକାର ପ୍ରତିଶୋଧମୂଳକ ପଦକ୍ଷେପ ନ ନେବେ ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ପୂର୍ବର ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ଓଡ଼ିଶାକୁ...

ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆଗକୁ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ପାଇଁ ପିଲାଙ୍କ ଉଦ୍ଦେଶ୍ୟରେ ଜାରି କରାଯାଉଥିବା ଏନ୍‌ଓସିକୁ ରଦ୍ଦ କରାଯାଇପାରେ। କିଟ୍‌ରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାସ୍‌ମଲଙ୍କ ଆତ୍ମହତ୍ୟା ଘଟଣା ପରେ ନେପାଳୀ ଛାତ୍ରୀଛାତ୍ରଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ଆଚରଣକୁ ନେଇ କ୍ଷୁବ୍ଧ ପଡ଼ୋଶୀ ଦେଶର କେ.ପି. ଶର୍ମା ଓଲି ସରକାର ଏଭଳି ନିଷ୍ପତ୍ତି ନେଇପାରନ୍ତି। ଇତିମଧ୍ୟରେ ସେଠାକାର ପାର୍ଲାମେଣ୍ଟରେ ମଧ୍ୟ ଏହି ପ୍ରସଙ୍ଗ ଉଠିଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଶୂନ୍ୟକାଳ ବେଳେ ସଦସ୍ୟମାନେ କିଟ୍ ପ୍ରସଙ୍ଗ ଉଠାଇ ମୃତ ବି.ଟେକ୍ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

### ଛାତିରେ ପିଲା...

ଶୋଇଥିବା ଦେଖିବାକୁ ମିଳିଛି। କ୍ୟାପ୍ସନ୍‌ରେ ଆର୍‌ପିଏଫ୍ ପକ୍ଷରୁ ଲେଖାଯାଇଛି, ରୀନା ଜଣେ ମା'। ସେ ନିଜ ପିଲାକୁ ସମ୍ଭାଳିବା ସହ ଲାଠି ଧରି ରେଳ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼କୁ ପରିଚାଳନା କରୁଛନ୍ତି। ବାସ୍ତବରେ ପ୍ରତ୍ୟେକ ନାରୀ ଜଣେ ଜଣେ ଯୋଦ୍ଧା ଏହା ରୀନା ପ୍ରମାଣ କରିଛନ୍ତି। ନିଜର କର୍ମମୟ ଜୀବନ ଏବଂ ନିଜ ପିଲା ପ୍ରତି ରୀନାଙ୍କ ପ୍ରତିବଦ୍ଧତା ଅନେକ କର୍ମଜୀବୀ ମହିଳାଙ୍କ ପ୍ରତିଦିନର ସଂଘର୍ଷକୁ ଦର୍ଶାଉଛି।

ଘଟଣାକୁ ନେଇ ୧୬ବିଏନ୍/ଆର୍‌ପିଏସ୍‌ଏଫ୍ କନ୍‌ଷ୍ଟେବଲ ରୀନା କହିଛନ୍ତି, ଏହା ତାଙ୍କର ସାମାନ୍ୟ ଦିନଚର୍ଯ୍ୟା। ଡ୍ୟୁଟି କରୁଥିବା ସମୟରେ ଯେପରି ତାଙ୍କ ପିଲାକୁ କୌଣସି ଆଘାତ ନ ଲାଗେ ସେଥିପ୍ରତି ତାଙ୍କୁ ଦୃଷ୍ଟି ଦେବାକୁ ପଡ଼ିଥାଏ। ଏବେ ସେ ତାଙ୍କ ପିଲାର ଯତ୍ନ ନେବା ପାଇଁ ଜଣେ ବ୍ୟକ୍ତିଙ୍କୁ ଖୋଜୁଛନ୍ତି। ସେପର୍ଯ୍ୟନ୍ତ ସେ ଏହିପରି ଡ୍ୟୁଟି ଜାରି ରଖିବେ ବୋଲି ରୀନା କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପିଲାର ଯତ୍ନ ପାଇଁ ରୀନା ଛୁଟିରେ ଥିଲେ। ତେବେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଦଳାଚକଟା ଘଟଣା ପରେ ଭିଡ଼ ପରିଚାଳନା ନିମନ୍ତେ ତାଙ୍କୁ ଡ୍ୟୁଟିରେ ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରୀନା ନାରୀ ଶକ୍ତିର ଅଦ୍ଭୁତ ଉଦାହରଣ ହୋଇଥିବା କହି ଅନେକ ୟୁଜର୍ସ ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା କରୁଛନ୍ତି।

### ବିଷ୍ଣୁପଦଙ୍କ ଘରେ...

ମହାପାତ୍ରଙ୍କୁ ପୂର୍ବରୁ ଗିରଫ କରିଥିବାବେଳେ ସେମାନେ ସର୍ତ୍ତମୂଳକ ଜାମିନରେ ଅଛନ୍ତି। ତେବେ ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ସହ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଲିଙ୍କ୍ ଘଟଣା ପୂର୍ବରୁ ସାମ୍ନାକୁ ଆସିଥିବା ବେଳେ ଏହାକୁ ନେଇ ସିବିଆଇ ଏବେ ଅଧିକ ତତ୍ପର ହୋଇଛି। ମଙ୍ଗଳବାର ସିବିଆଇ ପକ୍ଷରୁ ବିଷ୍ଣୁପଦଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଓ ଭୋଗରାଇ ବ୍ଲକ ନରସିଂହପୁରସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଛି। ସକାଳ ପ୍ରାୟ ୭ଟାରୁ ଭୁବନେଶ୍ୱର ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା ବିଷ୍ଣୁପଦଙ୍କ କ୍ୱାର୍ଟର ନଂ.ଏସ୍‌ଆର୍/୪ରେ ୮ ଜଣିଆ ସିବିଆଇ ଅଧିକାରୀ ପହଞ୍ଚି ଅଧିକ ଖୋଳତାଡ଼ ଜାରି ରଖିଛନ୍ତି। ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ସହ ଲିଙ୍କ୍, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ, କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କା ଲାଞ୍ଚ ନିଆଯାଇଛି ଆଦି ବିଭିନ୍ନ ଦିଗକୁ ନେଇ ସିବିଆଇ ଅଧିକାରୀମାନେ ବିଷ୍ଣୁପଦଙ୍କୁ ପଚରାଉଚରା କରିବା ସହ ବହୁ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଥିବା ସୂଚନା ମିଳିଛି। ତେବେ ଏହି ଚଢ଼ାଉ ବେଳେ କ୍ୱାର୍ଟର ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଗଣମାଧ୍ୟମ ପ୍ରତିନିଧି କ୍ୱାର୍ଟର ପରିସରକୁ ଯାଇ ବିଷ୍ଣୁପଦଙ୍କ ଘରର ମୁଖ୍ୟ ଫାଟକ ନିକଟରେ ଖବର ସଂଗ୍ରହ କରୁଥିବାବେଳେ ସିବିଆଇ ଅଧିକାରୀମାନେ ସେଠାକୁ ଆସି ବିରୋଧ କରିଥିଲେ। ଘର ଭିତରେ ପଶି ଖବର ସଂଗ୍ରହ କରିବାକୁ ମନା କରିବା ସହ ତାଗିଦା କରିଥିଲେ। ଫଳରେ ଖବରଦାତା ଓ ସିବିଆଇ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ସିବିଆଇ ଅଧିକାରୀମାନେ ବଳପୂର୍ବକ ଠେଲି ଠେଲି ଖବରଦାତାଙ୍କୁ ବାହାରକୁ ବିଦା କରିଦେଇଥିଲେ। ତେବେ ଏହି ସମୟରେ ବିଷ୍ଣୁପଦ ଗଣମାଧ୍ୟମ ସାମ୍ନାକୁ ଆସି ସିବିଆଇ ବିରୋଧରେ ନାନା କଥା କହି ବିଷ ଓକାଳିଥିଲେ। ବିଷ୍ଣୁପଦ କହିଥିଲେ, ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ଉକ୍ତ କମ୍ପାନୀ ସହ ଓଡ଼ିଶା ସରକାରଙ୍କ ଗତ ୧୦ ବର୍ଷ ଧରି ସମ୍ପର୍କ ଅଛି। ସେ ଅଭିଯୁକ୍ତ ନୁହନ୍ତି, ତାଙ୍କ ନାଁରେ ଏଫ୍‌ଆଇଆର୍ ମଧ୍ୟ ନାହିଁ। ତାଙ୍କ ଘରେ ସିବିଆଇ ଟିମ୍ ଜବରଦସ୍ତି ପଶିଛନ୍ତି। ସ୍ତ୍ରୀ ଓ ଝିଅ ଘରେ ଥିବା ବେଳେ ସିବିଆଇ ଟିମ୍ ମହିଳା ଅଧିକାରୀଙ୍କୁ ବି ଆଣିନାହାନ୍ତି। ସିବିଆଇ ଟିମ୍ ଦୁର୍ବ୍ୟବହାର ସହ ଅଭଦ୍ର ଆଚରଣ ଦେଖାଇଛନ୍ତି ବୋଲି ବିଷ୍ଣୁପଦ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କର କୌଣସି ରାଜନୈତିକ ସହଯୋଗ ନାହିଁ, ସେ ଦଳିତ ବଞ୍ଚିତ ବର୍ଗ। ତେଣୁ ବଳପୂର୍ବକ ସିବିଆଇ ଏଭଳି ଚଢ଼ାଉ କରିଛି ବୋଲି ବିଷ୍ଣୁପଦ କହିବା ସହ ତାଙ୍କ କଥା କେହି ଶୁଣୁନାହାନ୍ତି ବୋଲି କହିଥିଲେ। ଏପରିକି ସେ ଅସହାୟ ହୋଇପଡ଼ିଥିବାରୁ ପରୋକ୍ଷରେ ଆତ୍ମହତ୍ୟା ଧମକ ମଧ୍ୟ ଦେଇଥିଲେ। ଅନ୍ୟପକ୍ଷରେ ସିବିଆଇ ଚଢ଼ାଉ ପ୍ରତିବାଦରେ ବିଷ୍ଣୁପଦ ନିଜ ପଦରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ମୁଖ୍ୟ ଶାସନ ସଚିବଙ୍କୁ ବିଷ୍ଣୁପଦ ଏକ ହାତଲେଖା ଚିଠି ଲେଖିଥିବାବେଳେ ଏହା ଭାଇରାଲ ହୋଇଛି। ଏଫ୍‌ଆଇଆର୍ ନ ଥାଇ କାହିଁକି ଚଢ଼ାଉ ହେଲା, ଏହା ଫଳରେ ତାଙ୍କର ସମ୍ମାନ ହାନି ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ଖବର ପ୍ରସ୍ତୁତି ପର୍ଯ୍ୟନ୍ତ ସିବିଆଇ ଚଢ଼ାଉ ଜାରି ରଖିଛି। ଇସ୍ତଫା ଚର୍ଚ୍ଚାକୁ ନେଇ ବିଷ୍ଣୁପଦଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୭ ରାତିରେ ମୈତ୍ରୀ ବିହାର ଥାନା ଅଞ୍ଚଳର ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବାବେଳେ ସିବିଆଇ ଚଞ୍ଚଳ, ସନ୍ତୋଷ ଓ ଦେବଦତ୍ତଙ୍କୁ ଗିରଫ କରିଥିଲା।

## ଧରିତ୍ରୀ ତେଲକୋଇ ଖବରଦାତାଙ୍କ ପରଲୋକ


ରଞ୍ଜିତ ବିଶ୍ୱାଳ

**କେନ୍ଦୁଝର,୧୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ଧରିତ୍ରୀ ଖବରଦାତା ରଞ୍ଜିତ ବିଶ୍ୱାଳ(୬୩)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ଦେହାନ୍ତ ଖବର ପାଇ ତେଲକୋଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଧରିତ୍ରୀରେ ଦୀର୍ଘ ବର୍ଷ ଧରି କାମ କରି ଆସୁଥିଲେ। ତେଲକୋଇ ପ୍ରେସ୍ କ୍ଲବ୍‌ର ପୂର୍ବତନ ସଭାପତି ସହ ଜଣେ ଫୁଟ୍‌ବଲ ଖେଳାଳି ଓ ରେଫରି ଥିଲେ। ରାଜନୈତିକ କ୍ଷେତ୍ରରେ ମଧ୍ୟ ତାଙ୍କର ବେଶ୍ ଉପଲବ୍ଧି ରହିଥିଲା। ତେଲକୋଇ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଗରିବ ଓ ସାଧାରଣ ଲୋକଙ୍କୁ ସହାୟତା ପ୍ରଦାନ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ଜିଲା ପ୍ରେସ୍ କ୍ଲବ୍, ତେଲକୋଇ ପ୍ରେସ୍ କ୍ଲବ ସମେତ ବିଭିନ୍ନ ସାମ୍ବାଦିକ ସଂଘର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ସର୍ଭେରେ ସ୍ୱଚ୍ଛତା, ସମନ୍ୱୟ ଜରୁରୀ

**ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ ସର୍ବେକ୍ଷଣ ସଂସ୍ଥା ସର୍ଭେ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମଙ୍ଗଳବାର ସହରାଞ୍ଚଳ ଜାତୀୟ ଭୂସ୍ଥାନିକ ସର୍ବେକ୍ଷଣ ପାଇଲଟ ପ୍ରୋଜେକ୍ଟ 'ନକ୍ସା' ଶୁଭାରମ୍ଭ ହୋଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଏବଂ ବାରିପଦା ସ୍ଥାନ ପାଇଛି। ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହାର ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶାରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ଅତ୍ୟାଧୁନିକ ଜ୍ଞାନକୌଶଳ ଯଥା ସାଟେଲାଇଟ ମାଧ୍ୟମରେ ଛବି ଉତ୍ତୋଳନ, ଡ୍ରୋନ ସର୍ଭେ, ଭୂସ୍ଥାନିକ ସର୍ବେକ୍ଷଣ (ଜିଆଇଏସ୍) ଆଧାରରେ ସହରାଞ୍ଚଳର ଭୂମି ରେକର୍ଡକୁ ଆଧୁନିକୀକରଣ କରିବା ନିମନ୍ତେ ଏହା ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସହରାଞ୍ଚଳର ଭୂମି ସମ୍ବନ୍ଧିତ ରେକର୍ଡକୁ ଠିକ୍ ଭାବେ ଡିଜିଟାଲ ପୋର୍ଟାଲରେ ଉପଲବ୍ଧ କରାଯାଇପାରିବ। ଏପରିକି ନିୟମିତ ଅପଡେଟ ମଧ୍ୟ ହୋଇପାରିବ। ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ ସହରାଞ୍ଚଳର ଜମିର ଠିକ୍ ମୂଲ୍ୟ ଆକଳନ ତଥା ଠିକ୍‌ଭାବେ ଭୂମି କର ଆଦାୟ କରିବାରେ ସହାୟକ ହେବ। ଏହି ସର୍ବେକ୍ଷଣ ଦ୍ୱାରା ସହରାଞ୍ଚଳର ସ୍ୱଳ୍ପଜମିର ସନ୍ତୁଳିତ ଉପଯୋଗ, ନିୟମାବଳୀକୁ ଠିକ୍‌ଭାବେ ଲାଗୁ କରିବା, ସ୍ଥାବର ସମ୍ପତ୍ତି ସମ୍ବନ୍ଧିତ ସେବା ପ୍ରଦାନ, ପରିବହନ ତଥା ଅନ୍ୟାନ୍ୟ ଆପାତକାଳୀନ ସେବାକୁ ସୁଦୃଢ଼ କରିବା ସହ ସହରାଞ୍ଚଳର ନିରନ୍ତର ବିକାଶକୁ ସୁନିଶ୍ଚିତ କରାଯାଇପାରିବ। ଡ୍ରୋନ ସର୍ଭେ ସହ ତଳସ୍ତରରେ ଜମି ମ୍ୟାପିଂ ସମୟରେ ଫିତା ଧରି ମପାଯିବ। ତହସିଲଦାର ଏଥିପ୍ରତି ଗୁରୁତ୍ୱ ଦେବେ। ଭୂମିର ସର୍ଭେ ସମୟରେ ଜମି ମାଲିକଙ୍କ ଉପସ୍ଥିତିରେ ନିର୍ଭୁଲ ଏବଂ ଠିକ୍ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା ସହ ପୌର ପରିଷଦ ଅଧିକାରୀ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟତା ଏବଂ ଜନସାଧାରଣଙ୍କ ସହଭାଗିତା ଜରୁରୀ। ଏହି ସର୍ଭେ ଏକ ବର୍ଷ ଧରି ଚାଲିବ। ପ୍ରତି ୩ ମାସରେ ସେ ଏହାର ସମୀକ୍ଷା କରିବେ ବୋଲି କହିଛନ୍ତି। ଜମି ମାଲିକଙ୍କୁ ଜମି ସର୍ଭେ ପରେ ଜମିର ସାର୍ଟିଫିକେଟ ଦିଆଯିବ। ଏହା ସେମାନଙ୍କୁ ଭବିଷ୍ୟତରେ ସହଯୋଗ କରିବ। ବ୍ୟାଙ୍କ ଋଣ ନେବା ସମୟରେ ସହଜ ହେବ। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପରିକଳ୍ପନା କରିଥିବା ବେଳେ ଡିଜିଟାଲ ସର୍ଭେ ବେଶ୍ ସହାୟକ ହେବ। ଖୋର୍ଦ୍ଧା ପାଇଁ ମାଷ୍ଟର ପ୍ଲାନ ଆବଶ୍ୟକତା ଅନୁଭବ ବେଳେ ସରକାର ନକ୍ସା ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧାର ସମୃଦ୍ଧି ପ୍ରଗତି ପଥରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ତେବେ ପ୍ରାଥମିକ ପର୍ଯ୍ୟାୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ଏହି ସର୍ଭେ ନିରୀକ୍ଷଣ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ଜମି ରେକର୍ଡ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ, କେନ୍ଦ୍ର ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଆଶିଷ କୌଶଳ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡ଼ା ସଂଯୋଜନା କରିଥିଲେ। ଖୋର୍ଦ୍ଧା ପୌର ପରିଷଦର ସମସ୍ତ କାଉନସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜସ୍ୱ ବିଭାଗ ଏବଂ ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମନ୍ତ୍ରୀ ସୁରେଶ ପୂଜାରୀ 'ନକ୍ସା'ର ଶୁଭାରମ୍ଭ କରୁଛନ୍ତି।

**ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା'ର ଶୁଭାରମ୍ଭ**

- ଓଡ଼ିଶାର ୪ ସହର ସାମିଲ
- ଜମି ମାଲିକଙ୍କ ଉପସ୍ଥିତିରେ ହେବ ସର୍ଭେ, ମିଳିବ ସାର୍ଟିଫିକେଟ
- ଏକ ବର୍ଷ ଧରି ଚାଲିବ, ପ୍ରତି ୩ ମାସରେ ସମୀକ୍ଷା

## କ୍ଷମା ମାଗିଲେ କିଟ୍ କୁଳପତି

**ଭୁବନେଶ୍ୱର,୧୮।୨ (ସୁଚିସ୍ମିତା ସାହୁ)**

ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ, ଆନ୍ଦୋଳନବେଳେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଓ ଜୋର୍‌ଜବରଦସ୍ତ ବସ୍‌ରେ ନେଇ କଟକ ରେଳ ଷ୍ଟେଶନରେ ଛାଡ଼ିବା ଘଟଣାକୁ ନେଇ ମଙ୍ଗଳବାର କିଟ୍ କର୍ତ୍ତୃପକ୍ଷ କ୍ଷମା ମାଗିଛନ୍ତି। କୁଳପତି ପ୍ରଫେସର ଶରନଜିତ ସିଂ କ୍ୟାମ୍ପସରେ ଘଟିଥିବା ଏଭଳି ଅପ୍ରୀତିକର ଘଟଣା ପାଇଁ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଆମର କିଛି ଲୋକ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଯେଉଁଭଳି ଆଚରଣ କରିଛନ୍ତି ସେଥିପାଇଁ ମୁଁ ଦୁଃଖିତ। ଆମର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆମେ ଭଲ ପାଉଛୁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ କେବେ ମଧ୍ୟ ଅପମାନିତ କରାଯାଇନାହିଁ। ଆମର ଦୁଇ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଥିଲା। ଆମେ ସେମାନଙ୍କୁ କୌଣସି ପରିସ୍ଥିତିରେ ସମର୍ଥନ କରୁନାହୁଁ ବରଂ ସେମାନଙ୍କୁ ଚାକିରିରୁ ବାହାର କରିଦେଇଛୁ। ସେମାନେ ମଧ୍ୟ ନିଜର ଆଚରଣ ପାଇଁ କ୍ଷମାପ୍ରାର୍ଥନା କରିଛନ୍ତି। ଆମେ ମଧ୍ୟ ଏଭଳି ଘଟଣା ପାଇଁ କ୍ଷମାପ୍ରାର୍ଥନା କରୁଛୁ। ନେପାଳର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆମର ଭଲ ପାଇବା ଓ ସ୍ନେହ ଜଣାଉଛୁ। ସେମାନେ ତୁରନ୍ତ ବିଶ୍ୱବିଦ୍ୟାଳୟକୁ ଫେରିବାକୁ ନିବେଦନ କରୁଛୁ ବୋଲି କୁଳପତି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ଟଙ୍କା ଅଭାବରେ ମଣିଷ ବଦଳେ

**ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)**

ଟଙ୍କାର ଅଭାବ ଓ ପ୍ରାବଲ୍ୟରେ ବଦଳିଯାଏ ମଣିଷପଣିଆ, ବଦଳିଯାଏ ବନ୍ଧୁପଣିଆ ଓ ଜାତିଚରିତ୍ର। ସବୁ ଚକ ଚକ କରୁଥିବା ଯେ ସୁନା ନୁହେଁ, ଏକଥା ପୁଣି ଥରେ ପ୍ରମାଣିତ ହୁଏ। ପଞ୍ଚୁ ଜୀବନରେ ତାହା ହିଁ ଘଟିଛି। ଲଟେରୀ ମିଳିବାର ଆଭାସ ମାତ୍ରେ ବଦଳି ଯାଇଛନ୍ତି ଆଶ୍ରା ଦେଇଥିବା ପରିବାର। ବଦଳି ଯାଇଛି ପଞ୍ଚୁ ଓ ଦୂର୍‌ଦୂର୍ ମାର୍‌ମାର୍ କରୁଥିବା ପରିବାରର ଲୋକେ। ତେବେ କ'ଣ ହେବ ପଞ୍ଚୁର ଅବସ୍ଥା ? କ'ଣ ହେବ ଆଶ୍ରା ଦେଇଥିବା ପରିବାରର ସ୍ଥିତି? ପଞ୍ଚୁ ବଦଳିଯିବ ନା ଭ୍ରମ ତୁଟିଯିବ? ପଞ୍ଚୁ ପାଇଁ ପରିବାର ନା ଚାମ୍ପିର ପ୍ରେମ ମୂଲ୍ୟବାନ? ଟଙ୍କାର ଆଗମନରେ କିପରି ମଣିଷର ଜାତି ଚରିତ୍ର ବଦଳିଯାଏ ଓ ଘଟଣାକ୍ରମରେ କିପରି ପରିବର୍ତ୍ତନ ହୁଏ, ତାହା ନାଟକ 'ପଞ୍ଚାନନ ଉପାଖ୍ୟାନ'ରେ ଦେଖିବାକୁ ମିଳିଛି।






# ଗରିଆପାଲି ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

- ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତା ମୃତ
- ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ସହଯୋଗ କରୁଥିବା ଚର୍ଚ୍ଚା

**ଦେବଗଡ଼,୧୮।୨ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ନିକଟରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ବିଳମ୍ବିତ ରାତିରେ ଦନ୍ତା ପ୍ରାଣ ହରାଇଥିବା ଜଣାପଡ଼ିଛି। ଖବର ପାଇ ମଙ୍ଗଳବାର ସକାଳେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦେହରେ ଲାଗିଥିବା ବିଦ୍ୟୁତ୍ ତାର ହଟାଇଥିଲେ। ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ରାଉରକେଲା ଆର୍‌ସିସିଏଫ୍ ପି. ରାମାସ୍ୱାମୀ, ଭୁବନେଶ୍ୱର ଜେଟିଏଫ୍ ସଦସ୍ୟ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସି, ଏସିଏଫ୍ ସ୍ୱାଧୀନତା ସାହାଣୀ, ଏସିଏଫ୍ ଅରୁଣ କୁମାର ବେହେରା, ରିଆମାଳ ରେଞ୍ଜ ଅଫିସର ନିରଞ୍ଜନ ଧରୁଆ ପ୍ରମୁଖ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ଦେବଗଡ଼ ପ୍ରାଣୀ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ଡ. ସତ୍ୟ ରଞ୍ଜନ ମହାପାତ୍ର ଏବଂ ବନ ବିଭାଗ ଅଧୀନସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ମାଟି ଖୋଳି ପୋତି ଦିଆଯାଇଛି। ତେବେ କେତେଜଣ ଶିକାରୀ ଜନ୍ତୁ ଶିକାର ପାଇଁ ଜିଆଇ ତାର ଯୋଗେ ବିଦ୍ୟୁତ୍ ଫାଶ ପକାଇଥିବା ବେଳେ ସେହି ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଦେବଗଡ଼ ବନଖଣ୍ଡ ଅଧିକାରୀ ରାଓସୋ ସୂଚନା ଦେଇଛନ୍ତି। ବାର୍‌ହା ଶିକାର ପାଇଁ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ବନ ବିଭାଗ ଅବହେଳା ଯୋଗୁ ଉକ୍ତ ତାରରେ ଲାଗି ଦନ୍ତା ପ୍ରାଣ ହରାଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ, ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ଜଙ୍ଗଲରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ସକାଳେ ଦନ୍ତାହାତୀକୁ ଗ୍ରାମବାସୀ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ତପନ ନାୟକ ସଦଳବଳ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦନ୍ତାହାତୀର ପାଟି ତଳେ କ୍ଷତ ଦେଖାଯାଉଥିବାରୁ ସଂକ୍ରମଣଜନିତ ରୋଗରେ ମୃତ୍ୟୁ କିମ୍ବା ବିସ୍ଫୋରକ ଖାଦ୍ୟ ଖାଇ ମୃତ୍ୟୁ ଘଟିବା ସନ୍ଦେହ କରାଯିବା ସହ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କାମରେ ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ମଧ୍ୟ ସହଯୋଗ କରୁଥିବା ଜଣାପଡ଼ିଛି। ଡିଏଫ୍‌ଓ ଏହି ଘଟଣା ନିଜେ ତଦନ୍ତ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।


ମୃତ ଦନ୍ତାହାତୀ

## ବିଡିଓଙ୍କ ଗାଡ଼ି ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

**କୁଚିଣ୍ଡା,୧୮।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡାରେ ସ୍ଥାନୀୟ ବିଡିଓ ବ୍ୟବହାର କରୁଥିବା ଏକ ଭଡ଼ା ଗାଡ଼ି ଧକ୍କାରେ ମଙ୍ଗଳବାର ଜଣେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଶଙ୍କର ମୁଣ୍ଡା(୫୮) କୁଚିଣ୍ଡା ବ୍ଲକ୍ ଟାଇଁସର ପଞ୍ଚାୟତ ଫଟାଟାଙ୍ଗର ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ। ତାଙ୍କ ଘର ମହୁଲପାଲି ଥାନା କୁସୁମୀ ନିକଟ ଡୁଲେସରାରେ। କୁଚିଣ୍ଡା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୭/୨୫)ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୁଚିଣ୍ଡା ପଞ୍ଚାୟତ ସମିତିରେ ଦୀର୍ଘଦିନ ହେବ ଏକ ବୋଲେରୋ(ଓଡି ୧୫ଟି ୦୪୨୬) ଭଡ଼ାରେ ଲାଗିଛି। ମଙ୍ଗଳବାର ବିଡିଓ ଜୟନ୍ତ ସାହୁ ଏହି ଗାଡ଼ିରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଥିବା କୁନ୍ତରା କଲେଜକୁ ପରିଦର୍ଶନରେ ଯାଇ ସେଠାରୁ କୁଚିଣ୍ଡା ଫେରୁଥିଲେ। ମନ୍ତ୍ରୀମୁଣ୍ଡା ଖେଳପଡ଼ିଆ ସମ୍ମୁଖରେ କୁଚିଣ୍ଡାରୁ ବ୍ୟାଙ୍କ କାମସାରି ଫଟାଟାଙ୍ଗର ସ୍କୁଲ ଫେରୁଥିବା ପ୍ରଧାନ ଶିକ୍ଷକ ମୁଣ୍ଡାଙ୍କ ସ୍କୁଟି (ନଂ.ଓଡି ୧୪ ଏକ୍ସ ୭୪୮୯)କୁ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ିକୁ ନେଇ ଡ୍ରାଇଭର ସେଠାରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ଡ୍ରାଇଭର ସୁମନ୍ତ ପଟେଲ ବୋଲେରୋକୁ ଥାନାରେ ଜିମା ଦେବା ସହ ନିଜେ ଆତ୍ମସମର୍ପଣ କରିଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ଏ ନେଇ ବିଡିଓ ସାହୁଙ୍କୁ ପଚାରିବାରୁ କୁନ୍ତରା ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଫେରିବା ବେଳେ ହଠାତ ସ୍କୁଟି ଆରୋହୀ ଆମ ଗାଡି ସମ୍ମୁଖକୁ ଚାଲିଆସିବାରୁ ଏଭଳି ସ୍ଥିତି ଉପୁଜିଲା। ମୁଁ କୁଚିଣ୍ଡା ଆଇଆଇସି ଓ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଫୋନରେ ଜଣାଇଥିଲି। ଏଭଳି ଘଟଣା ପାଇଁ ମୁଁ ଗଭୀର ମର୍ମାହତ। ପ୍ରଶାସନ ପକ୍ଷରୁ ଯାହା ସହଯୋଗ କରାଯିବା କଥା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଶଙ୍କର ମୁଣ୍ଡା




ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା

# ନିଷ୍ପତ୍ତି ଓ କାର୍ଯ୍ୟକାରିତା

ଉତ୍ତରପ୍ରଦେଶ କୁଶିନଗରର ମଦ୍‌ନି ମସ୍‌ଜିଦ ଭଙ୍ଗା ଘଟଣାରେ ସୁପ୍ରିମକୋର୍ଟ ଜିଲା କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରାଯାଇ ମସ୍‌ଜିଦର ଏକ ଅଂଶକୁ କର୍ତ୍ତୃପକ୍ଷ ଭାଙ୍ଗିଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ସୁପ୍ରିମକୋର୍ଟ ସେମାନଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଉତ୍ତର ଚାହିଁଛନ୍ତି। ଉଲ୍ଲେଖନୀୟ ଯେ, ୧୩ ନଭେମ୍ବର ୨୦୨୪ରେ ସର୍ବୋଚ୍ଚ ଅଦାଲତ ସମଗ୍ର ଦେଶ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, ପୂର୍ବରୁ କାରଣ ଦର୍ଶାଅ ନୋଟିସ ନ ଦେଇ କିମ୍ବା ପକ୍ଷଙ୍କୁ ଜବାବ ଦାଖଲ କରିବା ପାଇଁ ୧୫ ଦିନ ସମୟ ନ ଦେଇ କୌଣସି ଘର ଭଙ୍ଗାଯାଇପାରିବ ନାହିଁ। କିନ୍ତୁ ଫେବୃଆରୀ ୯ ତାରିଖରେ କୁଶିନଗର ମସ୍‌ଜିଦର କିଛି ଅଂଶ ଭଙ୍ଗାଯାଇଥିଲା, ଯାହାକୁ ନେଇ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମସ୍‌ଜିଦ ଭଙ୍ଗା ଯାଇପାରିବ ନାହିଁ ବୋଲି ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ଏ.ଜି. ମସିହଙ୍କ ଖଣ୍ଡପୀଠ ଦର୍ଶାଇଛନ୍ତି। ଯଦି ନିକଟ ଇତିହାସକୁ ଦେଖାଯାଏ ତେବେ ଉତ୍ତରପ୍ରଦେଶରେ ପ୍ରୟାଗରାଜର ଶାହି ମସ୍‌ଜିଦ ମାମଲା ତଳକୋର୍ଟରେ ବିଚାରାଧୀନ ଥିବାବେଳେ ରାସ୍ତା ଚଉଡ଼ା ପାଇଁ ତାହାକୁ ଭଙ୍ଗାଯାଇଥିଲା। ଦେଖିବାକୁ ଗଲେ ଉତ୍ତରପ୍ରଦେଶ ବ୍ୟତୀତ ମହାରାଷ୍ଟ୍ରରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କୌଣସି ଘର ଭାଙ୍ଗିବା ଆଗରୁ ପକ୍ଷଙ୍କୁ ନୋଟିସ ଦେବା ଲାଗି ମାର୍ଗଦର୍ଶିକା ଜାରି କରିବା ପୂର୍ବରୁ ୧ ଅକ୍ଟୋବର, ୨୦୨୪ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏକ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସୂଚିତ କରିଥିଲେ ଯେ, ମନ୍ଦିର, ମସ୍‌ଜିଦ ସମେତ ଅନ୍ୟ ସବୁ ଧର୍ମୀୟ ନିର୍ମାଣ ସର୍ବସାଧାରଣ ସ୍ଥାନରେ କରାଯାଇଥିଲେ ସେଗୁଡ଼ିକୁ ହଟାଇବାକୁ ହେବ। ସାର୍ବଜନୀନ ଜମି ଉପରେ ନିର୍ଦ୍ଦେଶ ଜାରି କଲାବେଳକୁ ସୁପ୍ରିମକୋର୍ଟ ମୁଖ୍ୟତଃ ରାସ୍ତା, ଜଳାଶୟ ଏବଂ ଭାରତୀୟ ରେଳ ଜମିକୁ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସାର୍ବଜନୀନ ସ୍ଥାନରେ ବେଆଇନ ଭାବେ ନିର୍ମିତ ମନ୍ଦିର ଓ ମସ୍‌ଜିଦକୁ ଉଚ୍ଛେଦ କରିବା ପାଇଁ ଦେଇଥିବା ରାୟକୁ କାର୍ଯ୍ୟକାରୀ କରାଇବା କଷ୍ଟକର ହୋଇପଡୁଥିବା ମନେ ହେଉଛି। ଏପରିକି କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ବି ସୁପ୍ରିମକୋର୍ଟରେ ଅଭିଯୋଗ ଦାଖଲ କରାଯାଉଛି।

**ସରକାରୀ ଜମି ଜବରଦଖଲକୁ ବନ୍ଦ କରିବା ପାଇଁ ସବୁଧର୍ମର ଗୁରୁମାନେ ତାଙ୍କର ଚେଲାଚାମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେବା ଉଚିତ। ତାହା ନ ହେଲେ ଖୁବ୍ ଶୀଘ୍ର ଭାରତ ଏକ ଦରିଦ୍ର ଧାର୍ମିକ ଦେଶ ଭାବେ ପରିଣତ ହେବ, ଯାହା ଉତ୍ତର ଆଫ୍ରିକାର ଅନେକ ଦେଶରେ ଦେଖିବାକୁ ମିଳୁଛି।**

ଉଲ୍ଲେଖନୀୟ ଯେ, ଭାରତ ଭଳି ଏକ ଧର୍ମନିରପେକ୍ଷ ଦେଶରେ ବିଭିନ୍ନ ଧର୍ମର ଲୋକ ସହାବସ୍ଥାନ କରୁଛନ୍ତି। କିନ୍ତୁ ଅନେକ ସମୟରେ ଧର୍ମୀୟ ପୀଠ ଯଥା ମନ୍ଦିର, ମସ୍‌ଜିଦ କିମ୍ବା ଗୀର୍ଜାକୁ ନେଇ ବିବାଦ ଦେଖାଯାଉଛି। ବିଶେଷକରି ବିବାଦ ଉପୁଜୁଛି ଏଗୁଡ଼ିକର ସ୍ଥାନକୁ ନେଇ। ଅନେକ ସାର୍ବଜନୀନ ସ୍ଥଳରେ ମନ୍ଦିର, ମଠ, ମସ୍‌ଜିଦ ନିର୍ମାଣ କରାଯାଉଥିବା ଦେଖାଯାଉଛି। ଏହି ସ୍ଥାନକୁ ନେଇ ଯେତେବେଳେ ବିବାଦ ସୃଷ୍ଟି ହେଉଛି ସେତେବେଳେ ମାମଲା ତଳ କୋର୍ଟରୁ ଯାଇ ସୁପ୍ରିମକୋର୍ଟରେ ପହଞ୍ଚୁଛି। ଏସବୁ ବିବାଦର ସମାଧାନ ପାଇଁ ଶୀର୍ଷ ଅଦାଲତ ଯେଉଁ ରାୟ ଦେଉଛନ୍ତି ତାହା ତୃଣମୂଳ ସ୍ତରରେ କେତେ ଗୁରୁତ୍ୱ ବହନ କରୁ ନଥିବ ସ୍ପଷ୍ଟ ହେଉଛି। ଏହା ସତ୍ୟ ଯେ, ଭାରତରେ ଅନେକ ଜାଗାରେ ବିଭିନ୍ନ ଧର୍ମ ସହିତ ସମ୍ପୃକ୍ତ ଉପାସନା ପୀଠ ଜବରଦଖଲ କରି ନିର୍ମାଣ କରାଯାଉଛି। ଏମିତିକି ସରକାରଙ୍କ ପାଇଁ ଏଗୁଡ଼ିକ ଭଙ୍ଗାଯିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ଭାରତରେ ଜବରଦଖଲରେ କେବଳ ମସ୍‌ଜିଦ ନିର୍ମାଣ କରାଯାଇ ନାହିଁ ବରଂ ସଂଖ୍ୟାବହୁଳ ଧର୍ମର ଲୋକେ ରହୁଥିବା ଅଞ୍ଚଳରେ ରାସ୍ତା ଉପରେ ମନ୍ଦିର ବା ମଠ ଗଢ଼ିବାର ଉଦ୍ୟମ ଜାରି ରହିଛି। ଭାରତ ଏକ ଧର୍ମନିରପେକ୍ଷ ଦେଶ ସମ୍ବିଧାନରେ ଥିବାବେଳେ ଜନସାଧାରଣଙ୍କ ଧାର୍ମିକ ପ୍ରେମ ଅତ୍ୟଧିକ ମାତ୍ରାରେ ବଢ଼ିବାରେ ଲାଗିଛି। ନିଜ ମନ ଭିତରେ ଠାକୁରଙ୍କୁ ରଖି ଏକ ଧାର୍ମିକ ଜୀବନଯାପନ କରିବା ପାଇଁ କୌଣସି ବ୍ୟକ୍ତି ଆଗଭର ହୋଇଥିବା ଦେଖାଯାଉନାହିଁ। ଦେଶବ୍ୟାପୀ ଅଶାନ୍ତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆସନ୍ତାକାଲିର ଯୁବପିଢ଼ିଙ୍କ ପାଇଁ ଚିନ୍ତା କରିବା ପରିବର୍ତ୍ତେ ପୂର୍ବରୁ ଘଟିଯାଇଥିବା ତଥାକଥିତ ଦୋଷ ଦୁର୍ବଳତାକୁ ନେଇ ଭାରତୀୟ ସମାଜ ଆଗେଇ ଚାଲିଥିବା ମନେହୁଏ। ଯିଏ ଯେତେ ଚିତ୍କାର କରି ଅନ୍ୟକୁ ଗାଳି ଦେଇପାରିଲା ସେହି ବ୍ୟକ୍ତି ଏବେ ଧାର୍ମିକ ମାପଦଣ୍ଡରେ ପରିଣତ ହୋଇଛନ୍ତି। ଅର୍ଥାତ୍ ସେହି ଆକ୍ରୋଶମୂଳକ ବ୍ୟକ୍ତି ନିଷ୍ପତ୍ତି ନେଉଛନ୍ତି କେଉଁ କାର୍ଯ୍ୟ ବା କଥାଟି ଧର୍ମ ସପକ୍ଷରେ କିମ୍ବା ବିପକ୍ଷରେ ଯାଉଛି। ଏଭଳି ପରିସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଭଲ ଉଦ୍ଦେଶ୍ୟରେ ଦିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ବିକୃତ ହୋଇଯାଉଛି। ଏହି ପରିସ୍ଥିତିରେ ପରିବର୍ତ୍ତନ ଆଣିବା ନିଶ୍ଚିତ ଭାବେ କଷ୍ଟକର। ତାହା କେବଳ ସମ୍ଭବପର ହୋଇପାରିବ ଯଦି ସାଧାରଣ ନାଗରିକଙ୍କର ଆଭିମୁଖ୍ୟ ବଦଳିପାରିବ। କ୍ଷୁଦ୍ର ଉଦାହରଣ ଭାବେ ସରକାରୀ ଜମି ଜବରଦଖଲକୁ ବନ୍ଦ କରିବା ପାଇଁ ସବୁଧର୍ମର ଗୁରୁମାନେ ତାଙ୍କର ଚେଲାଚାମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେବା ଉଚିତ। ତାହା ନ ହେଲେ ଖୁବ୍ ଶୀଘ୍ର ଭାରତ ଏକ ଦରିଦ୍ର ଧାର୍ମିକ ଦେଶ ଭାବେ ପରିଣତ ହେବ, ଯାହା ଉତ୍ତର ଆଫ୍ରିକାର ଅନେକ ଦେଶରେ ଦେଖିବାକୁ ମିଳୁଛି।

# ଓଡ଼ିଶା ଜନଜାତିଙ୍କ ସାମଗ୍ରିକ ବିକାଶ



ବିଦ୍ୟାଧର ମହାରଣା

ଓଡ଼ିଶାରେ ୬୨ ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ଏହା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଏହାଛଡ଼ା ରାଜ୍ୟରେ ୧୩ଟି ଆଦିମ ଅଧିବାସୀ ଅଛନ୍ତି, ଯାହାଙ୍କୁ ଏବେ ନିର୍ଦ୍ଦିଷ୍ଟ ଅସହାୟ ଜନଜାତି ବା ପି.ଟି.ଭି (ପର୍ଟିକୁଲାରି ଭଲନେରେବଲ ଟ୍ରାଇବ୍‌ସ) କୁହାଯାଏ। ଏମାନଙ୍କ ସଂଖ୍ୟା ଧୀରେ ଧୀରେ କମି ଯାଉଥିବାରୁ ଏମାନଙ୍କ ବିକାଶ ପାଇଁ ୧୭ ଗୋଟି ମାଇକ୍ରୋ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

ଆଦିବାସୀଙ୍କ ଏକ ନିଜସ୍ୱ ପରିଚୟ ଅଛି। ସେମାନଙ୍କର ସତନ୍ତ୍ର ଐତିହ୍ୟ, ପରମ୍ପରା, ପ୍ରଥା ଓ ସଂସ୍କୃତି ଅଛି। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ଏକ ମୁକ୍ତ ଜୀବନ ଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ତତ୍ପର। କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ଅସହାୟ ଜନଜାତିଙ୍କ ଠାରୁ ନିଜର ମୌଳିକ ଅଧିକାର ଛଡ଼ାଇ ନିଆଗଲା। ପୋଡୁଚାଷ ଉପରେ କଟକଣା ଲଗାଇ ଦିଆଗଲା। ଜଙ୍ଗଲ ଅଧିକାରକୁ ସୀମିତ କରି ଦିଆଗଲା। ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ସୁରକ୍ଷା ନିମନ୍ତେ ସମ୍ବିଧାନ ଧାରା ୧୫,୧୬,୧୭,୧୯, ୨୩,୨୫,୨୯,୩୫, ୪୬,୨୪୪,୨୭୫ ,୩୬୬ ଓ ୩୭୧ରେ କେତେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଦିବାସୀଙ୍କ ବିକାଶ ପାଇଁ ଧେବର କମିଶନ (୧୯୬୦), ଲୋକର କମିଟି (୧୯୬୫) ଓ ଜାତୀୟ ଅନୁସୂଚିତ ଜାତି କମିଶନ (୨୦୦୩) ବହୁ ପ୍ରସ୍ତାବ ଦେଇଥିଲେ। ଏହା ସତ୍ତ୍ୱେ ସେମାନଙ୍କର ବିକାଶ ନ ହେବାରୁ ପେସା ଆଇନ ୧୯୯୬ ଓ ଫରେଷ୍ଟ ଅଧିକାର ଆଇନ ୨୦୦୬ ପ୍ରଣୀତ ହୋଇଛି। ପଞ୍ଚମ ସୂଚୀ ଅନ୍ତର୍ଗତ ୧୨ଟି ରାଜ୍ୟ ପାଇଁ ପେସା ଆଇନ ଉଦ୍ଦିଷ୍ଟ ଥିଲେ ମଧ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡ ଏଯାଏ ପେସା ନିୟମ ପ୍ରଣୟନ ନ କରିବା ପରିତାପର ବିଷୟ। ସେହିପରି ଫରେଷ୍ଟ ଅଧିକାର ଆଇନ ୨୦୦୬ ଆମ ରାଜ୍ୟରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇନାହିଁ। କାରଣ ଏଥିରେ କେତେକ ଆଇନଗତ ଓ ବୈଷୟିକ ପ୍ରତିବନ୍ଧକ ରହିଛି।

ଆସନ୍ତୁ ଆଲୋଚନା କରିବା ଆଦିବାସୀଙ୍କ ଜୀବିକା ସମ୍ବନ୍ଧରେ। ଆଦିବାସୀଙ୍କ ଜୀବିକା ନିର୍ବାହନ ମୁଖ୍ୟତଃ ପାଞ୍ଚଟି ଉପାୟରେ ହୋଇଥାଏ। ପ୍ରଥମଟି ହେଉଛି ଜଙ୍ଗଲ ଆଧାରିତ। ଜଙ୍ଗଲ ଆଦିବାସୀଙ୍କ ପାଇଁ ଖାଦ୍ୟ,ବାସ,ଜାଳେଣି, ଗୋଖାଦ୍ୟ ଓ ଶିଳ୍ପ ପାଇଁ କଞ୍ଚାମାଲ ସହିତ ବହୁ ଔଷଧୀୟ ବୃକ୍ଷଲତା ଯୋଗାଏ। ବିଭିନ୍ନ ପ୍ରକାର ଫଳ, ଶାଗ, କନ୍ଦା, ମହୁ, ଝୁଣା, ଛତୁ, ପତ୍ର, ଝାଡୁ, ଲତା ଏମାନେ ଜଙ୍ଗଲରୁ ସଂଗ୍ରହ କରି ନିଜର ଆବଶ୍ୟକତା ପୂରଣ ସହିତ ବଜାରରେ ବିକ୍ରୟ



କରନ୍ତି। ଦ୍ୱିତୀୟଟି ହେଉଛି ଜମି ଆଧାରିତ। ପାହାଡିଆ ଅଞ୍ଚଳରେ ପୋଡୁଚାଷ , ସୋପାନ ଚାଷ, ଡିପ ଜମିରେ ଓ ଖାଲ ଜମିରେ ବିଭିନ୍ନ ଫସଲ ଚାଷ କରି ଆଦିବାସୀମାନେ ନିଜର ପାରିବାରିକ ଆବଶ୍ୟକତା ପୂରଣ ସହିତ ବଳକା ଦ୍ରବ୍ୟ ବଜାରରେ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ଏହାସହିତ ଗାଈ, ଛେଳି , ମେଣ୍ଢା, ଘୁଷୁରି, କୁକୁଡା ଏମାନଙ୍କର ମୁଖ୍ୟ ପ୍ରାଣୀ। କେତେକ ମଧ୍ୟ ନଦୀ ଓ ପୋଖରୀରୁ ମାଛ ଧରନ୍ତି। ତୃତୀୟରେ ଆଦିବାସୀମାନେ ଜଙ୍ଗଲଜାତ ଦ୍ରବ୍ୟରୁ ଗୃହ ଆସବାବ, ହସ୍ତକଳା, ଝାଡୁ, ଖଲିପତ୍ର, ଧାତୁ ନିର୍ମିତ ଅଳଙ୍କାର, ବସ୍ତ୍ର, ଟସର ଇତ୍ୟାଦି ପ୍ରସ୍ତୁତ କରି ବିକ୍ରୟ କରନ୍ତି। ଚତୁର୍ଥରେ ଜଙ୍ଗଲରୁ ବହୁ ଫଳମୂଳ ସଂଗ୍ରହ କରି ଏମାନେ ଆମ୍ବୁଲ, ଆଚାର, ପାଲୁଅ, ଆମ୍ବ ଶଢ଼ା, ମହୁଲି ମଦ ଇତ୍ୟାଦି ପ୍ରସ୍ତୁତ କରି ବିକ୍ରୟ କରନ୍ତି। ଆମ୍ବ, ପଣସ, କେନ୍ଦୁ, ଚାର ଇତ୍ୟାଦି ଫଳ ସଂଗ୍ରହ ମଧ୍ୟ ଏମାନେ କରନ୍ତି। ପଞ୍ଚମରେ ଏମାନେ ମଜୁରି ପାଇଁ ଖଣି ଖାଦାନ ଯାଆନ୍ତି କିମ୍ବା ଦାଦନ ଖଟିବାକୁ ବାହାରକୁ ପିଲାଛୁଆଙ୍କୁ ସାଙ୍ଗରେ ନେଇ ଯାଆନ୍ତି।

ଆଦିବାସୀଙ୍କ ଜୀବିକା ନିର୍ବାହ କେବେହେଲେ ପ୍ରତିପାଳନକ୍ଷମ ହେଉନାହିଁ। ସାଧାରଣତଃ ଜୀବିକା ପ୍ରତିପାଳନକ୍ଷମ ହେବା ପାଇଁ ପାଞ୍ଚଟି ସମ୍ବଳର ବିକାଶ ହେବା କଥା। ଏହି ସମ୍ବଳଗଡ଼ିକ ହେଲା ପ୍ରାକୃତିକ, ଭୌତିକ, ସାମାଜିକ, ଆର୍ଥିକ ଓ ମାନବିକ। ପ୍ରାକୃତିକ ସମ୍ବଳ ହିସାବରେ ଜମି, ଜଳ, ଜନ୍ତୁ, ଜଙ୍ଗଲ ବିକାଶ ଆଦିବାସୀ ଅଞ୍ଚଳରେ ନିରୁତ୍ସାହଜନକ। ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଜନଜାତିଙ୍କ ପାଇଁ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ଏବେବି ଅପହଞ୍ଚ। ସାମାଜିକ ବିକାଶ ପାଇଁ ଆବଶ୍ୟକ ଶିକ୍ଷା,ସ୍ୱାସ୍ଥ୍ୟ ସେବା, କର୍ମନିଯୁକ୍ତି ଇତ୍ୟାଦି ଅତ୍ୟନ୍ତ ନିମ୍ନମାନର। ଆର୍ଥିକ ଅନ୍ତର୍ଭୁକ୍ତି ଅଭାବରୁ ବହୁ ଆଦିବାସୀ ଗ୍ରାମ ମହାଜନଙ୍କୁ ଜମି ବନ୍ଧକ ଦେଇ ଋଣଗ୍ରସ୍ତ। ଏହି ଋଣଗ୍ରସ୍ତ ଆଦିବାସୀ ଦାଦନ ଖଟିବାକୁ ଯାଆନ୍ତି। ଗୋଷ୍ଠୀଗତ ଅର୍ଥନୈତିକ ପ୍ରଗତି ଏବେବି ଆଦିବାସୀ ସମାଜରେ ବିରଳ।

ବର୍ତ୍ତମାନ ଆସିବା ବିକାଶ ମାର୍ଗ ଆଡକୁ । ଆମ ଦେଶର ବିଭିନ୍ନ ରାଜ୍ୟରେ ଏବଂ ଆମ ରାଜ୍ୟର କେତେକ ସ୍ଥାନରେ କେତେକ ନୂତନ ରଣନୀତି ସଫଳ ହେବାର ଦେଖାଯାଇଛି। ଏହାକୁ ଆଧାର କରି ନିମ୍ନଲିଖିତ ରଣନୀତି କାର୍ଯ୍ୟକାରୀ ହେଲେ ଆଦିବାସୀଙ୍କ ଜନଜୀବନ ମଧ୍ୟ ପ୍ରତିପାଳନକ୍ଷମ ହୋଇପାରିବ। ପ୍ରଥମରେ ଆଦିବାସୀଙ୍କୁ ଜମି ଅଧିକାର ଦେବା ପାଇଁ ଏଫ.ଆର୍. ଆଇନ ୨୦୦୬କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ। ଯେହେତୁ ପୋଡୁଚାଷ ଯୋଗୁ ଅବାରିତ ମୃତ୍ତିକା କ୍ଷୟ ହେଉଛି ଓ ଜଙ୍ଗଲ ନଷ୍ଟ ହେଉଛି ଏହାର ବିକଳ୍ପ ହିସାବରେ ଗଡ଼ାଣିଆ କୃଷିଜମି କୌଶଳ ଅନୁସରଣ କରାଯିବା ଆବଶ୍ୟକ। ଏହି କୌଶଳ ଫିଲିପାଇନ୍‌ସରେ ବେଶ୍ ସଫଳ ହୋଇଛି। ସେହିପରି ସୋପାନ ଚାଷରେ ସୋପାନ କଡ଼ରେ ସବୁଜ ବାଡ଼ ଦେଇ ଫଳ ଓ ପନିପରିବା ଚାଷ ହୋଇପାରିବ। ଅନ୍ୟ ଚାଷ ଜମିରେ ଜୈବିକ ଚାଷ ସହିତ ଦେଶୀ ବିହନ ଓ ଦେଶୀୟ ଜ୍ଞାନକୌଶଳ ପ୍ରୟୋଗ କରାଗଲେ ଏହି ଚାଷ ଲାଭଦାୟକ ହେବ। ୱାଡି ପ୍ରଣାଳୀରେ ଫଳ ଚାଷ, ବୃକ୍ଷରୋପଣ ସହିତ ପଶୁପାଳନ ସମନ୍ୱିତ ଚାଷ ବେଶ୍ ଲାଭଦାୟକ ହେବ। ନିଜ ବାଡ଼ିବଗିଚାରେ ପାରିବାରିକ ଉଦ୍ୟାନ ହିସାବରେ ଫଳ, ପନିପରିବା ଓ ମସଲା ଫସଲ ଚାଷ କରି ନିଜ ପରିବାରର ଆବଶ୍ୟକତା ପୂରଣ ସହିତ ବଜାରରେ ବଳକା ପଦାର୍ଥ ବିକ୍ରୟ ହୋଇପାରିବ। ଦ୍ୱିତୀୟରେ ଆଦିବାସୀଙ୍କ ଜୀବନରେଖା ହୋଇଥିବା ଜଙ୍ଗଲକୁ ପେସା ଆଇନ ୧୯୯୬ ଅନୁସାରେ ସୁରକ୍ଷିତ କରିବା ଆବଶ୍ୟକ। ଏହି ଆଇନ ଅନୁଯାୟୀ ପ୍ରତି ଗ୍ରାମରେ ଏକ ଗ୍ରାମସଭା ରହିବ ଏବଂ ଏହି ଗ୍ରାମସଭା ସମସ୍ତ ନିଷ୍ପତ୍ତି ନେବ। ପଞ୍ଚାୟତ ସ୍ତରରେ ଅଣ କାଠ ଜଙ୍ଗଲଜାତ ଦ୍ରବ୍ୟର ନିୟନ୍ତ୍ରଣ କରାଯାଇ ଆଦିବାସୀଙ୍କୁ ଏହାର ସଂଗ୍ରହ ଅଧିକାର ଦେବା ସହିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିବା ଆବଶ୍ୟକ। ଆଦିବାସୀମାନେ ବ୍ୟବସାୟିକ ଭାବରେ ଶତାବରୀ, ସଫେଦ ମୁସଲି, ପାତାଳଗରୁଡ଼, ବଚ ଇତ୍ୟାଦି ଔଷଧୀୟ ଗୁଳ୍ମ ଚାଷ କରି ଏହାକୁ ଉଚ୍ଚ ମୂଲ୍ୟରେ ବିକ୍ରୟ କରି ପାରିବେ। ଜଙ୍ଗଲରେ ମିଳୁଥିବା ବାହାଡ଼ା, ହରିଡ଼ା, ଅଁଳା, ଭୂଇଁ ନିମ, ଅର୍ଜୁନ ଇତ୍ୟାଦି ଔଷଧୀୟ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରିପାରିବେ। ତୃତୀୟରେ ଆଦିବାସୀ ପୁରୁଷ ଓ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ପରିଣତ କରି ବେସରକାରୀ ସଂଗଠନ ଦ୍ୱାରା ସେମାନଙ୍କର ଦକ୍ଷତା ବିକାଶ କରାଇ ଛେଳି ପାଳନ, କୁକୁଡା ପାଳନ, ଖଲିପତ୍ର ପ୍ରସ୍ତୁତି, ହସ୍ତଶିଳ୍ପ ପ୍ରସ୍ତୁତି, ଟସର ଚାଷ, ଫୁଲ ଝାଡୁ ପ୍ରସ୍ତୁତି, ଅଗରବତି ତିଆରି, ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ, ଆଚାର ପ୍ରସ୍ତୁତି, ପୁଷ୍ଟି ଶସ୍ୟ ସଂଶାଧନ ଇତ୍ୟାଦି ଲଘୁ ଉଦ୍ୟୋଗ ଜରିଆରେ ରୋଜଗାର ବୃଦ୍ଧି କରାଯାଇ ପାରେ। ଆଦିବାସୀମାନଙ୍କୁ ଗ୍ରାମ ମହାଜନ କବଳରୁ ରକ୍ଷା କରିବା ପାଇଁ ଆନୁଷ୍ଠାନିକ ଋଣ ଯୋଗାଣ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଚତୁର୍ଥରେ ଆଦିବାସୀ ଗ୍ରାମକୁ ପରିବେଶ ଗ୍ରାମରେ ପରିଣତ କରି ପାରିଲେ ପ୍ରାକୃତିକ ସମ୍ବଳର ସଂରକ୍ଷଣ ସହିତ ଆଦିବାସୀଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇବ। ଶକ୍ତି ସଞ୍ଚୟ ପାଇଁ ସୌରଶକ୍ତି ବ୍ୟବହାର,ସବଜି କୁଲର, ଧୂମହୀନ ଚୁଲା, ଗୋବର ଗ୍ୟାସ ପ୍ଲାଣ୍ଟ ଇତ୍ୟାଦି ଉପରେ ସହାୟତା ଦେବାକୁ ହେବ। ପଞ୍ଚମରେ ଆଦିବାସୀଙ୍କ ଧର୍ମୀୟ ଭାବନା ଓ ପ୍ରଚଳିତ ପ୍ରଥାକୁ ସମ୍ମାନ ଦେଇ ଏଗୁଡ଼ିକର ସଂରକ୍ଷଣ ପାଇଁ ବ୍ୟବସ୍ଥା କଲେ ସେମାନଙ୍କ ସାମୂହିକ ବିକାଶ ହୋଇପାରିବ।

କଳିଙ୍ଗନଗର, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

# କଜଳପାତିଆ ଭଦ୍ରଲୋକି



ଡ. ସୀତାକାନ୍ତ ତ୍ରିପାଠୀ

କାଉ କଳା, କୋଇଲି ମଧ୍ୟ କଳା। ଯଦି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗେ କାଉ କହେ ମୁଁ ବଡ଼, କୋଇଲି ମଧ୍ୟ କୁହେ ସିଏ ବଡ଼। କେହି କାହାକୁ ଛାଡ଼ିବାର ନୁହନ୍ତି। କାଉ କହେ ମୁଁ ଯଦି ସକାଳେ ଓ ସନ୍ଧ୍ୟାରେ କା' କା' ରାବନ୍ତି ନାହିଁ ତା'ହେଲେ ହୁଏତ ଲୋକମାନେ ଠିକ୍ ସମୟରେ ଶେଯ ଛାଡ଼ନ୍ତେ ନାହିଁ କି ସନ୍ଧ୍ୟାବତି ମଧ୍ୟ ଠିକ୍ ସମୟରେ ଦିଆଯାଆନ୍ତା ନାହିଁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଁ ଅଳିଆ ଆବର୍ଜନା ସଫା କରୁଛି ବୋଲି ମଣିଷଠାରୁ ଆରମ୍ଭ କରି ପଶୁ-ପକ୍ଷୀମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଆରାମରେ ରହୁଛନ୍ତି। ମୁଁ ଆଉ କେଉଁ ପଶୁ ପକ୍ଷୀମାନଙ୍କ ଭଳି ପଲପଲ ପିଲାଛୁଆ ଜନ୍ମ କରି ନିଜର ବଂଶବିସ୍ତାର କରି ଅନ୍ୟମାନଙ୍କର ଦୁଃଖ କିମ୍ବା ବିନାଶର କାରଣ ସାଜେ ନାହିଁ । ଆମକୁ 'କାକବନ୍ଧ୍ୟା' ଭଳି ଅପବାଦ ମିଳିଲେ ମଧ୍ୟ ପୁଅ ହେଉ କି ଝିଅ ହେଉ ଆମେ ଥରକରେ ସନ୍ତୁଷ୍ଟ ହୋଇଥାଉ। କୋଇଲି ଲୋ' ତୁ ଭଲ ଭାବରେ ଜାଣିଛୁ ମୋ ପାଇଁ ତୋର ବଂଶରକ୍ଷା ହୋଇପାରିଛି। ତୁ କେବଳ ଅଣ୍ଡା ଦେବା ଶିଖିଛୁ କିନ୍ତୁ ତାକୁ କେମିତି ପାଳିପୋଷି ଯତ୍ନ ନେଇ ଛୁଆ କରିହେବ ସେ କଥା ତୋତେ ଆଦୌ ଜଣାନାହିଁ। ମୋତେ ଯାହା ଲଜ୍ଜା ନାହିଁ ତୋ ଅଣ୍ଡାର ଯତ୍ନନେଇ ମୁଁ ଛୁଆ କରୁଛି। ଆରେ ! ପିଲାମାନଙ୍କ ପାଖରୁ ତୁମେମାନେ ମା' ବାପା ଡାକ ଶୁଣିବ କିନ୍ତୁ ମୁଁ ସାତ ପର ହୋଇଯିବି। କୃତଜ୍ଞତାର କ' ଅକ୍ଷର ତୁମମାନଙ୍କୁ ଜଣା ନାହିଁ। ପର ଗାଲରେ ପିଠା ଖାଇବା ଭାରି ସହଜ, କିନ୍ତୁ ଚାଉଳ ବିରି ବତୁରାଇ ତାକୁ ବାଟି ତାଉଆରେ ପିଠା ବନାଇ ଖାଇବାରେ ଯେଉଁ କଷ୍ଟ ସେ କଥା ତୁମେମାନେ କାହୁଁ ଜାଣିବ ? ଏତକ ଶୁଣୁ ଶୁଣୁ କୋଇଲି ଆଉ କି ଛାଡେ, ସିଏ କହେ ରେ କାଉ ! ତୋର କର୍କଶ ରାବ ଶୁଣି ଲୋକମାନେ କିଛି ଅଶୁଭ ଘଟଣା ଘଟିବ ବୋଲି ପରା ଆଶଙ୍କା କରି ଥାଆନ୍ତି। ହେଇ ଦେଖ ! ମୋର ସ୍ୱର ମଧୁର ଆଉ ମୋର କୁହୁତାନ ଶୁଣିବା ପାଇଁ ଲୋକମାନେ କେତେ ବାଇଆ ! ତେଣୁ ଯେଉଁ ଲୋକମାନଙ୍କର କଣ୍ଠ ମଧୁର ଥାଏ ସେମାନଙ୍କୁ କୋକିଳ କଣ୍ଠ ବୋଲି ଅଭିହିତ କରାଯାଇଥାଏ। ଆମର ପତି ପତ୍ନୀ ସମ୍ପର୍କ ମଧୁର। ମା' କୋଇଲିର ସ୍ୱରଠାରୁ ପୁରୁଷ କୋଇଲିର ସ୍ୱର ମଧୁର, କିନ୍ତୁ ତାକୁ ନେଇ ଆମ ଭିତରେ ମନାନ୍ତର ନ ଥାଏ। ଆମ ସମ୍ପର୍କର ପବିତ୍ରତାକୁ ଲକ୍ଷ୍ୟ କରି ବିବାହ ପୂର୍ବରୁ କନ୍ୟାମାନେ କୋଇଲି ବୁଡ଼ (ବାଡୁଅପାଣି ଗାଧୁଆ) ପକାଇ ଥାଆନ୍ତି। କେବଳ ସେତିକି ନୁହେଁ ମୋର ମହତ୍ତ୍ୱ ଏବଂ ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀମନ୍ଦିରରେ ମଧ୍ୟ 'କୋଇଲି ବୈକୁଣ୍ଠ' ଭଳି ଅତି ମର୍ଯ୍ୟାଦାବନ୍ତ ସ୍ଥାନ ନିର୍ଦ୍ଧାରଣ କରାଯାଇଛି।

ଏସବୁ କଳି ଗଣ୍ଡଗୋଳ ଶୁଣି ସେଠାରେ ପହଞ୍ଚିଗଲା 'କଜଳପାତି' ଯାହାର ରଙ୍ଗ ମଧ୍ୟ କଳା। ଯେହେତୁ କଳିଗୋଳ ଲାଗୁଥିବା ଉଭୟ ପକ୍ଷଙ୍କର ରଙ୍ଗ କଳା, ତେଣୁ ତାକୁ ମଧ୍ୟସ୍ଥ ବା ଭଦ୍ରଲୋକି କରିବା ପାଇଁ କଷ୍ଟ ହେଲା ନାହିଁ। କାରଣ ଉଭୟ ପକ୍ଷରେ ତା'ର ଗ୍ରହଣୀୟତା ମଧ୍ୟ ଥିଲା। ଫରକ ଏତିକି ଥିଲା କାଉ ମୁହଁରେ କାଉକୁ ଟେକିବା ପୁଣି କୋଇଲି ମୁହଁରେ କୋଇଲିକୁ ପ୍ରଶଂସା କରିବାର କଳା କଜଳପାତିକୁ ଜଣାଥିଲା। ତା'ଛଡ଼ା ପକ୍ଷୀ ସମାଜ ମଧ୍ୟରେ ଯଦି ଏକତା ନ ରହିବ ତା'ହେଲେ ହୁଏତ ଅନ୍ୟମାନଙ୍କୁ ଆକ୍ରମଣ କରିବାର ସୁଯୋଗ ମିଳି ଯାଇପାରେ। ପକ୍ଷୀ ସମାଜରେ ଶାନ୍ତି, ଶୃଙ୍ଖଳା ତଥା ଏକତା ବଜାୟ ରହିବା ସହିତ ବାହ୍ୟ ଆକ୍ରମଣରୁ ନିଜକୁ ବଞ୍ଚାଇବାର ଏହି ତଥାକଥିତ ପ୍ରୟାସକୁ ଅନ୍ୟ ପକ୍ଷୀମାନେ ମଧ୍ୟ ସମର୍ଥନ କରିବାକୁ ଚାଲି ଆସିଲେ। ଏକଥା କହିବା ବାହୁଲ୍ୟ ମାତ୍ର, ଏଠାରେ କଜଳପାତିକୁ ମଧ୍ୟସ୍ଥତା କରିବା ପାଇଁ ନା କାଉ ଡାକିଥାଏ ନା କୋଇଲି ଡାକିଥାଏ। ତେବେ ନିଜର ଗରିମା ବା ଗୁରୁତ୍ୱ ବଜାୟ ରଖିବା ପାଇଁ ହେଉ କିମ୍ବା ପକ୍ଷୀ ସମାଜର ବୃହତ୍ ସ୍ୱାର୍ଥ ରକ୍ଷା ପାଇଁ ହେଉ ତା'ର ଏହି ଅଭିନବ ପ୍ରୟାସର ଉଦ୍ଦେଶ୍ୟ ବୁଝିବା ଏକ କଷ୍ଟକର ବ୍ୟାପାର। ତେଣିକି ତାକୁ କାଉ ଏବଂ କୋଇଲି ପଚାରିଲେ କି ନାହିଁ ତା'ର କିଛି ଯାଏ ଆସେ ନାହିଁ। ତେବେ ତା'ର ଉକ୍ତ ମଧ୍ୟସ୍ଥ ଭୂମିକାଟି ସାଧାରଣତଃ ପ୍ରଶଂସନୀୟ ହୋଇଥାଏ। ଯଦି କୌଣସି କାରଣରୁ ଉଭୟ କାଉ ଏବଂ କୋଇଲି, 'ଏହି କଳି ସେମାନଙ୍କର ଆଭ୍ୟନ୍ତରୀଣ ବିଷୟ ଏବଂ ଏଥିରେ ତୃତୀୟ ପକ୍ଷର ମଧ୍ୟସ୍ଥତାର ଆବଶ୍ୟକତା ନାହିଁ' ବୋଲି କୁହନ୍ତି ଏବଂ ଏହାକୁ ଅନ୍ୟ ପକ୍ଷୀମାନେ ମଧ୍ୟ ସମର୍ଥନ କରି ଅନଧିକାର ଚର୍ଚ୍ଚା ନ କରନ୍ତି ତେବେ କଜଳପାତିକୁ ଭଦ୍ରଲୋକି କରିବାର ଅପନିନ୍ଦା ମିଳିଥାଏ। କାରଣ କଥାରେ ଅଛି 'ମାନି, ଜାମିନି, ମଧ୍ୟସ୍ଥି, ମନା କରିଛନ୍ତି ଅଗସ୍ତି'।



ଏହା ପକ୍ଷୀ ସମାଜର ଏକ କାଳ୍ପନିକ କଥାବସ୍ତୁ ହୋଇପାରେ, ତେବେ ଆମ ସମାଜରେ କଜଳପାତିଆ ଚରିତ୍ରର ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ କିଏ ଡାକୁ ବା ନ ଡାକୁ କିମ୍ବା ଖୋଜୁ ବା ନ ଖୋଜୁ ସମସ୍ୟାର ସମାଧାନ କରିବା ନାଁରେ ସେମାନେ ଆସି ପର କଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଅଧିକ ଜଟିଳ କରି ତା'ର ଫାଇଦା ଉଠାଇବାକୁ ଚେଷ୍ଟା କରିଥାଆନ୍ତି। ଯଦିଓ ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ଉଭୟଙ୍କର ଆପତ୍ତି ଅଭିଯୋଗ ଶୁଣି ସାରି ନିଜର ଚମତ୍କାର ବ୍ୟକ୍ତିତ୍ୱ ତଥା ବୁଝାମଣାର କଳାକୌଶଳ ଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ଲାଗି ରହିଥିବା ସାମୟିକ କିମ୍ବା ଦୀର୍ଘ ଦିନର ମନାନ୍ତର, ମତାନ୍ତର ତଥା କଳି-ଗଣ୍ଡଗୋଳଗୁଡ଼ିକର ଆପୋସ ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି, ତେବେ ଆମେ ସମସ୍ତେ ଏହି କଜଳପାତିଆ ଭଦ୍ରଲୋକମାନଙ୍କର ଭୂମିକାକୁ ଠିକ୍ ଭାବେ ତଉଲି ପାରିଲେ ଯାଇ ଅଯଥା ସମସ୍ୟାଗୁଡ଼ିକରୁ ମୁକୁଳି ପାରିବା ନ ହେଲେ ସମସ୍ୟାର ଜାଲରେ ଛନ୍ଦି ହେବା ସହିତ ଉକ୍ତ ମତାନ୍ତର ଏବଂ ମନାନ୍ତରଗୁଡ଼ିକ ବହୁଗୁଣିତ ହେବାର ଆଶଙ୍କା ରହିଛି।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭକରି ଚାକିରି ଆଶା ରଖିଥିବା ପଞ୍ଜାବର ଫୁମାନ ସିଂଙ୍କ ପାଇଁ ବାଧକ ସାଜିଥିଲା ଦାରିଦ୍ର୍ୟ। ସେ ବିଏ ଦ୍ୱିତୀୟ ବର୍ଷରୁ ପାଠ ଛାଡ଼ିବା ପରେ ଗାଜର ଚାଷ ଆରମ୍ଭ କରିଥିଲେ। ୩୦ ବର୍ଷ ହେଲା ସେ ଏହି ଚାଷ କରିଆସୁଛନ୍ତି। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଛନ୍ତି। କପୁରଥାଲାର ପରମଜିତପୁର ଗାଁର ଫୁମାନ ଏବେ ଚାଷରୁ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ଫୁମାନ ପ୍ରଥମେ ସାଢ଼େ ଚାରି ଏକରରେ ଚାଷ ଆରମ୍ଭ କରି ତାହାକୁ ୩୭ ଏକରକୁ ବୃଦ୍ଧି କରିଛନ୍ତି। ଏହାବାଦ ଆଉ ୧୩ ଏକର ଜମି ଲିଜରେ ଆଣି ମୋଟରେ ସେ ୫୦ ଏକର ଚାଷ କରୁଛନ୍ତି। ଫୁମାନ ଓ ତାଙ୍କ ଦୁଇ ଭାଇଙ୍କ ଚାଷ ଜମିକୁ ମିଶାଇଲେ ମୋଟ ୮୦ ଏକର ଜମିରେ ଗାଜର ଚାଷ ହେଉଛି। ସେଥିରୁ ଏହି ଚାଷରେ ଫୁମାନଙ୍କ ପୁଅ ମଧ୍ୟ ସହଯୋଗ କରୁଛନ୍ତି। ଆଖପାଖ ଅଞ୍ଚଳରେ ଗାଜର ଚାଷ ବଢ଼ାଇବା ଲାଗି ଫୁମାନ ଏକ ସିଡ୍ ବ୍ୟାଙ୍କ କରିଛନ୍ତି। ସ୍ଥାନୀୟ ଲୋକେ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଚାଷୀମାନେ ତାଙ୍କଠାରୁ ଗାଜର ମଞ୍ଜି ନେଉଛନ୍ତି। ଏବେ ତାଙ୍କ ସିଡ୍ ବ୍ୟାଙ୍କରେ ଯେତିକି ବିହନ ମଞ୍ଜି ଅଛି ତାହା ୬୫୦ ଏକର ଚାଷ ହୋଇପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଫେବୃଆରୀ ୧୯୭୬

- ପଞ୍ଜାବର ଯୌତୁକ ଦାବି, ଯୌତୁକ ଦାନ ଓ ଗ୍ରହଣ ବିରୁଦ୍ଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରି ପଞ୍ଜାବ ବିଧାନସଭାରେ ଏକ ବିଲ୍ ଗୃହୀତ ହୋଇଛି।
- ସହରାଞ୍ଚଳ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଓ ଖୋଲା ଜମିରେ କୋଠାବାଡ଼ି ନିର୍ମାଣ ନିୟନ୍ତ୍ରଣ ସଂକ୍ରାନ୍ତ ବିଲ୍ ସଂପ୍ରତି ଆଇନରେ ପରିଣତ ହୋଇଛି।

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 3 | | |
| | 3 | 7 | 9 | | | | | |
| | 5 | | | | 8 | | | |
| | | | | | 1 | | | |
| 2 | | | | | | 8 | 6 | |
| | | | 7 | 2 | | | | |
| | | | 5 | 6 | 7 | | 8 | |
| 3 | 7 | 5 | | | | 2 | | |
| | 8 | 4 | 3 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 5 | 1 | 7 | 9 | 4 | 6 | 8 |
| 6 | 9 | 8 | 4 | 5 | 3 | 7 | 2 | 1 |
| 1 | 7 | 4 | 6 | 8 | 2 | 5 | 9 | 3 |
| 9 | 2 | 3 | 5 | 4 | 1 | 6 | 8 | 7 |
| 7 | 5 | 6 | 9 | 3 | 8 | 1 | 4 | 2 |
| 4 | 8 | 1 | 2 | 6 | 7 | 9 | 3 | 5 |
| 8 | 1 | 9 | 7 | 2 | 6 | 3 | 5 | 4 |
| 5 | 6 | 2 | 3 | 1 | 4 | 8 | 7 | 9 |
| 3 | 4 | 7 | 8 | 9 | 5 | 2 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୋତାର ସାଥୀ ବେତାର

ମହାଶୟ,

ବହୁଜନ ହିତାୟ ଓ ବହୁଜନ ସୁଖାୟ ବାର୍ତ୍ତା ପ୍ରଚାର କରିଆସୁଥିବା ରେଡିଓ ବା ବେତାର ଆଜି ବି ତା'ର ସତନ୍ତ୍ରତା ବଜାୟ ରଖିଛି। ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସହ ସେମାନଙ୍କୁ ସୁରକ୍ଷିତ ସ୍ଥାନର ଠିକଣା ଦେଉଥିବା ରେଡିଓର ଶ୍ରୋତା ସଂଖ୍ୟା କମିଯାଇଥାଇପାରେ ହେଲେ ଆଜି ବି ମଳିନ ପଡ଼ିନି ତା'ର ମୌଳିକତା। ଶିକ୍ଷା, ସ୍ୱାସ୍ଥ୍ୟ, ସୂଚନା ଓ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ବୋଲାଉଥିବା ବେତାର ତା'ର ଶ୍ରୋତାଙ୍କ ମନ ଜାଣି କାର୍ଯ୍ୟକ୍ରମ ପ୍ରସାରିତ କରିଚାଲିଛି। ଟିଭି, ମୋବାଇଲ, ଇଣ୍ଟରନେଟ ଜମାନାରେ ଯୁଗ ସହ ତାଳ ଦେଇ ରେଡିଓ ଶ୍ରୋତାଙ୍କର ଆହୁରି ନିକଟତର ହୋଇପାରିଛି । ଏବେ ମୋବାଇଲ ଆପ୍‌ରେ ମଧ୍ୟ ରେଡିଓ ଶୁଣି ହେଉଛି। କମ୍ୟୁନିଟି ରେଡିଓ ଷ୍ଟେଶନ ମଧ୍ୟ ଶ୍ରୋତାମାନଙ୍କୁ ଲୋକକଳା, ସଂସ୍କୃତି ଆଧାରିତ କାର୍ଯ୍ୟକ୍ରମ ପ୍ରସାରଣ କରି ଶ୍ରୋତାଭିମୁଖୀ ହେବାକୁ ଅନବରତ ଉଦ୍ୟମ ଜାରି ରଖିଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ସୂଚନା ସହ ସଚେତନତାର ବାର୍ତ୍ତା ପ୍ରଚାର କରିଆସୁଥିବା କମ୍ୟୁନିଟି ରେଡିଓ ଷ୍ଟେସନ ପ୍ରତି ସରକାର ଅଧିକ ଦୃଷ୍ଟି ଦେଲେ ଭଲ ହୁଅନ୍ତା ।

– ଦେବେନ୍ଦ୍ର କୁମାର ରାଉଳ, ଉପସ୍ଥାପକ, ରେଡିଓ ବାଘାଯତୀନ ସାନବିଶୋଳ, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରୟାଗରାଜସ୍ଥିତ ନଦୀଜଳରେ ଅତ୍ୟଧିକ ମଳ ବ୍ୟାକ୍ଟେରିଆ


ମହାକୁମ୍ଭ ଅବସରରେ ପ୍ରୟାଗରାଜସ୍ଥିତ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

## ପ୍ରଦୂଷଣ ବୋର୍ଡ ରିପୋର୍ଟ

ନୂଆଦିଲ୍ଲୀ,୧୮।୨

ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଥିବାବେଳେ ସେଠାର ନଦୀଜଳ ଗାଧୋଇବା ପାଇଁ ମଧ୍ୟ ଉପଯୁକ୍ତ ନୁହେଁ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ସୋମବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କୁ ଜଣାଇଛି। ନଦୀଜଳରେ ଅତ୍ୟଧିକ ପରିମାଣରେ ମଳ ବ୍ୟାକ୍ଟେରିଆ ଭରିରହିଛି। ସ୍ୱେରେଜ୍ ପ୍ରଦୂଷଣ ଯୋଗୁ ଜଳରେ ଫାସାଲ କୋଲିଫର୍ମ ବଢ଼ୁଛି। ଏହାର ଅନୁମତିଯୋଗ୍ୟ ସୀମା ୧୦୦ ମିଲିଲିଟରରେ ପ୍ରତି ୨,୫୦୦ ୟୁନିଟ୍ ବୋଲି ସିପିସିବି କହିଛି। ଫାସାଲ କୋଲିଫର୍ମ ବ୍ୟାକ୍ଟେରିଆ ଏକ ପ୍ରକାର ଅଣୁଜୀବ ଯାହା ମଣିଷ ଏବଂ ପ୍ରାଣୀମାନଙ୍କ ଅନ୍ତରେ ରହିଥାନ୍ତି। ସେମାନଙ୍କ ମଳରେ ଆସି ଉକ୍ତ ବ୍ୟାକ୍ଟେରିଆ ପାଣିରେ ମିଶିଥାଏ। ପ୍ରୟାଗରାଜର ବିଭିନ୍ନ ଭାଗରେ ଥିବା ନଦୀଜଳରେ ଅନୁମୋଦିତ ସୀମାଠାରୁ ବହୁତ ଅଧିକ ବ୍ୟାକ୍ଟେରିଆ ରହିଥିବାରୁ ଏହା ଗୁରୁତର ପ୍ରଦୂଷଣ, ଯାହାଦ୍ୱାରା ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହି ପାଣିରେ ଗାଧୋଇବା ଦ୍ୱାରା ଗାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ସଂକ୍ରମଣ, ଚର୍ମ ଓ ଆଖିରେ ସଂକ୍ରମଣ, ଟାଇଫଏଡ୍, ହେପାଟାଇଟିସ୍, ଶ୍ୱାସକ୍ରିୟା ସମସ୍ୟା ଆଦି ଦେଖାଦେବା ସମ୍ଭାବନା ରହିଛି।

ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ, ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ସୁଧୀର ଅଗ୍ରୱାଲ ଏବଂ ବିଶେଷଜ୍ଞ ସଦସ୍ୟ ଏ. ସେନ୍ଥିଲ ଭେଲ୍‌ଙ୍କ ଖଣ୍ଡପୀଠ ପ୍ରୟାଗରାଜରେ ଗଙ୍ଗା ଓ ଯମୁନା ନଦୀକୁ ଛଡ଼ାଯାଉଥିବା ସ୍ୱେରେଜ୍ ଆବର୍ଜନା ରୋକିବା ମାମଲାର ଶୁଣାଣି କରିଛନ୍ତି। ଗତ ୩ ତାରିଖରେ ସିପିସିବି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ କେତେକ ନିୟମର ଅନୁପାଳନ ହୋଇନାହିଁ କିମ୍ବା ଉଲ୍ଲଂଘନ ହୋଇଥିବା ଖଣ୍ଡପୀଠ କହିଛନ୍ତି। ପ୍ରୟାଗରାଜସ୍ଥିତ ନଦୀର ବିଭିନ୍ନ ଭାଗରେ ମଳ ବ୍ୟାକ୍ଟେରିଆ ଭରି ରହିଥିବାରୁ ଏହା ଗାଧୋଇବା ପାଇଁ ପ୍ରାଥମିକ ଜଳ ମାନକୁ ପୂରଣ କରୁନାହିଁ। ମହାକୁମ୍ଭ ବେଳେ କୋଟି କୋଟି ଲୋକ ସେଠାରେ ବୁଡ଼ ପକାଉଛନ୍ତି। ଫଳରେ ବ୍ୟାକ୍ଟେରିଆ ପରିମାଣ ବଢ଼ି ଚାଲିଥିବା ରିପୋର୍ଟରେ କୁହାଯାଇଛି। ବିସ୍ତୃତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ପୂର୍ବରୁ ଟ୍ରିବ୍ୟୁନାଲ ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ୟୁପିପିସିବି)କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ଅନୁପାଳନ କରାଯାଇ ନାହିଁ।

ଜାନୁଆରୀ ୨୮ରେ ଉକ୍ତ ବୋର୍ଡ ପଠାଇଥିବା ରିପୋର୍ଟ ଅନୁଯାୟୀ, ନଦୀର ବିଭିନ୍ନ ଭାଗରେ ପ୍ରଚୁର ମାତ୍ରାରେ ମଳ ଓ କୋଲିଫର୍ମ ରହିଛି। ଉକ୍ତ ରିପୋର୍ଟର ଅନୁଧ୍ୟାନ କରି ଜବାବ ଦାଖଲ କରିବାକୁ ଟ୍ରିବ୍ୟୁନାଲ ଉତ୍ତରପ୍ରଦେଶ ପକ୍ଷର ଓକିଲଙ୍କୁ ଗୋଟିଏ ଦିନ ସମୟ ଦେଇଛନ୍ତି। ବୁଧବାର ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ପ୍ରୟାଗରାଜରେ ଗଙ୍ଗା ନଦୀଜଳ ଗୁଣବତ୍ତା ପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ରାଜ୍ୟ କର୍ତ୍ତୃପକ୍ଷ ଏବଂ ୟୁପିପିସିବି ସଦସ୍ୟ ସଚିବ ଭର୍ଚ୍ଚୁଆଲି ଉପସ୍ଥିତ ରହିବାକୁ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଛନ୍ତି।

## ମହାକୁମ୍ଭ 'ମୃତ୍ୟୁକୁମ୍ଭ'ରେ ପରିଣତ ହୋଇଛି: ମମତା


ମମତା ବାନାର୍ଜୀ

କୋଲକାତା,୧୮।୨

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଉତ୍ତରପ୍ରଦେଶ ପ୍ରତିପକ୍ଷ ଯୋଗୀ ଆଦିତ୍ୟନାଥଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରୟାଗରାଜର ଉକ୍ତ ଆଧ୍ୟାତ୍ମିକ ସମାବେଶ 'ମୃତ୍ୟୁକୁମ୍ଭ'ରେ ପରିଣତ ହୋଇଥିବା ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। କୁମ୍ଭମେଳାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଅସମାନତା ରହିଥିବାବେଳେ ପ୍ରଶାସନ ପାଖରେ ଉପଯୁକ୍ତ ଯୋଜନାର ଅଭାବ ରହିଛି। ମେଳାକୁ ଆସୁଥିବା ଧନୀ ଏବଂ ଭିଆଇପିମାନଙ୍କ ପାଇଁ ସର୍ବାଧିକ ଲକ୍ଷେ ଟଙ୍କାରେ କ୍ୟାମ୍ପ୍ ଉପଲବ୍ଧ ହେଉଛି। ହେଲେ ଗରିବଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମେଳାରେ ଦଳାଚକଟା ସ୍ଥିତି ସାଧାରଣ କଥା। ତେବେ ଏହାକୁ ରୋକିବା ଲାଗି ଉପଯୁକ୍ତ ବ୍ୟବସ୍ଥା ଜରୁରୀ ବୋଲି ମମତା କହିଛନ୍ତି।

ମମତାଙ୍କ ମନ୍ତବ୍ୟ ଉପରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ଦୃଢ଼ ପ୍ରତିବାଦ କରିବାକୁ ସେ ହିନ୍ଦୁ ଏବଂ ସାଧୁ ସନ୍ଥ ସମୁଦାୟଙ୍କୁ ନିବେଦନ କରିଛନ୍ତି। ଯଦି ଆପଣମାନେ ପ୍ରକୃତ ହିନ୍ଦୁ, ତେବେ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ମମତାଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରନ୍ତୁ ବୋଲି ଶୁଭେନ୍ଦୁ କହିଛନ୍ତି।

## ଅଗୁଷ୍ଟା ୱେଷ୍ଟଲାଣ୍ଡ ମାମଲା

## ମଧ୍ୟସ୍ଥ କ୍ରିଷ୍ଟିଆନ୍ ମିଚେଲ୍‌ଙ୍କୁ ଜାମିନ


କ୍ରିଷ୍ଟିଆନ୍ ମିଚେଲ ଜେମ୍ସ

ନୂଆଦିଲ୍ଲୀ,୧୮।୨(ପି.ଟି.)

ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ମଧ୍ୟସ୍ଥତା କରିଥିବା ବ୍ରିଟିଶ ନାଗରିକ କ୍ରିଷ୍ଟିଆନ୍ ମିଚେଲ ଜେମ୍ସଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଜାମିନ ମଞ୍ଜୁର କରିଛନ୍ତି। ସିବିଆଇ ଏହି ୩,୬୦୦ କୋଟି ଟଙ୍କାର ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାର ତଦନ୍ତ କରୁଥିବାବେଳେ କ୍ରିଷ୍ଟିଆନ୍ ୬ ବର୍ଷ ହେଲା ଜେଲରେ ଥିଲେ। ତଦନ୍ତ ଜାରି ରହିଥିବାବେଳେ କ୍ରିଷ୍ଟିଆନ୍ ୬ ବର୍ଷ ଜେଲରେ କାଟିସାରିଲେଣି ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ତଳକୋର୍ଟଙ୍କ ସର୍ତ୍ତ ଅନୁଯାୟୀ ତାଙ୍କୁ ଜାମିନରେ ଛାଡ଼ିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ରେ କ୍ରିଷ୍ଟିଆନ ଦୁବାଇରୁ ପ୍ରତ୍ୟର୍ପିତ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୨୫ରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ଆମେରିକାରୁ ବେଆଇନ ପ୍ରବାସୀ ଭାରତୀୟଙ୍କୁ ଗ୍ରହଣ କରିବ କୋଷ୍ଟାରିକା

ସାନ୍‌ଜୋସ୍,୧୮।୨(ପି.ଟି.)

ଆମେରିକାରୁ ବିଦା ହେବାକୁ ଥିବା ବେଆଇନ ପ୍ରବାସୀ ଭାରତୀୟ ଏବଂ କେନ୍ଦ୍ରୀୟ ଏସୀୟ ଲୋକମାନଙ୍କୁ ଗ୍ରହଣ କରିବା ପାଇଁ କୋଷ୍ଟାରିକା ରାଜି ହୋଇଛି। କୋଷ୍ଟାରିକା ରାଷ୍ଟ୍ରପତି ରୋଡ୍ରିଗୋ ଚାଭେସ୍ ରୋବ୍ଲସ୍‌ଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୦୦ ଜଣିଆ ପ୍ରବାସୀଙ୍କ ଏକ ଗ୍ରୁପ୍ ବ୍ୟବସାୟିକ ବିମାନରେ ଆସି ବୁଧବାର ଜୁଆନ୍ ସାଣ୍ଟାମାରିଆ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିବ। ଆମେରିକାରୁ ବେଆଇନ ପ୍ରବାସୀଙ୍କୁ ବିଦା କରିବାରେ ସହଯୋଗ କରିବାକୁ କୋଷ୍ଟାରିକା ସରକାର ରାଜି ହୋଇଛନ୍ତି। ସେମାନଙ୍କୁ ସେଠାର ଏକ ଅସ୍ଥାୟୀ ଶିବିରରେ ରଖାଯାଇ ପରେ ସେମାନଙ୍କୁ ମୂଳ ଦେଶକୁ ପଠାଯିବ।

### ଅବସର ନେଲେ ସିଇସି ରାଜୀବ କୁମାର

ନୂଆଦିଲ୍ଲୀ,୧୮।୨

୨୦୨୪ ଲୋକ ସଭା ନିର୍ବାଚନ ସମେତ ଗୁରୁତ୍ୱପୂର୍ଣ୍ଣ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପରିଚାଳନାର ନେତୃତ୍ୱ ନେଇଥିବା ମୁଖ୍ୟ ନିର୍ବାଚନ କମିଶନର



(ସିଇସି) ରାଜୀବ କୁମାର ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ସେ ୨୦୨୦ ସେପ୍ଟେମ୍ବର ୧ରେ ନିର୍ବାଚନ କମିଶନର ଭାବେ ଯୋଗଦେଇଥିବାବେଳେ ୨୦୨୨ ମେ' ୧୫ରେ ୨୫ତମ ସିଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନିର୍ବାଚନ କମିଶନର ଭାବେ ସେ ଏହି ସଂସ୍ଥାର ଗଠନ, ବୈଷୟିକ, ସାମର୍ଥ୍ୟ ବିକାଶ, ଯୋଗଯୋଗ, ଅନ୍ତର୍ଜାତୀୟ ସହଯୋଗ ଏବଂ ପ୍ରଶାସନିକ ସଂସ୍କାର ଦିଗରେ କାର୍ଯ୍ୟ କରିଥିଲେ। ସେ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ପରିଚାଳନା ସମେତ ୨୦୨୨ରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ, ୨୦୨୪ର ଲୋକ ସଭା ନିର୍ବାଚନ ଓ ରାଜ୍ୟ ସଭା ନିର୍ବାଚନ ପରିଚାଳନା କରିଥିଲେ। ତାଙ୍କ ସ୍ଥାନରେ ଜ୍ଞାନେଶ କୁମାର ପରବର୍ତ୍ତୀ ସିଇସି ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।

## ସିଇସି ଚୟନ ପାଇଁ ରାତିଅଧିଆ ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ପାଇଁ ଅପମାନଜନକ: ରାହୁଲ

ନୂଆଦିଲ୍ଲୀ,୧୮।୨(ପି.ଟି.)

ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ନୂଆ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି ପାଇଁ ରାତିଅଧିଆ ନିଷ୍ପତ୍ତି ନେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପାଇଁ ଅପମାନଜନକ ଏବଂ ଅସଭ୍ୟ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ସୋମବାର ରାତିରେ ସିଇସି ଚୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ବସିଥିଲା। କମିଟି ସଦସ୍ୟ ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ


ରାହୁଲ ଗାନ୍ଧୀ

ଗାନ୍ଧୀ ସୁପ୍ରିମକୋର୍ଟ ଶୁଣାଣିକୁ ଦୃଷ୍ଟିରେ ରଖି ବୈଠକ ଘୁଞ୍ଚାଇବାକୁ କହିଥିଲେ। ଏହା କିଛି ଘଣ୍ଟା ପରେ ଜ୍ଞାନେଶ କୁମାରଙ୍କୁ ନୂଆ ସିଇସି ନିଯୁକ୍ତ କରାଯାଇଥିଲା। ରାହୁଲ କହିଛନ୍ତି, ବୈଠକରେ ସେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅସହମତ ନୋଟ୍ ଦେଇଥିଲେ। ନିର୍ବାଚନ କମିଶନର ଏବଂ ମୁଖ୍ୟ ନିର୍ବାଚନ କମିଶନର ଚୟନ ପ୍ରକ୍ରିୟା ସରକାରୀ ପ୍ରଭାବରୁ ମୁକ୍ତ ରଖାଯିବା ଏକ ସ୍ୱାଧୀନ ନିର୍ବାଚନ କମିଶନର ସବୁଠୁ ମୌଳିକ ଦୃଷ୍ଟିକୋଣ ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରି ଏବଂ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେଇ କୋଟି କୋଟି ଲୋକଙ୍କର ଆମ ନିର୍ବାଚନୀ ପ୍ରକ୍ରିୟାର ସାଧୁତାକୁ ନେଇ ରହିଥିବା ଚିନ୍ତାକୁ ମୋଦି ସରକାର ବଢ଼ାଇ ଦେଇଛନ୍ତି। ବିରୋଧୀ ଦଳ ନେତା ଭାବେ ବାବାସାହେବ ଆମ୍ବେଦକର ଏବଂ ରାଷ୍ଟ୍ରର ପ୍ରତିଷ୍ଠାତା ନେତାମାନଙ୍କ ଆଦର୍ଶକୁ କାଏମ ରଖିବା ସହ ସରକାରଙ୍କୁ ଉତ୍ତରଦାୟୀ କରାଇବା ତାଙ୍କ କର୍ତ୍ତବ୍ୟ ବୋଲି ରାହୁଲ କହିଛନ୍ତି।

ଚୟନ କମିଟି ଗଠନକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବା ସତ୍ତ୍ୱେ ତରବରିଆ ଭାବେ ସିଇସି ନିଯୁକ୍ତ କରାଯିବାକୁନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ସରକାରଙ୍କ ରାତିଅଧିଆ ନିଯୁକ୍ତି ନିଷ୍ପତ୍ତି ଆମ ଗଣତନ୍ତ୍ର ଏବଂ ମୁକ୍ତ ନିର୍ବାଚନ ଭାବନାକୁ ଦୁର୍ବଳ କରୁଛି ବୋଲି କଂଗ୍ରେସ ନେତା ମାନିକମ୍ ଟାଗୋର କହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ କର୍ତ୍ତୃତ୍ୱ ଏବଂ ସମ୍ବିଧାନ ଭାବନାର ଉଲ୍ଲଂଘନ ବୋଲି କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀ କହିଛନ୍ତି।

## ଭାରତରେ ନିଯୁକ୍ତି ଆରମ୍ଭ କଲା ଟେସ୍‌ଲା

ନୂଆଦିଲ୍ଲୀ,୧୮।୨

ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ଆଲୋଚନା ପରେ ତାଙ୍କ କମ୍ପାନୀ ଭାରତରେ ନିଯୁକ୍ତି ପ୍ରଦାନ ଆରମ୍ଭ କରିଛି। ତେଣୁ ଭାରତୀୟ ବଜାରରେ ଟେସ୍‌ଲା ପ୍ରବେଶ କରୁଥିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହି ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା କମ୍ପାନୀ ସର୍ଭିସ୍ ଟେକ୍‌ନିସିଆନ୍ ସମେତ ୧୩ଟି ସେବାରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଆହ୍ୱାନ କରିଥିବା ସୋମବାର ଏହାର ଲିଙ୍କଡ୍‌ଇନ୍ ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନରୁ ଜଣାପଡ଼ିଛି। ସେଥିରୁ ଅନ୍ୟୁନ ୫ଟି ପଦବୀ ଉଭୟ ମୁମ୍ବାଇ ଏବଂ ଦିଲ୍ଲୀରେ ଉପଲବ୍ଧ ଥିବାବେଳେ କଷ୍ଟମର ଏନ୍‌ଗେଜ୍‌ମେଣ୍ଟ ମ୍ୟାନେଜର, ଡେଲିଭରି ଅପରେଶନ ସ୍ପେଶାଲିଷ୍ଟ ଆଦି ଅନ୍ୟାନ୍ୟ ପଦବୀ କେବଳ ମୁମ୍ବାଇରେ ରହିଛି। ଭାରତୀୟ ବଜାରରେ ପ୍ରବେଶ ପାଇଁ ଟେସ୍‌ଲା ବହୁବର୍ଷ ହେଲା ଆଲୋଚନା ଚଳାଇଥିବାବେଳେ ଅତ୍ୟଧିକ ଆମଦାନୀ ଶୁଳ୍କକୁ ନେଇ ଦୂରେଇ ରହିଥିଲା। ଭାରତ ଏବେ ୪୦ ହଜାର ଡଲାରରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ କାର ଉପରେ ମୌଳିକ ସୀମା ଶୁଳ୍କ ୧୧୦%ରୁ ୭୦%କୁ ହ୍ରାସ କରିଛି। ଗତବର୍ଷ ଭାରତରେ ପାଖାପାଖି ୧ ଲକ୍ଷ ୟୁନିଟ ଇଭି ବିକ୍ରି ହୋଇଥିଲା। ବିକ୍ରି ବଢ଼ାଇବାକୁ ଭାରତ ଟେସ୍‌ଲାକୁ ସୁଯୋଗ ଦେଇଛି।

## ଲ୍ୟାଣ୍ଡିଂ ବେଳେ ଓଲଟିଲା ବିମାନ: ୧୮ ଆହତ

ଟରଣ୍ଟୋ, ୧୮।୨

କାନାଡାର ଟରଣ୍ଟୋସ୍ଥିତ ପିଅରସନ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ମଙ୍ଗଳବାର ଡେଲ୍‌ଟା ଏୟାରଲାଇନ୍ସର 'ସିଜେଆର୍‌୯୦୦' ବିମାନ ଦୁର୍ଘଟଣାର ଶିକାର ହୋଇଛି। ଏହି ଦୁର୍ଘଟଣାରେ ୧୮ ଜଣ ଆହତ ହୋଇଥିବାବେଳେ ୩ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ବିମାନରେ ୭୬ ଜଣ ଯାତ୍ରୀ ଏବଂ ୪ ଜଣ କ୍ରିଉ ସଦସ୍ୟ ରହିଥିଲେ। ରିପୋର୍ଟ ଅନୁଯାୟୀ, ବିମାନଟି ଲ୍ୟାଣ୍ଡିଂ କରୁଥିବାବେଳେ ଟରଣ୍ଟୋ ଏୟାରପୋର୍ଟର ବରଫାବୃତ୍ତ ରନ୍‌ୱେରେ ଏହା ନିଜର ସନ୍ତୁଳନ ହରାଇ ବସିଥିଲା। ଫଳରେ ବିମାନଟି ଓଲଟି ପଡ଼ିଥିଲା। ବିମାନଟି ଯାତ୍ରୀମାନଙ୍କୁ


ଟରଣ୍ଟୋସ୍ଥିତ ଏୟାରପୋର୍ଟରେ ଡେଲଟା ଏୟାରଲାଇନ୍ସର ଦୁର୍ଘଟଣାଗ୍ରସ୍ତ ବିମାନ।

ନେଇ ମିନିଆପଲିସ-ସେଣ୍ଟ ପଲ୍ ଏୟାରପୋର୍ଟରୁ ଟରଣ୍ଟୋ ଏୟାରପୋର୍ଟକୁ ଆସୁଥିଲା। ଦୁର୍ଘଟଣାଗ୍ରସ୍ତ ବିମାନ ମଧ୍ୟରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ନେଇ ଡେଲ୍ଟା ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ବିମାନ ଦୁର୍ଘଟଣା ନେଇ ଯାଞ୍ଚର ଆଦେଶ ଦିଆଯାଇଛି ବୋଲି ଏୟାରଲାଇନ୍ସ କହିଛି। ଡେଲ୍ଟା ଏୟାରଲାଇନ୍ସର ଏହି ବିମାନ ବରଫାବୃତ୍ତ ରନ୍‌ୱେରେ ଓଲଟିବାର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଣିଜ୍ୟିକ କାରବାର ବଢ଼ାଇବେ ଭାରତ, କାତାର

ନୂଆଦିଲ୍ଲୀ, ୧୮।୨

ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାତାରର ଅମିର ଶେଖ୍ ତମିମ ବିନ୍ ହମଦ୍ ଅଲ୍-ଥାନୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ନିବେଶ, ଶକ୍ତି, ଟେକ୍ନୋଲୋଜି ଆଦି କ୍ଷେତ୍ରରେ ଅନେକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ବାଣିଜ୍ୟିକ ଏବଂ ଲୋକ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ରଣନୈତିକ ଭାଗୀଦାରିକୁ ବୃଦ୍ଧି କରିବା ପାଇଁ ୨ ନେତା ଜୋର୍ ଦେଇଥିଲେ। ଏହି ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍.


ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କତାରର ଅମିର ଶେଖ୍ ତମିମ ବିନ୍ ହମଦ୍ ଅଲ୍-ଥାନୀ ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି।

ଜୟଶଙ୍କର ଏବଂ କାତାରର ବହିର୍ବ୍ୟାପାର ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରେହମାନ ବିନ୍ ଜସିମ ଅଲ୍ ଥାନୀଙ୍କ ମଧ୍ୟରେ ବିଭିନ୍ନ ଦସ୍ତାବିଜ୍ ଆଦାନପ୍ରଦାନ କରାଯାଇଥିଲା। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ପିୟୂଷ ଗୋୟଲ, ହରଦୀପ ସିଂ ପୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ଇସ୍ରାଏଲ ଏବଂ ହମାସ୍ ପ୍ରସଙ୍ଗ ମଧ୍ୟ ଉଠିଥିଲା। ଏନେଇ ଉଭୟ ମୋଦି ଓ କାତାରର ଅମିର ନିଜ ମତ ରଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କାତାର ଜେଲରେ ବନ୍ଦୀ ଥିବା ୬୦୦ ଭାରତୀୟଙ୍କ ପ୍ରସଙ୍ଗ ଉଠାଇଥିଲେ। ପ୍ରକାଶ ଯେ, ମୋଦିଙ୍କ ନିମନ୍ତ୍ରଣରେ କାତାରର ଅମିର ଶେଖ୍ ତମିମ ବିନ୍ ହମଦ୍ ସୋମବାରଠାରୁ ୨ ଦିନିଆ ଭାରତ ଗସ୍ତରେ ରହିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ତାଙ୍କୁ ରାଷ୍ଟ୍ରପତି ଭବନରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

## ଫୁରସତ୍

### ଯୌତୁକରେ ମିଳିଥିବା ୫.୫୧ ଲକ୍ଷ ଫେରାଇଲେ

#### ସିଭିଲ ସର୍ଭିସେସ୍ ଆସ୍ପିରାଣ୍ଟ ପରମବୀର ଚାରିଆଡ଼ୁ ପ୍ରଶଂସିତ

ଜୈସଲ୍‌ମେର

ପଶ୍ଚିମ ରାଜସ୍ଥାନର ଜୈସଲମେର ଜିଲା ଲାଠି ଅଞ୍ଚଳସ୍ଥିତ କେରାଲିଆ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏକ ବିବାହ ଉତ୍ସବରେ ଜଣେ ବର ଯୌତୁକ ପ୍ରଥାକୁ ବନ୍ଦ କରିବା ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ରାଜସ୍ଥାନର ପାଲି ଜିଲା କଣ୍ଟାଲିଆ ଗ୍ରାମର ପରମବୀର ସିଂ କୁମାୱତଙ୍କ ବିବାହ ରବିବାର କେରାଲିଆ ଗ୍ରାମ ନିବାସୀ ଜେଠୁ ସିଂ ଭାଟିଙ୍କ ଝିଅ ନିକିତା ଭାଟିଙ୍କ ସହ ହୋଇଥିଲା। ତେବେ ବିବାହର ତିଲକ୍ ପ୍ରଥା ଚାଲିଥିବା ବେଳେ ଜେଠୁ ସିଂ ତାଙ୍କ ଜ୍ୱାଇଁ ପରମବୀରଙ୍କୁ ଉପହାର ସ୍ୱରୂପ ୫ ଲକ୍ଷ ୫୧ ହଜାର ଟଙ୍କା ଦେଇଥିଲେ। ହଠାତ୍ ପରମବୀର ଏହି ଉପହାରକୁ ମନା କରି ପାରି ନଥିଲେ। ଏହାର କିଛି ସମୟ ପରେ ସେ ତାଙ୍କ ବାପା ଈଶ୍ୱର ସିଂ କୁମାୱତ୍‌ଙ୍କୁ ଉପହାରରେ ମିଳିଥିବା ୫ ଲକ୍ଷ ୫୧ ହଜାର



ଟଙ୍କା କନ୍ୟା ପକ୍ଷଙ୍କୁ ଫେରାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏଥିରେ ଈଶ୍ୱର ରାଜି ହୋଇଥିଲେ। ଏହାପରେ ଉଭୟ ପରମବୀର ଓ ତାଙ୍କ ବାପା ଈଶ୍ୱର କନ୍ୟାଙ୍କ ବାପା ଜେଠୁ ସିଂଙ୍କ ପାଖକୁ ଯାଇ ତିଲକ ପ୍ରଥା ବାବଦକୁ ଉପହାରରେ ମିଳିଥିବା ୫ ଲକ୍ଷ ୫୧ ହଜାର ଟଙ୍କା ଫେରାଇ ଦେବା ସହ ପରମ୍ପରାକୁ ନିଭାଇବା ପାଇଁ ସେମାନେ କନ୍ୟା ପକ୍ଷଙ୍କଠାରୁ କେବଳ ଗୋଟିଏ ୧ ଟଙ୍କିଆ କଏନ୍ ଓ ନଡ଼ିଆ ରଖିଥିଲେ। ବର ଓ ତାଙ୍କ ବାପାଙ୍କ ଏହି ଆଚରଣ ଦେଖି କନ୍ୟାଙ୍କ ବାପା ଜେଠୁ ସିଂ ଭାବବିହ୍ୱଳ ହୋଇ ଯାଇଥିଲେ। ଏହି ଦୃଶ୍ୟ ଦେଖି ସେଠାରେ ଥିବା ସମସ୍ତ ଅତିଥି ମଧ୍ୟ ଚକିତ ହୋଇଯାଇଥିଲେ। ଏହି ଘଟଣା କେବଳ କେରାଲିଆ ଗ୍ରାମରେ ନୁହେଁ, ବରଂ ଆଖପାଖ ଗ୍ରାମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣା ସମ୍ପର୍କରେ ପରମବୀର କହିଛନ୍ତି, ତାଙ୍କୁ ଓ ତାଙ୍କ ପରିବାରକୁ ଯୌତୁକ ଦରକାର ନାହିଁ। ରାଜପୁତ ସମାଜରେ ଯୌତୁକ ପ୍ରଥା ବନ୍ଦ କରିବାର ସନ୍ଦେଶ ଦେବା ପାଇଁ ସେ ତିଲକ ପରମ୍ପରାରେ ମିଳିଥିବା ଟଙ୍କାକୁ ଫେରାଇ ଦେଇଛନ୍ତି। ୩୦ ବର୍ଷୀୟ ପରମବୀର ହେଉଛନ୍ତି ଜଣେ ସିଭିଲ ସର୍ଭିସେସ୍ ଆସ୍ପିରାଣ୍ଟ। ତେଣୁ ଜଣେ ଶିକ୍ଷିତ ବ୍ୟକ୍ତି ଭାବେ ସମାଜରେ ଯୌତୁକ ପରି କୁପ୍ରଥାକୁ ସେ କେବେ ମଧ୍ୟ ପ୍ରଶ୍ରୟ ଦେବେ ନାହିଁ ବୋଲି ପରମବୀର କହିଛନ୍ତି। ତାଙ୍କ ବାପା ଈଶ୍ୱର ସିଂ କହିଛନ୍ତି, ଆଧୁନିକ ଭାରତରେ ଝିଅମାନେ ବିଭିନ୍ନ କ୍ଷେତ୍ରରେ ଦେଶ ଓ ସମାଜ ସମେତ ପରିବାରର ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ବିବାହ ଉତ୍ସବରେ କେବଳ ନଡ଼ିଆ ନେଇ ପରମ୍ପରାକୁ ନିଭାଇବାର ଆବଶ୍ୟକତା ରହିଛି। ପରମ୍ପରା ନାଁରେ ଲକ୍ଷାଧିକ ଟଙ୍କାର ଯୌତୁକ ଦିଆନିଆ ଠିକ୍ ନୁହେଁ ବୋଲି ସେ କହିଛନ୍ତି। କନ୍ୟାଙ୍କ ବାପା ଜେଠୁ ସିଂ କହିଛନ୍ତି, ସମାଜରେ ଲୋକଙ୍କ ମଧ୍ୟରେ ଯୌତୁକ ନ ନେବାର ମାନସିକତା ଆସିଗଲେ କୌଣସି ବାପା ସେମାନଙ୍କ ଝିଅଙ୍କୁ ଆଉ ବୋଝ ବୋଲି ଭାବିବେ ନାହିଁ।

### ଝାନ୍ସୀରେ 'ବର୍ଡର ୨'ର ଶୁଟିଂ

ଝାନ୍ସି

ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ 'ବର୍ଡର ୨' ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ତେବେ ସନ୍ନି ଏହି ଫିଲ୍ମର ଶୁଟିଂ ଆରମ୍ଭ କରିଛନ୍ତି। ମଙ୍ଗଳବାର ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ଶୁଟିଂ ଶେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ସନ୍ନିଙ୍କୁ ଅଭିନେତା ବରୁଣ ଧାୱନ ଏବଂ 'ବର୍ଡର ୨' ଫିଲ୍ମର କ୍ରିଉ ସଦସ୍ୟଙ୍କ ସହ ପୋଜ୍ ଦେଉଥିବାର ଦେଖିବାକୁ ମିଳିଛି। ଏହି ଫଟୋରେ 'ବର୍ଡର ୨' ନିର୍ଦ୍ଦେଶକ ଅନୁରାଗ ସିଂ, ନିର୍ମାତା ଭୂଷଣ କୁମାର, ନିଧି ଦତ୍ତା ଏବଂ ସହ ନିର୍ମାତା ଶିବ ଚାନନ୍ ଓ ବିନୟ ଗାନ୍ଧୀ ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ ସନ୍ନି ଲେଖିଛନ୍ତି, ଝାନ୍ସୀ ସହରର ଉପକଣ୍ଠସ୍ଥିତ କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରେ ନିର୍ମିତ ଶୁଟିଂ ସେଟ୍‌ରେ ଭାରତର ସବୁଠାରୁ ବଡ଼ ୱାର୍ ଡ୍ରାମା ଫିଲ୍ମର ନିର୍ମାଣ କରାଯାଉଛି। ତେବେ ରିପୋର୍ଟ ଅନୁଯାୟୀ, ଫିଲ୍ମର ଅନ୍ୟତମ ଷ୍ଟାର୍ ଅହାନ ସେଟ୍ଟୀ ଓ ଦିଲ୍‌ଜିତ ଦୋସାଞ୍ଜଙ୍କର ଶୁଟିଂ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ପ୍ରକାଶ ଯେ, 'ବର୍ଡର ୨' ହେଉଛି ୧୯୯୭ ମସିହାର ସୁପରହିଟ୍ ଫିଲ୍ମ 'ବର୍ଡର'ର ସ୍ୱିକେଲ। ଆସନ୍ତା ବର୍ଷ ଜାନୁଆରୀ ୨୩ରେ 'ବର୍ଡର ୨' ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି।


ସନ୍ନି ଦେଓଲ

# ଡିପିଆର୍ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

**ଦେଓଗାଁ,୧୮।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଦେଷଣ୍ଡ ନିକଟସ୍ଥ ଚାନ୍ଦିଲି ପାହାଡକୁ ରାଜ୍ୟ ସରକାର ଗତ ୧୦ ତାରିଖରେ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିଛନ୍ତି। ସରକାରଙ୍କ ଏହି ଘୋଷଣା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହାର ବିକାଶ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱର ଉକ୍ତ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ଚାନ୍ଦିଲି ପାହାଡ ଉପରେ ଥିବା ଅନେକଗୁଡିଏ ଶିଳାଲିପି, ସୀତାକୁଣ୍ଡ, ସତ୍ୟବଟ ବୃକ୍ଷ, ଭୀମଖୋଜ, ଶିବପାର୍ବତୀ ଚୌକି, ପ୍ରସ୍ତରର ସପ୍ତଫେଣୀ, ସପ୍ତଋଷି ଶିଳା ଆଶ୍ରମ, ଶିବଲିଙ୍ଗ, ପଥର ଆକୃତି ଗରୁଡ, ୧୪ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ସମତଳ ପାହାଡ, ଦୁର୍ଗାଙ୍କ ଶିଳା, ଚାଳିଶରୁ ଉର୍ଦ୍ଧ୍ୱ ଗୁମ୍ଫା ସମେତ ପଥର ଆକୃତି ଅନେକ ଶିଳାଲିପି ରହିଛି। ଏସବୁର ବିକାଶ ନିମନ୍ତେ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବା ପାଇଁ ଜିଲାପାଳ ପର୍ଯ୍ୟଟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ନିକଟସ୍ଥ ମେହେରକଟାର ଉନ୍ନତି ପାଇଁ ୬ କୋଟି ୭୪ ଲକ୍ଷ ଟଙ୍କାର ଡିପିଆର ପଠାଯାଇଛି। ଏହାବାଦ୍ ପାହାଡର ପଛପଟେ ଥିବା ଶ୍ରୀରାମ ନାଳାର ଉନ୍ନତି ପାଇଁ ୨ଟି ପର୍ଯ୍ୟାୟରେ ତିନି କୋଟିର ଡିପିଆର ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ଏହି ସ୍ଥଳୀର ବିକାଶ ହେଲେ ପର୍ଯ୍ୟଟକମାନଙ୍କ ଆଗମନ ହେବ ଓ ଏହି ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ଏଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ଜନସାଧାରଣ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳଙ୍କ ଗସ୍ତ ଅବସରରେ ବିଡିଓ ପ୍ରିୟରଞ୍ଜନ କୁମାର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଚାନ୍ଦିଲି ପାହାଡ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ, ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, କମିଟି ସଭାପତି ରାଧେଶ୍ୟାମ ମେହେର, ଘାସିରାମ ରଣା, ରଘୁମଣି ରଣା, ୱାର୍ଡ ସଭ୍ୟା ବନିତା ରଣା, ଦୁର୍ମିଳା ରଣା, ସୁରେନ୍ଦ୍ର ସାଏ, ଇନ୍ଦ୍ରଜିତ ରାଉତ, ସତ୍ୟ ନାରାୟଣ ଷଡଙ୍ଗୀ, ବନମାଳୀ ମେହେର, ବିଦ୍ୟାଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ଦେଓଗାଁ ଓ କଛାରପାଲି ଗାଁକୁ ଯାଇ ଚାଷୀଙ୍କ ସହ ରବିଋତୁରେ ହୋଇଥିବା ମୁଗ ଓ ବିରି ଚାଷ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଗ୍ରାମ୍ୟ କୃଷି କର୍ମୀ ଦୁଃଖସାରୀ ପଟେଲ, କଲ୍ୟାଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଚାନ୍ଦିଲି ପାହାଡଠାରେ ଜିଲାପାଳ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

**■ପର୍ଯ୍ୟଟନସ୍ଥଳୀ ଚାନ୍ଦିଲି ପାହାଡ଼ ପରିଦର୍ଶନ କଲେ ଜିଲାପାଳ**
**■ଉନ୍ନୟନ ନେଇ ଆଲୋଚନା**

## ଅବକାରୀ ଚଢ଼ାଉ: ୪୫ ଲିଟର ମଦ ଜବତ

**ଖପ୍ରାଖୋଲ,୧୮।୨(ଅଭୟ ତ୍ରିପାଠୀ)**

ମଙ୍ଗଳବାର ସକାଳେ ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ବାଦିମାଲ ଗାଁ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୫ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ ହୋଇଛି। ମଦ ରଖିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଦୀମାଲ ଗାଁର ବିଭୀଷଣ କରୁଆଁ(୪୫)। ସୂଚନା ଅନୁସାରେ, ଜଙ୍ଗଲରୁ ରନ୍ଧା ମଦ ଏକ ଟ୍ୟୁବ୍ ମାଧ୍ୟମରେ ବିଭୀଷଣ ନେଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏକ ବାଇକ୍ ସହ ରନ୍ଧା ମଦ ଜବତ ହୋଇଥିଲା। ଚଢ଼ାଉରେ ଖପ୍ରାଖୋଲ ଅବକାରୀ ଥାନା ଅଧିକାରୀ କେଶବ ଧରୁଆଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ରବିଚନ୍ଦନ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ



ବିଜୟୀ ଦଳକୁ ମୁଖ୍ୟଅତିଥି ପୂର୍ବତନ ବିଧାୟକ ନରସିଂହ ମିଶ୍ର ପୁରସ୍କୃତ କରୁଛନ୍ତି।

**ବଲାଙ୍ଗୀର,୧୮।୨(ବୀରେନ୍ଦ୍ର କୁମାର ଝାଙ୍କର)**

ମାଧିଆପାଲି ଗ୍ରାମପଞ୍ଚାୟତର ବୀରମୁଣ୍ଡାଠାରେ ରବିଚନ୍ଦନ ସ୍ମୃତି କମିଟି ପକ୍ଷରୁ ରବିଚନ୍ଦନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ଖେଳରେ କୁଟୁମଡୋଳା ଓ ଖୁଣ୍ଟପାଲି ଏକାଦଶ ମୁହାଁମୁହିଁ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କୁଟୁମଡୋଳା ଏକାଦଶ ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଏ ଅଞ୍ଚଳରେ ଖେଳ ପଡିଆ ନ ଥିବା ସତ୍ତ୍ୱେ ଖେଳାଳିମାନେ ହତୋତ୍ସାହିତ ନ ହୋଇ ଏହି ପ୍ରତିଯୋଗିତାକୁ ଦ୍ୱିତୀୟ ବର୍ଷରେ ପହଞ୍ଚାଇଛନ୍ତି। ସୁନ୍ଦରଗଡ ଜିଲାରେ ଯେପରି ଭିତ୍ତିଭୂମି ନ ଥାଇ ଅତୀତରେ ଅନେକ ହକି ଖେଳାଳି ବାହାରିଥିଲେ ଏବଂ ପରବର୍ତ୍ତୀ ସମୟରେ ସରକାର ବାଧ୍ୟ ହୋଇ ସେ ଅଞ୍ଚଳର ହକି ଭିତ୍ତିଭୂମିକୁ ବିକାଶ କରିଥିଲା ସେଥିରୁ ଆମକୁ ଅନେକ କିଛି ଶିଖିବାର ଅଛି ବୋଲି କହିଥିଲେ। ଏହି ଅଞ୍ଚଳରେ ଜମିର କିସମକୁ ଦେଖି କେଉଁଠି ଏକ ଖେଳ ପଡିଆ ତିଆରି କରିହେବ ସେ ଦିଗରେ ପଦକ୍ଷେପ ନେବି ବୋଲି ପୂର୍ବତନ ବିଧାୟକ ମିଶ୍ର କହିଥିଲେ। ମୁଖ୍ୟଅତିଥି ମିଶ୍ର ଚାମ୍ପିୟନ ଦଳକୁ ୧୪ ହଜାର ଅର୍ଥରାଶି ସହ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ରନର ଅପ୍ ଦଳକୁ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଫାଇନାଲ ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବୁଲୁ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ବୀରମୁଣ୍ଡା ଅଞ୍ଚଳର ରୋଶନ ପ୍ରଧାନ, ମନୁ ନାଗ, ଶିଶୁପାଳ ସୁନା, ଋଷି ମହାନନ୍ଦ, ଟୁନା ନାଗ, ରଶ୍ମି ରଞ୍ଜନ ସାଗର ପରିଚାଳନା କରିଥିଲେ। ଗୌନ୍ତିଆ ତ୍ରିନାଥ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଲୋଇସିଂହା,୧୮।୨(ସୁଶାନ୍ତ ବାରିକ)**



ବଲାଙ୍ଗୀର ଜିଲା ଲୋଇସିଂହାର ପୂର୍ବତନ ସରପଞ୍ଚ ପ୍ରକାଶ ରାଏ (୫୦)ଙ୍କ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଷଷ୍ଠ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅ ମୁଖାଗ୍ନି ଦେଇଥିଲେ। ୨୦୦୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରକାଶ ରାଏ ଲୋଇସିଂହା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହାଛଡା ସେ ଜଣେ ଭଲ ଫୁଟବଲ ଓ କ୍ରିକେଟ ଖେଳାଳି ଥିଲେ। ଦୀର୍ଘ ଦିନ ହେଲା ସେ ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ରାଏ କଂଗ୍ରେସର ଜଣେ ସକ୍ରିୟ ସଭ୍ୟ ଥିବା ବେଳେ ନରସଂହ ମିଶ୍ରଙ୍କ ଅନୁଗତ ଭାବେ ଜଣାଶୁଣା ଥିଲେ।

## ଟ୍ରେନ୍‌ରେ କଟି ମହିଳା ମୃତ

**ଲୋଇସିଂହା,୧୮।୨(ସୁଶାନ୍ତ ବାରିକ)**

ମଙ୍ଗଳବାର ସମ୍ବଲପୁର-ଟିଟିଲାଗଡ ରୁଟର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଓ ନେଗିପାଲି ରେଲୱେ ଲେବଲ କ୍ରସିଂ ମଝିରେ ଟ୍ରେନରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଋଣ ବୋଝ ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତକ ହେଲେ ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମର ହେମ ବାରିକ(୫୫)। ପ୍ରକାଶ ଯେ, ହେମ ଯୋଗୀସର୍ଡା ଗ୍ରାମର ବୁଲୁ ବାରିକ (ବଡ)ଙ୍କ ସ୍ତ୍ରୀ। ଏକମାତ୍ର ପୁଅ ପ୍ରକାଶ ଗୁଜୁରାଟ ଅଞ୍ଚଳରେ କାମ କରୁଥିବା ବେଳେ ବୋହୂ ଝିଅ ପୁଅଙ୍କୁ ନେଇ ବାପ ଘରେ ରହୁଛନ୍ତି। ଘରେ ଏକାକୀ ଦମ୍ପତି ରହୁଥିଲେ। ବୁଲୁ ଖାଲମୁଢି ବିକି ତେଲଲୁଣ ସଂସାର ଚଳାନ୍ତି। ଫାଷ୍ଟଫୁଡର ଚାହିଦା ଯୋଗୁ ବ୍ୟବସାୟରେ ମାନ୍ଦା ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ସମ୍ପୃକ୍ତ ପରିବାର ଋଣ ନେଇଛନ୍ତି। ବ୍ୟବସାୟ ମାନ୍ଦା ଯୋଗୁ ଋଣ କିସ୍ତି ପରିଶୋଧରେ ସମସ୍ୟା ଉପୁଜୁଥିଲା। ଏହାକୁ ନେଇ ପରିବାରରେ ଦୀର୍ଘ ମାସ ହେଲା ଅଶାନ୍ତି ଲାଗି ରହିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ କୁଆଡେ ଟଙ୍କା ପରିଶୋଧ ପାଇଁ ବାଧ୍ୟ କରାଯାଉଥିଲା। ଫଳରେ ସଂସ୍ଥାର କର୍ମଚାରୀଙ୍କ ଜୁଲୁମ ସହିନ ପାରିହେମ କ୍ଷେତକୁ ଯାଉଛି କହି ମଧ୍ୟାହ୍ନ ସମୟରେ ରେଳଧାରଣାରେ ଶୋଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଖବର ପାଇ ସେଠାକୁଯାଇ ମୃତଦେହ ଚିହ୍ନଟ କରିଥିଲେ।

## ଦୋଳି ବାନ୍ଧିବା ବେଳେ ଖସିପଡ଼ି ଜଣେ ମୃତ

**ଶିବରାତ୍ରି ମେଳା ପୂର୍ବରୁ ଅଘଟଣ**

**ଟିଟିଲାଗଡ଼,୧୮।୨(ଶରତ ମିଶ୍ର)**

ଆସନ୍ତା ୨୬ ତାରିଖରୁ ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଟିଟିଲାଗଡ଼ ମହାଶିବରାତ୍ରି ମେଳା ପାଇଁ ପ୍ରତିବର୍ଷ ଭଳି ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀମାନେ ପହଞ୍ଚିବାରେ ଲାଗିଛନ୍ତି। ତେବେ ରାଜସ୍ଥାନର ଆଜମେରରୁ ଆସିଥିବା ମିନା ବଜାର ପାର୍ଟିର ଦୋଳି ବାନ୍ଧୁଥିବା ବେଳେ ଖସିପଡି ସେହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଆଲୋଚନାର ବିଷୟ ହୋଇଛି। ପ୍ରକାଶ ଯେ, ଆଜମେରର ସକିଲ ଖାନ ଶିବରାତ୍ରୀ ମେଳାକୁ ଆକାଶ ଦୋଳି ଆଣିଥିଲେ। ମଙ୍ଗଳବାର ଦୋଳି ବାନ୍ଧିବା ପାଇଁ ସେ ଉପରକୁ ଚଢିଥିବା ବେଳେ ଅସାବଧାନତା ବଶତଃ ତଳେ ପଡିଯାଇଥିଲେ। ଟିଟିଲାଗଡ଼ ପୋଲିସ ସହାୟତାରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ସକିଲଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟିଟିଲାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଜୟ ବୁଢ଼ା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ହଳଦୀ ଦଳ ବିଜୟୀ**

**ମୁରିବାହାଲ,୧୮।୨(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଖେଳପଡିଆଠାରେ ଜୟ ବୁଢା ଫୁଟବଲ ଟୁର୍ନାମେଣ୍ଟ ଇଲେଭେନ ବ୍ରଦର ଫୁଟବଲ ଆସୋସିଏଶନ ତରଫରୁ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହଳଦୀ ସମିତି ସଭ୍ୟ ଟୁନାମଣୀ ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ବଳରାମ ସା, ସୁବାଷ ଚନ୍ଦ୍ର ପଟ୍ଟନାୟକ, କୃତି ହାତୀ, ହିମାଂଶୁ ହାତୀ, ହଳଦୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ହୃଷିକେଶ ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମେ ହଳଦୀ ଓ ତୁର୍ଲା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦୀ ଦଳ ୩-୨ ଗୋଲ କରି ତୁର୍ଲା ଦଳକୁ ପରାସ୍ତ କରିଥିଲା। ଏହି ଖେଳକୁ ରେଫରି ଆଶୀର୍ବାଦ ସାହା, ଆଶିଷ ଦେବ ସାହା , ଅଶ୍ୱନୀ ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। କମିଟିର ସଭାପତି ଯଶୋବନ୍ତ ଭୋଇ, ଉପସଭାପତି ମନୋଜ କୁମାର ପୂଝରୀ, ସହ ସମ୍ପାଦକ ରାଜୀବ ହାତୀ, ରବି ପୋଢ଼, ହେମରାଜ ବାଗ, କ୍ଷୀରସିନ୍ଧୁ ପାତ୍ର, ଚିତ୍ରସେନ ହାତୀ, ସୁନୀଲ ହାତୀ, ବିକି ସିଂ ଭୋଇ, ଝୁନୁ ପୋଢ଼ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଅଞ୍ଚଳର ଅନେକ ଦଳ ଭାଗ ନେବେ ବୋଲି କମିଟି ପ୍ରକାଶ କରିଛି।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

**ଇଣ୍ଡିଆ ଏଆଇ ମିଶନ**

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

**ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର**

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

**ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ**

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

**ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା**

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

**ଭାରତର ମୌଳିକ ବୃହତ୍ ଭାଷା ମଡେଲ**

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

**ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ**

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

**ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ**

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

**ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି**

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍ସଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

**ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ**

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

**ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି**

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

**ଭାରତରେ ଏଆଇ ବଜାରରେ ବୃଦ୍ଧି**

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ଣ୍ଣିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

**ଏକ୍ସେଲେଟର ନେଟୱର୍କ ବୃଦ୍ଧି**

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

**(ସୌଜନ୍ୟ: ପିଆଇବି)**

# ରାଷ୍ଟ୍ର ପ୍ରଗତିର ମୂଳଦୁଆ ହେଉଛି ଶିକ୍ଷା

ଅମରପାଲି,୧୮।୨(ପୀତାମ୍ବର ସାହୁ)

କୌଣସି ରାଷ୍ଟ୍ରର ପ୍ରଗତିର ମୂଳଦୁଆ ହେଉଛି ଶିକ୍ଷା ବ୍ୟବସ୍ଥା। ଏହା ଦେଶର ନାଗରିକମାନଙ୍କ ମନ ଓ ଭବିଷ୍ୟତକୁ ଗଠନ କରିଥାଏ। ଆମ ଦେଶ ଭାରତ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବାକୁ ନୂତନ ଶିକ୍ଷାନୀତି ବ୍ୟବସ୍ଥା ଲାଗୁ କରାଯାଇଛି। ଏଣୁ ଆମେ ସମସ୍ତେ ଏଥିପ୍ରତି ଯତ୍ନବାନ ହୋଇ ଦେଶର ପ୍ରଗତିରେ ଅଂଶୀଦାର ହେବାକୁ ହେବ। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ସଫଳତା ପାଇବାକୁ ପ୍ରଚେଷ୍ଟା କରିବା ଉଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ସରକାରୀ ୟୁପି ସ୍କୁଲରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ମୁଖ୍ୟ ଅତିଥି, ପଞ୍ଚଶାଖା ଶିକ୍ଷା ସେତୁ କମିଟି ସଭାପତି ତଥା ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଉତ୍ତମ ଚରିତ୍ର ଗଠନ ସହିତ କର୍ତ୍ତବ୍ୟ ପରାୟଣ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରାଣବନ୍ଧୁ ସାହୁ ସଭା ସଂଯୋଜନା ସହିତ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମେଡାଲ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହା ସହିତ ଗତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ସବ ଜୁନିୟର ବିଭାଗ ବାଳିକା ବର୍ଗ ପାଇଁ ମାମୁନି ସାହୁ ଓ ବାଳକ ବର୍ଗ ପାଇଁ ଚିନ୍ମୟ କମିଲ, ଜୁନିୟର ବିଭାଗ ବାଳିକା ବର୍ଗ ପାଇଁ ସୀମା ଜଗଦଲା ଓ ବାଳକ ବର୍ଗ ପାଇଁ ପ୍ରୟେଶ ସେନାପତି, ସିନିୟର ବିଭାଗ ବାଳିକା ବର୍ଗ ପାଇଁ ଶୃତି ଭରାସାଗର ଓ ବାଳକ ବର୍ଗ ପାଇଁ ରୁଦ୍ରାଭିଶେକ ପଧାନଙ୍କୁ ସତନ୍ତ୍ର ଭାବେ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ତପକିରଣ ସାହୁ, ଯଦୁମଣି ବାଘ, ପ୍ରଦୀପ ଜଗଦଲା, ଅମୂଲ୍ୟ ମହାରଣା ସହଯୋଗ କରିଥିଲେ।


ଅତିଥିମାନଙ୍କ ସହିତ କୃତୀ ପ୍ରତିଯୋଗୀମାନେ।

## ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

# ୫୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ସୋନପୁର,୧୮।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଅବକାରୀ ରେଞ୍ଜ ପକ୍ଷରୁ ବୀରମହାରାଜପୁର ଥାନା ରକ୍ସା ଛକ ନିକଟରେ ମଙ୍ଗଳବାର ଚଢାଉ କରାଯାଇଥିଲା। ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଅଟୋ ରିକ୍ସା ନଂ ୟୁପି୫୫ଟି-୬୩୫୬କୁ ସନ୍ଦେହରେ ଅଟକ ରଖି ଅବକାରୀ ବିଭାଗ ଟିମ୍ ଯାଞ୍ଚ କରିଥିଲେ। ତନଖି ସମୟରେ ଅଟୋରୁ ୫୦କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବିହାର ବକ୍ସର ଜିଲା ଖଟିବା ଅଞ୍ଚଳର ଚନ୍ଦନ କୁମାର ଗୌଡ(୨୭) ଓ ବିଜୟ ରାଜଭର(୨୬)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ଉଲୁଣ୍ଡା-ସମ୍ବଲପୁର ରାସ୍ତା ଦେଇ ବିହାରକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅବକାରୀ ରେଞ୍ଜ ପକ୍ଷରୁ ଏକ ମାମଲା(ନଂ.୧୭୫/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଅଟୋ ରିକ୍ସା, ଗଞ୍ଜେଇ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ କୁମାର ସା, ସବ୍‌ଇନ୍ସପେକ୍ଟର ଭରତ ମିଶ୍ରଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

# ବାଣୀଭୂଷଣପୁର ସରପଞ୍ଚଙ୍କ ପରଲୋକ

ହରଭଙ୍ଗା,୧୮।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାଣିଭୁଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେରଙ୍କ ଗତ ରବିବାର ରାତିରେ ପରଲୋକ ଘଟିଛି। ଗତମାସ ୨ ତାରିଖ ରାତିରେ ସରପଞ୍ଚଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ବିଷ୍ଣୁପ୍ରିୟା ମେହେରଙ୍କ ଦେହରେ କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡରୁ ନିଆଁ ଲାଗିଯାଇଥିଲା। ସ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ନିଆଁ ଲିଭାଇବା ବେଳେ ସରପଞ୍ଚ ମେହେରଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା। ଫଳରେ ନିଆଁରେ ପୋଡ଼ି ହୋଇ ଉଭୟ ଦମ୍ପତି ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ପ୍ରଥମେ ପୁରୁଣାକଟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ସରପଞ୍ଚ ଶ୍ରୀବନ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୌଦ୍ଧ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୀର୍ଘ ଦେଢ ମାସ ଚିକିତ୍ସାଧୀନ ଥିବା ବେଳେ ଗତ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତଦେହକୁ ସୋମବାର ସନ୍ଧ୍ୟାରେ ଆଣାଯାଉଥିବା ବେଳେ ଚାରିଛକଠାରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବୌଦ୍ଧ ବିଜ୍ଞପିତ ଅଞ୍ଚ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ହରଭଙ୍ଗା ବ୍ଲକ ସରପଞ୍ଚ ସଂଘ ସଭାପତି ନିହାର ଘୋଷ, ଯୁବ ନେତା ଅବକାଶ ସାହୁ, ପୂର୍ବତନ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ପଙ୍କଜ ସାହୁ, ଓ ବହୁ ବିଜେଡି ନେତା ସରପଞ୍ଚଙ୍କର ଶେଷ ଦର୍ଶନ କରିଥିଲେ।



**ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଉଭୟ ଜଳିଗଲେ**

# ମେଗା ସ୍ୱାସ୍ଥ୍ୟ ଶିବିର

ବୌଦ୍ଧ,୧୮।୨(ଅଜିତ କୁମାର ବାରିକ)

ବୌଦ୍ଧ ଡିଷ୍ଟିଲାରି ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରାମ୍ପିକଟାସ୍ଥିତ ବିଡିପିଏଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଡିପିଏଲ ଏବଂ କଳିଙ୍ଗ ନେଫ୍ରୋଲଜି ଫାଉଣ୍ଡେସନ ସହଯୋଗରେ ଆୟୋଜିତ ଏହି ଶିବିରରେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଗ୍ରାମୀଣ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ନିରୋଧକ ଚିକିତ୍ସା ପ୍ରଦାନ କରିବା ଏବଂ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନର ମୂଳ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଶିବିରରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଟିମ୍‌ଙ୍କ ଦ୍ୱାରା କାନ ନାକ ଗଳା, କ୍ୟାନସର, ନେଫ୍ରୋଲୋଜି, ଜିନେକୋଲଜି ଏବଂ ଦାନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଦାନ୍ତ ପରୀକ୍ଷା କରାଯାଇ ଔଷଧ ଓ ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ବିଡିପିଏଲର ପରିଚାଳନା ନିର୍ଦ୍ଦେଶକ ରିତେଶ କୁମାର ସାହୁ, ନିର୍ଦ୍ଦେଶକ ରାଜୁ ପ୍ରସାଦଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଉଲ୍ଲାସ କନକ୍ଲେଭ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୧୮।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉଲ୍ଲାସ କନକ୍ଲେଭ ପାଇଁ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହକ ଜିଲା ଶିକ୍ଷାଧିକାରୀ ଟାମେଲାଲ ଦୁବେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଜିଲାପାଳ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିବା ସହିତ ପ୍ରଶାସନିକ କ୍ଷେତ୍ରରେ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ପ୍ରତ୍ୟେକ ବ୍ଲକରୁ ସମାନୁପାତରେ ଅଂଶ ଗ୍ରହଣ କାରୀ ବଛାହୋଇ ଶୀଘ୍ର ବ୍ଲକସ୍ତରୀୟ କମିଟି ଗଠନ କରି ବିଡିଓଙ୍କ ଆପ୍ରୋଭାଲ ଜିଲାସ୍ତରକୁ ପଠାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲାକୁ ତିନି ବ୍ଲକରୁ ଲିଷ୍ଟ ଆସିବା ପରେ ଜିଲାପାଳଙ୍କଠାରୁ ଆପ୍ରୋଭାଲ କରି ସପ୍ତାହ ଭିତରେ ଡାଇରେକ୍ଟର ଏଲିମେଣ୍ଟାରି ଭୁବନେଶ୍ୱର ପାଖକୁ ପଠାଇବାକୁ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରି ରାଜ୍ୟସ୍ତରରେ କେମିତି ଠିକ ଭାବରେ ପହଞ୍ଚିବ ସେ ଉପରେ ନିଜ ନିଜର ମତ ଦେଇଥିଲେ। ଏଥିରେ ବୌଦ୍ଧଜିଲାରୁ ୨୮୦ ଜଣ ଅଂଶ ଗ୍ରହଣକାରୀଙ୍କ ପାଇଁ ୭ଟି ବସ ବ୍ୟବସ୍ଥା ସରକାର କରିଛନ୍ତି। ମହିଳାମାନଙ୍କୁ ଅଗ୍ରାଧିକାର ଭିତିରେ ସାମିଲ କରାଯିବା ନେଇ ଆଲୋଚନା ହୋଇଥିଲା। ଜିଲାସଂସ୍କୃତି ଅଧିକାରୀ ଓ ଜିଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସାଂସ୍କୃତିକ ଦଳ ଠିକ କରିବା ପାଇଁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ଶେଷରେ ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୁବନେଶ୍ୱର ଜଗା ୟୁନାଇଟେଡ୍ ସେମିରେ

ସୋନପୁର,୧୮।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିହାର ବକ୍ସରର ମା' କାମାକ୍ଷା କ୍ଲବ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଭୁବନେଶ୍ୱର ଦଳ ୪-୧ ଗୋଲରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଭୁବନେଶ୍ୱରର ଜର୍ସି ୧୧ନମ୍ବର ଖେଳାଳି ପ୍ରଥମ ଗୋଲ ଦେଇଥିବା ବେଳେ ରକି ଓରାମ ୨ଟି, ହରି ନାଏକ ଏବଂ ବିହାର ଦଳର ନାଇଜେରିଆନ ଖେଳାଳି ମିଷ୍ଟର ଜେମ୍ସ ଗୋଟିଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱରର ରକି ଓରାମଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ସୁବ୍ରତ ପୁରୋହିତ ପରିଚାଳନା କରିଥିବା ବେଳେ ସୁଜିତ୍ ରାଜହଂସ, ଜିତୁ ପାତ୍ର ଓ ସଞ୍ଜୀବ ସାହୁ ସହଯୋଗ କରିଥିଲେ। ପ୍ରଭୁଦତ୍ତ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିଲେ। ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝୀ, ପ୍ରଶାନ୍ତ ବାବୁ, ରୁପେଶ ଅଗ୍ରୱାଲ, କୋଶଳେଶ୍ୱର ବହିଦାର, ବୈକୁଣ୍ଠନାଥ ଶତପଥୀ, ଆଶାରାମ ନାଏକ, ସରୋଜ ଦାଶ, ମନୋଜ ବାଗ, ବିଶ୍ୱାମିତ୍ର ନାଏକ, ତ୍ରିଲୋଚନ ଷାଣ୍ଡ, ବାବୁଲା ବେବର୍ତ୍ତା ଓ ପୁରୁଷୋତ୍ତମ ପାଣିଗ୍ରାହୀ ଯୋଗଦାନ କରିବା ସହ ଖେଳାଳିଙ୍କ ସହିତ ପରିଚୟ ହୋଇଥିଲେ। କ୍ଲବ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଭୁବନେଶ୍ୱରର ରକି ଓରାମଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ରାମଧୁନ କପ୍ ସର୍ବଭାରତୀୟ ଫୁଟ୍‌ବଲ

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

### ଇଣ୍ଡିଆ ଏଆଇ ମିଶନ

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

### ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

### ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

### ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମନ୍ତେ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

### ଭାରତର ମୌଳିକ ବୃହତ୍ ଭାଷା ମଡେଲ

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହୁଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

### ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

### ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

### ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ଗୁଣରୁ ଅଧିକ ଥିଲା।

### ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

### ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

### ଭାରତରେ ଏଆଇ ବଜାରରେ ବୃଦ୍ଧି

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

### ଏକ୍ସେଲେଟର ନେଟୱର୍କ ବୃଦ୍ଧି

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)



ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ରାଜରାସ୍ତାରେ ମଙ୍ଗଳବାର ବଜାର ବସିଥିବାରୁ ଟ୍ରାଫିକ୍ ଜାମ୍ ହୋଇଛି। (ଫଟୋ: ମହେନ୍ଦ୍ର)

# ଜାଳେଣି ପାଇଁ ଜଙ୍ଗଲରେ ଲାଗୁଛି ନିଆଁ

- ନଷ୍ଟ ହେଉଛି ବହୁ ଗୁଳ୍ମ ଓ ଔଷଧୀୟ ବୃକ୍ଷ
- ମାର୍ଚ୍ଚରୁ ଜୁନ୍ ବନ ବିଭାଗ ସଜାଗ

**ରାଉରକେଲା, ୧୮।୨ (ଦିନେଶ ମିଶ୍ର)**

ବସନ୍ତ ଋତୁ ଆସିଲେ ଗଛଗୁଡିକ ପତ୍ରଝଡା ଦେଇଥାନ୍ତି। ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତି ବିଶେଷ ଜାଳେଣି କାଠ ପାଇବା ଆଶାରେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲରେ ଥିବା ବହୁ ଗୁଳ୍ମ ଓ ଔଷଧୀୟ ଗଛ ନିଆଁରେ ପୋଡି ନଷ୍ଟ ହୋଇଯାଉଛି। ପ୍ରତିବର୍ଷ ଏଭଳି ନିଆଁ ଜଙ୍ଗଲରେ ଲାଗୁଥିବାବେଳେ ଚଳିତ ବର୍ଷ ଗ୍ରୀଷ୍ମ ପୂର୍ବରୁ ରାଉରକେଲା ସହରର ସେକ୍ଟର-୭ସ୍ଥିତ ଲୁଗୁନ ପାର୍କ ଓ କାଲୋସିରିଆ ବନାଞ୍ଚଳରେ ମଣିଷକୃତ ନିଆଁ ଦେଖିବାକୁ ମିଳିଛି।

ରାଉରକେଲା ସେକ୍ଟର-୭ ଅଞ୍ଚଳରେ ଥିବା ଲୁଗୁନ ପାର୍କ ଆରଏସ୍‌ପି ପ୍ରଚେଷ୍ଟାରେ ହୋଇଛି। ଏହି କୃତ୍ରିମ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ରହିଥିବାରୁ ଏହା ସହରକୁ ସ୍ୱଚ୍ଛ ଓ ସବୁଜ ରଖିବାରେ ସହାୟତା କରୁଛି। ସେହିପରି ଲୁଗୁନ ପାର୍କର ଜଙ୍ଗଲ ଭିତରେ ହଜାର ହଜାର ଲୋକ ପିକ୍‌ନିକ୍ କରିଥାନ୍ତି। ତେବେ ଗତ ଦୁଇଦିନ ତଳେ କେହି ଦୁର୍ବୃତ୍ତ ଜାଣିଶୁଣି ଶୁଖିଲାପତ୍ରରେ ନିଆଁ ଲଗାଇ ଦେଇଥିଲେ। ଫଳରେ ବହୁ ଗୁଳ୍ମ ଓ ଔଷଧୀୟ ଗଛ ଗୁଡିକର ଡାଳପତ୍ର ଜଳି ନଷ୍ଟ ହୋଇଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିଭଳି ଗତ ୪ ଦିନ ତଳେ କାଲୋସିରିଆ ବନାଞ୍ଚଳରେ ସ୍ଥାନୀୟ କିଛି କାଠମାଫିଆ ଓ ବସ୍ତିବାସୀ ଜାଳେଣି କାଠ ପାଇଁ ରାସ୍ତାକଡ଼ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁ ଚାରିଆଡେ ଖେଳିଯିବାରୁ ବହୁ ମୂଲ୍ୟବାନ ଗଛ ପୋଡି ଯାଇଥିଲା। ପ୍ରତିବର୍ଷ ସହର ତଥା ଆଖପାଖ ବନାଞ୍ଚଳରେ ଅସାଧୁ ବ୍ୟକ୍ତିମାନେ ଜାଣିଶୁଣି ନିଆଁ ଲଗାଇବା ଯୋଗୁ ଲକ୍ଷାଧିକ ଗଛ ପୋଡି ନଷ୍ଟ ହୋଇଯାଇଥିବା ରାଉରକେଲା ବନରକ୍ଷୀ ଜ୍ଞାନେନ୍ଦ୍ର ଲିମା ସୂଚନା ଦେଇଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏ ନେଇ ରାଉରକେଲା ଡିଏଫ୍‌ଓ ଯଶବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ଜଙ୍ଗଲ ସୃଷ୍ଟି ସହ ଏହାର ସୁରକ୍ଷା କରିବା ସମସ୍ତଙ୍କର ପ୍ରଥମ ଦାୟିତ୍ୱ। କିନ୍ତୁ ଜଙ୍ଗଲରେ କାଠ, ଜାଳେଣି ଓ ଜଙ୍ଗଲକୁ ନେଇ ନିର୍ଭର କରୁଥିବା ବ୍ୟବସାୟୀମାନେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ବିଭିନ୍ନ ସମୟରେ ଜଙ୍ଗଲରୁ କାଠ, ଜାଳେଣି ସଂଗ୍ରହ କରିବା ଲାଗି ଜାଣିଶୁଣି ନିଆଁ ଲଗାଇ ଦେଉଛନ୍ତି। ଚଳିତ ବର୍ଷ ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅଗ୍ନି ନିରାକରଣ ପଟି ସାଙ୍ଗକୁ ପ୍ରତ୍ୟେକ ଜଙ୍ଗଲରେ ମାର୍ଚ୍ଚରୁ ଜୁନ ଶେଷ ପର୍ଯ୍ୟନ୍ତ ବନ କର୍ମଚାରୀଙ୍କୁ ସଜାଗ ରଖାଯାଇଛି। ଏଥିସହ ନିଆଁ ଲାଗିଥିବା ସ୍ଥାନରେ ଅଗ୍ନି ନିର୍ବାପକ ଗ୍ୟାସ ଓ ସ୍ପ୍ରେ ଯନ୍ତ୍ର ବ୍ୟବହାର କରାଯାଉଛି। ଜଙ୍ଗଲରେ ନିଆଁ ଲଗାଇଥିବା ବ୍ୟକ୍ତି ଧରାପଡିଲେ ତାଙ୍କୁ ଗିରଫ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ସେଠୀ କହିଥିଲେ।



ନିଆଁରେ ପୋଡି ଯାଇଥିବା ଗଛ।

## ନକଲି ଘିଅ ସନ୍ଦେହରେ ଚଢ଼ାଉ

**ରାଉରକେଲା, ୧୮।୨ (ସଙ୍ଗୀତା ଜେନା)**

ନକଲି ତଥା ଏକ୍ସପାଏରୀ ଘିଅ ବିକ୍ରି ସନ୍ଦେହରେ ପୋଲିସ ଓ ଓମଫେଡ୍‌ର ଟିମ୍ ମିଳିତ ଭାବେ ମଙ୍ଗଳବାର ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଓମଫେଡ୍‌ର ୨ ଜଣ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଏବଂ ପୋଲିସ ସେକ୍ଟର-୩ ଥାନା ଅନ୍ତର୍ଗତ ଏନ୍‌ଆଇଟି ବ୍ୟାକପୋଷ୍ଟ, ସେକ୍ଟର-୭, ପ୍ଲାଣ୍ଟସାଇଟ୍ ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ତେବେ ରାତି ପ୍ରାୟ ସାଢ଼େ ୯ଟା ପର୍ଯ୍ୟନ୍ତ କୌଣସି ରିପୋର୍ଟ ଥାନାରେ ହୋଇ ନ ଥିବା ଜଣାପଡ଼ିଛି। ଏହି ଯାଞ୍ଚ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା କୁହାଯାଇଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିଗଣ।

**ବଡ଼ଗାଁ, ୧୮।୨ (ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କ୍ରୀଡ଼ା ପରିଷଦ କୋଚ୍ ବିଜୟ ଲାକ୍ରା, ଫୁଟବଲ କୋଚ୍ ହୃଦୟ ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଏନ୍‌ସି ଚେୟାରମେନ ଡ. ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ସମାପିକା ରାଉତ ପରିଚାଳନା କରିଥିବା ବେଳେ ନିର୍ଦ୍ଦେଶକ କେଶବ ସାହୁ, ଭାଇସ ପ୍ରିନ୍ସିପାଲ ସରିତା କୁଲୁ, ସବିତା ପ୍ରଧାନ, କର୍ମଚାରୀ ଦିବ୍ୟ ଲୋଚନ ପୃଷେଟ, ଓମ୍ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**କୁତ୍ରା, ୧୮।୨ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାସ୍ଥିତ ଶର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଆନୁକୂଲ୍ୟରେ ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତା ଶିବିର ଇକୋ କ୍ଲବ ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ନିକଟସ୍ଥ ନଦୀର ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। ଆଜି ସମଗ୍ର ପୃଥିବୀରେ ଜଳବାୟୁରେ ଆଶାତୀତ ପରିବର୍ତ୍ତନ ଘଟିଛି। ଦିନକୁ ଦିନ ଉତ୍ତାପ ବଢ଼ି ଚାଲିଛି। ଫଳରେ ଆର୍ଦ୍ରଭୂମି ଆଉ ଓଦା ହୋଇ ରହୁନାହିଁ। ପରିବେଶର କୁପ୍ରଭାବ ଦିନକୁ ଦିନ ଅନୁଭୂତ ହେଉଛି। ଜୈବ ବିବିଧତାରେ ମଧ୍ୟ ପରିବର୍ତ୍ତନ ଘଟୁଛି। ତେଣୁ ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଇକୋ କ୍ଲବର ଛାତ୍ରୀଛାତ୍ରମାନେ ଏହି ପ୍ରୟାସ ଆରମ୍ଭ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ ଆର୍ଦ୍ରଭୂମିର ଉପାଦେୟତା ଓ ସୁରକ୍ଷା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ପରିବେଶ ସନ୍ତୁଳନ ଓ ଜୈବିକ ଉପାଦାନର ସୁରକ୍ଷା ବିଷୟରେ ଶିକ୍ଷୟିତ୍ରୀ ପାଢ଼ୀ ସଚେତନତା ସୃଷ୍ଟି କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

### ଇଣ୍ଡିଆ ଏଆଇ ମିଶନ

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

### ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

### ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

### ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

### ଭାରତର ମୌଳିକ ବୃହତ୍ ଭାଷା ମଡେଲ

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

### ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

### ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

### ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

### ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

### ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ (ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

### ଭାରତରେ ଏଆଇ ବଜାରରେ ବୃଦ୍ଧି

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

### ଏକ୍ସେଲେଟର ନେଟୱର୍କ ବୃଦ୍ଧି

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)

# ଲୁହାପଥର ଚୋରାଚାଲାଣ ବେଳେ ୨ ଟ୍ରକ୍ ଜବତ

## ଅଭିଯୁକ୍ତ ଫେରାର

ଦେବଗଡ଼,୧୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ରଞ୍ଜୀ ଛକରୁ ଲୁହାପଥର ଚୋରାଚାଲାଣରେ ବ୍ୟବହୃତ ୨ ଟ୍ରକ ଜବତ ହୋଇଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ହେଲା ଖଣି ବିଭାଗ ଦ୍ୱାରା ଜବତ ଲୁହା ପଥର ରଞ୍ଜୀ ଛକ ନିକଟରେ ରଖାଯାଇଥିଲା। ଜବତ ହୋଇଥିବା ଉକ୍ତ ଲୁହାପଥର ଚୋରାଚାଲାଣ ପାଇଁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକ ବାରକୋଟ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ୨ଟି



ଜବତ ଲୁହାପଥର ବୋଝେଇ ଟ୍ରକ୍।

ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଥିବା ବେଳେ ଲୁହାପଥର ବୋଝେଇ କରୁଥିବା ଜେସିବି ମେଶିନ ସହିତ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଚୋରାଚାଲାଣ ପାଇଁ ଏକ ଜେସିବି ମେଶିନ ଯୋଗେ ୨ଟି ଟ୍ରକରେ ଲୁହା ପଥରେ ଭର୍ତ୍ତି କରୁଥିବା ଖବର ପାଇ ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଆସି ବାରକୋଟ ପୋଲିସକୁ ସୂଚନା ଦେଇଥିଲେ। ଫଳରେ ପାଟ୍ରୋଲିଂ କରୁଥିବା ବାରକୋଟ ପୋଲିସ ରଞ୍ଜୀ ଛକରେ ଚଢ଼ାଉ କରି ଲୁହାପଥର ଚୋରାଚାଲାଣ ପାଇଁ ବ୍ୟବହାର ଟ୍ରକ୍ (ନଂ.ଓଡି୩୨-ଜେ-୫୩୫୨ ଏବଂ ଓଡି୦୭ଏଟି-୫୨୫୩) ୨ଟି ୧୪ ଚକିଆ ଟ୍ରକ ଜବତ କରିଥିଲା। ଏଥିସହ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ କିଛି ମାସ ତଳେ ଉକ୍ତ ସ୍ଥାନରୁ ଲୁହାପଥର ଚୋରାଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ବ୍ୟବହୃତ ଏକ ଜେସିବି ମେଶିନ ଓ ଟ୍ରକ ଜବତ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁନର୍ବାର ଉକ୍ତ ସ୍ଥାନରୁ ଲୁହାପଥର ଚୋରାଚାଲାଣ ଉଦ୍ୟମ ହେଉଥିବା ବେଳେ ଏହା ପଛରେ ଏକ ବଡ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ଲୁହାପଥର ଚୋରାଚାଲାଣ ପଛରେ କାହାର ହାତ ରହିଛି ସେଥିନେଇ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ ସୂଚନା ଦେଇଛନ୍ତି।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

### ଇଣ୍ଡିଆ ଏଆଇ ମିଶନ

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

### ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

### ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

### ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

### ଭାରତର ମୌଳିକ ବୃହତ୍ ଭାଷା ମଡେଲ

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

### ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

### ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

### ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

### ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

### ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

### ଭାରତରେ ଏଆଇ ବଜାରରେ ବୃଦ୍ଧି

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

### ଏକ୍ସେଲେଟର ନେଟୱର୍କ ବୃଦ୍ଧି

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)

## ବଳାତ୍କାର, ଭିଡିଓ ଭାଇରାଲ ଘଟଣାରେ ଯୁବକ ଗିରଫ

ଦେବଗଡ଼,୧୮।୨(ଶଶାଙ୍କ ଶେଖର ଝାଙ୍କର)

ପ୍ରେମିକାଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରି ଉକ୍ତ ଭିଡିଓ ଭାଇରାଲ କରିବା ଘଟଣାରେ ଦେବଗଡ଼ ଥାନା ପୋଲିସ ମଙ୍ଗଳବାର ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ରିଆମାଳ ଥାନା ବେଗୁନିଆନାଳୀ ଗ୍ରାମର ଶଶି କିଷାନ।



ଜାମିନ ନାମାଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ଦେବଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀ ପ୍ରେମିକଙ୍କ ଦ୍ୱାରା ବଳାତ୍କାର ଶିକାର ହୋଇ ଥିବାବେଳେ ଉକ୍ତ ଭିଡିଓ ଭାଇରାଲ କରିଥିବା ନେଇ ପ୍ରେମିକ ବିରୋଧରେ ଗତ ୧୩ ତାରିଖ ଅଭିଯୋଗ କରିଥିଲେ। ଏ ନେଇ ଦେବଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସୂଚନା ଅନୁଯାୟୀ ପ୍ରାୟ ଏକ ମାସ ହେଲା ଶଶିଙ୍କ ସହିତ ଯୁବତୀଙ୍କ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ପୀଡ଼ିତା ନିର୍ଦ୍ଦିଷ୍ଟ ଏକ ଅଞ୍ଚଳରେ ଘର ଭଡା ନେଇ ଏକୁଟିଆ ରହୁଥିଲେ। ଏହାର ସୁଯୋଗ ନେଇ ଗତ ୪ ତାରିଖ ରାତିରେ ଶଶି ତାଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରିଥିଲେ। ଏଥିସହ ଯୁବତୀଙ୍କ ଅଜାଣତରେ ଭିଡିଓ ଉତ୍ତୋଳନ ମଧ୍ୟ କରିଥିଲେ। ପରେ ଯୁବତୀଙ୍କୁ ବିବାହ କରିବା ପାଇଁ ଶଶି ତାଙ୍କ ଘର ଲୋକଙ୍କୁ ଯୁବତୀଙ୍କ ଘରକୁ ପଠାଇଥିଲେ। ମାତ୍ର ବିବାହ ପାଇଁ ଯୁବତୀ ଏବଂ ତାଙ୍କ ପରିବାର ଲୋକ ମନା କରିବାରୁ ଶଶି ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯୁବତୀଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଏଥିସହ ଯୁବତୀଙ୍କ ସମ୍ପର୍କୀୟଙ୍କୁ ବଳାତ୍କାର ଭିଡିଓ ପଠାଇ ଧମକ ଦେବା ଆରମ୍ଭ କରିଥିଲେ। ଫଳରେ ପୀଡିତା ଦେବଗଡ଼ ଥାନାରେ ଅଭିଯୋଗ କରିଥିବା ବେଳେ ଆଇଟି ଆକ୍ଟ ସମେତ ବିଭିନ୍ନ ଦଫାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଲଇକେରାରେ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୧୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨ଟି ବ୍ୟକ୍ତିଗତ ଓ ୮ଟି ସାମୁହିକ। ଶିବିରରେ କେନ୍ଦୁଡ଼ିହି ଗ୍ରାମରେ ଜନ ସୁରକ୍ଷା କମିଟି ଗୃହ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି, ଖୁଣ୍ଟାମାଲ ଗ୍ରାମରେ ଦେଶୀ ଓ ବିଦେଶୀ ମଦ



ଲଇକେରାରେ ଅନୁଷ୍ଠିତ ଅଭିଯାଗ ଶୁଣାଣି।

ବିକ୍ରି ବନ୍ଦ କରାଯିବା ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ତହସିଲ ପକ୍ଷରୁ ଜାଗା ଚିହ୍ନଟ କରାଯିବା, ପୈତୃକ ଜମିର ବନ୍ଦୋବସ୍ତ କରାଯିବା, ଧାନ ବିକ୍ରି ସକାଶେ ପୁନଃ ଟୋକନ ପ୍ରଦାନ ସହ ବିକ୍ରି ପାଇଁ ଅନୁମତି ପ୍ରଦାନ, ବିଶ୍ୱକର୍ମା ଯୋଜନାରେ ଅର୍ଥ ପ୍ରଦାନ ଓ ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅସ୍ଥାୟୀ ପିଅନ ନିଯୁକ୍ତି ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗର ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଜଣେ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ଦେବଗଡ଼,୧୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ଅଧ୍ୟାପିକା ଡାକ୍ତର ସୁଦେବୀ ଗିରିଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନ ଅଧ୍ୟକ୍ଷ ଡଃ ବିଜୟ କୁମାର ମହାରଣା ଏବଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ସାମାଜିକ କର୍ମୀ ଆଡଭୋକେଟ୍ ଏବଂ ପରିଚାଳନା କମିଟି ପ୍ରାକ୍ତନ ସଦସ୍ୟ ଅତୁଲ୍ୟ ପୂଜାରୀ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ୍‌ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ଛାତ୍ରୀ ଏହି ତାଲିମ୍ ନେବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମହାରଣା ଏହି ତାଲିମ୍ ନେଉଥିବା ଛାତ୍ରୀମାନଙ୍କୁ ଏହି ତାଲିମ୍ ନିଜ ନିଜ ଘରେ ଓ ଗ୍ରାମ ରେ ଅନ୍ୟ ମାନଙ୍କୁ ଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ମିନତି ବାଷକେ, ସୁଭଦ୍ରା ନାୟକ ସହିତ ଅଧ୍ୟାପକ ଡଃ ବ୍ରଜ କିଶୋର ସାହୁ, ବୀଣାପାଣି ନାୟକଙ୍କ ସମେତ ତାଲିମ୍ ପାଇଥିବା ବିଦ୍ୟାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ। ସଭାରେ ବିଦ୍ୟାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ଡାକ୍ତର ସୁଦେବୀ ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଥାନାରେ ଏତଲା ଦେଲେ ଟିପିଡବ୍ଲ୍ୟୁଓଡିଏଲ କନିଷ୍ଠ ଯନ୍ତ୍ରୀ

### ଚୋରା ବିଦ୍ୟୁତ୍ ତାର ସଂସ୍ପର୍ଶରେ ହାତୀ ମୃତ ଘଟଣା

ଦେବଗଡ଼,୧୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତା ହାତୀ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଚୋରା ବିଦ୍ୟୁତ୍ ତାର ବ୍ୟବହାର ପାଇଁ ଟିପିଡବ୍ଲ୍ୟୁଓଡିଏଲ ବୁଢାପାଲ ସେକ୍ସନର କନିଷ୍ଠ ଯନ୍ତ୍ରୀ ସିଦ୍ଧାର୍ଥ ସାହୁ କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିଛନ୍ତି। କୌଣସି ଦୁର୍ବୃତ୍ତ ଚୋରାରେ ବିଦ୍ୟୁତ୍ ବ୍ୟବହାର କରିଥିବା ନେଇ କନିଷ୍ଠ ଯନ୍ତ୍ରୀ ସାହୁ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ତ୍ରୋପଚାର ପାଇଁ ପ୍ରକ୍ରିୟା ଆରମ୍ଭ

■ସହାୟତାର ହାତ ବଢାଇଲା 'ହେଲ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ'

■ଆଖି ହରାଇଥିବା ୩ ବର୍ଷର ଶିଶୁଙ୍କ ଦୁଃଖ କାହାଣୀ

ଦେବଗଡ଼,୧୮।୨(ଶଶାଙ୍କ ଶେଖର ଝାଙ୍କର)

ଅର୍ଥାଭାବ ଜନିତ ଚିକିତ୍ସା ଅଭାବରୁ ଆଖି ହରାଇଥିବା ୩ ବର୍ଷର ଶିଶୁ ମୁନା ବେହେରାଙ୍କ ଦୁଃଖ କାହାଣୀ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ଚିକିତ୍ସା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ସ୍ଥାନୀୟ 'ହେଲ୍ପୀ ଟୁ ହେଲ୍ପ ଫାଉଣ୍ଡେସନ'ସହାୟତା ହାତ ବଢାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ ଜିଲା ମୁଖ୍ୟ ଚିକିତ୍ସାଳୟରୁ ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମ ପଞ୍ଚାୟତ ରଙ୍ଗମାଟିଆ ସ୍ଥିତ ମୁନା ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ମୁନାଙ୍କ ସଂକ୍ରମିତ ଆଖିର ଅସ୍ତ୍ରୋପଚାର କରିବାକୁ ଇତିମଧ୍ୟରେ ପ୍ରକ୍ରିୟା ଆରମ୍ଭ ହେବା ସହ ଏଥିପାଇଁ ଖୁବଶୀଘ୍ର ତାଙ୍କୁ ଭୁବନେଶ୍ୱର ପଠାଯିବ ଓ ଏହାର



'ହେଲ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ' ସଦସ୍ୟମାନେ ଶିଶୁ ମୁନା ବେହେରାଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତ ପ୍ରଦାନ କରୁଛନ୍ତି।

ସମସ୍ତ ଖର୍ଚ୍ଚ ସ୍ୱାସ୍ଥ୍ୟ ବିଭାଗ ବହନ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟାରେ ସ୍ଥାନୀୟ 'ହେଲ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ' ପକ୍ଷରୁ ପ୍ରତିଷ୍ଠାତା ରାଜକିଶୋର ଦାସ, ଭୁପେନ୍ଦ୍ର ପ୍ରସାଦ ନାୟକ, ଜତିନ କୁମାର ନାୟକ, ଶୈଳେନ୍ଦ୍ର କୁମାର ବ୍ରିନେଦ ଓ ଭୁବନ ମୋହନ ନାଏକ ଅସହାୟ ମୁନା ଘରକୁ ଯାଇ ତାଙ୍କର ଚିକିତ୍ସା ନିମନ୍ତେ ମାତାପିତାଙ୍କୁ ଫାଉଣ୍ଡେସନ ସଦସ୍ୟମାନଙ୍କଠାରୁ ସଂଗୃହିତ ନଗଦ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ମୁନାଙ୍କ ବଡ ଭଉଣୀ ଗୋମତୀ ପାତ୍ରଙ୍କ ବ୍ୟାଙ୍କ ଜମାଖାତାରେ ମଧ୍ୟ ମୁନାଙ୍କ ଚିକିତ୍ସା ନିମନ୍ତେ ଅନେକ ବଦାନ୍ୟ ବ୍ୟକ୍ତି ଅର୍ଥ ଜମା କରିଥିବା ଜଣାପଡିଛି। ଫଳରେ ମୁନାଙ୍କ ଆରୋଗ୍ୟ ହେବା ନେଇ ହତାଶ ପରିବାର ବର୍ଗଙ୍କ ମନରେ ନୂତନ ଆଶା ସଂଚାର ହୋଇଛି। ଏଥିପାଇଁ ମୁନାଙ୍କ ପିତା ଲିଙ୍ଗରାଜ ପାତ୍ର ଓ ମାତା ଲଛମା ଜିଲା ସ୍ୱାସ୍ଥ୍ୟ ବିଭାଗ ଓ 'ହେଲ୍ପୀ ଟୁ ହେଲ୍ପ ଫାଉଣ୍ଡେଶନ'କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ମୁନାର ଉପଯୁକ୍ତ ଚିକିତ୍ସା ନେଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

## ସଂକ୍ଷେପରେ

### ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ: ଚାଳକଙ୍କ ମୃତ୍ୟୁ

**ଖଡ଼ିଆଲ,୧୮।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ଥାନା ଅନ୍ତର୍ଗତ କିରକିଟା ଗ୍ରାମ ନିକଟରେ ମଙ୍ଗଳବାର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଚିଚେର ଗ୍ରାମର ଟୁକେଶ୍ୱର ବାଗ (୨୫)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖଡ଼ିଆଲ,୧୮।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନୂଆପଡ଼ା ଜିଲା ସଦର ମହକୁମାରୁ ବହୁ ବିଶେଷଜ୍ଞ ଡାକ୍ତର ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିରେ ଖଡ଼ିଆଳ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜିତ ରାଉତ ସହଯୋଗ କରିଥିଲେ। ଏହି ଶିବିର କେବଳ ନୂତନ ରୂପେ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବହୁ ସଂଖ୍ୟାରେ ଆସିବାରୁ ପ୍ରାଥମିକ ପର୍ଯ୍ୟାୟରେ ଅନେକ ସମସ୍ୟା ଦେଖାଯାଇଥିଲା। ହେଲେ ପରେ ଏହାର ସୁଧାର ଆସିଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ଆସନ୍ତା ଦିନରେ କୌଣସି ବ୍ୟକ୍ତି ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

### ଖଡ଼ିଆଳରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

**ଖଡ଼ିଆଲ,୧୮।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲଠାରେ ନୂତନ ଏସ୍‌ଡିପିଓ ଭାବରେ ମର୍ସିରାଣୀ ପୂର୍ତ୍ତି ଯୋଗଦାନ କରିଛନ୍ତି। ଖଡ଼ିଆଲ ଏସ୍‌ଡିପିଓଙ୍କ ଅଧୀନରେ ଖଡ଼ିଆଲ, ସିନାପାଲି ଓ ବୋଡ଼େନ ଥାନା ଅନ୍ତର୍ଭୁକ୍ତ। ଗତ ନଭେମ୍ବରରେ ଖଡ଼ିଆଲ ଏସ୍‌ଡିପିଓ



ଦାୟିତ୍ୱରେ ଥିବା ଅରୂପ ଅଭିଷେକ ବେହେରାଙ୍କ ଅନ୍ୟତ୍ର ବଦଳି ପରେ ଏହି ପଦବୀ ଖାଲିପଡିଥିଲା। ମର୍ସିରାଣୀ ପୂର୍ବରୁ ଗଞ୍ଜାମ ଜିଲାର ଛତ୍ରପୁରଠାରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଖଡ଼ିଆଲ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ଓ ବୋଡ଼େନ ଥାନା ଅଧିକାରୀ ଗୋବିନ୍ଦ ମାଝି ସ୍ୱାଗତ କରିଥିଲେ। ଖଡ଼ିଆଲ ଅଞ୍ଚଳର ଜନସାଧାରଣ କିପରି ନ୍ୟାୟ ପାଇବେ ସେ ନେଇ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ।

### ଦିବ୍ୟାଙ୍ଗ ପରୀକ୍ଷଣ ଶିବିର

**ଥୁଆମୂଳ ରାମପୁର,୧୮।୨ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ମଙ୍ଗଳବାର ଜିଲା ପ୍ରଶାସନ ସହାୟତାରେ ଦିବ୍ୟାଙ୍ଗ ପରୀକ୍ଷଣ ଶିବିର ବ୍ଲକ୍ ଅଧକ୍ଷ ଦୟନିଧି ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଡାକ୍ତର ଆଲୋକ କୁମାର ସାହୁ, କୃତ୍ରିମ ଅଙ୍ଗ ରୋପଣ ଡାକ୍ତର ସତ୍ୟବ୍ରତ ଗିରି ପ୍ରମୁଖ ଉପସ୍ଥିତ ରହି ୧୨ ଜଣ ଦିବ୍ୟାଙ୍ଗଙ୍କୁ ପରୀକ୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ଥୁଆମୂଳ ରାମପୁର ବିଏସ୍‌ଏସ୍‌ଓ କର୍ମଚାରୀ ସୌରଭ କୁମାର ରାଉତ ଓ ଅନ୍ୟମାନେ ସହଯୋଗ କରିଥିଲେ।

### ସାମଗ୍ରୀ ଚୋରି: ୪ ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ

**ଥୁଆମୂଳ ରାମପୁର,୧୮।୨ (ଦୁର୍ଗା କୀର୍ତ୍ତି):** ସାମଗ୍ରୀ ଚୋରି ନେଇ ଥୁଆମୂଳ ରାମପୁର ବ୍ଲକର ୪ ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ବ୍ଲକର ନବରନ୍ନ ଏସ୍‌ଏଚ୍‌ଜି, ମା' ବନଦୁର୍ଗା, ବିଶ୍ୱ ଆଦିଶକ୍ତି, ବିଶ୍ୱ ମା' ମାଣିଶ୍ୱରୀ ଗୋଷ୍ଠୀର ମହିଳା ମିଳିତ ଭାବେ କଫି ଚାରା ଉତ୍ପାଦନ କାର୍ଯ୍ୟରେ ବ୍ୟବହାର ପାଇଁ ଲୁହା ଖମ୍ବ, ତାର ଜାଲି ଓ ବିଦ୍ୟୁତ୍ ତାର ଆଦି ୪ଲକ୍ଷ ଟଙ୍କାର ସାମଗ୍ରୀ କିଣିଥିଲେ। ହେଲେ ଗତ ୧୭ତାରିଖ ରାତିରେ ଏସବୁ ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ସେମାନେ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରିଛି।

# ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ଭବାନୀପାଟଣା, ୧୮।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଓ ମାଇଁ ଭାରତ ଦ୍ୱାରା ଭବାନୀପାଟଣାସ୍ଥିତ ଜିଲା ଇଟିସି ପ୍ରଶିକ୍ଷଣ କେନ୍ଦ୍ରରେ ମଙ୍ଗଳବାର ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ମୁଖ୍ୟ ବକ୍ତା ଭାବେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ନବରଙ୍ଗପୁର ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ବି. ରମେଶ, କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଲେଖପାଳ ଦୂତୀଆ ବନଛୋର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଜିଲା ଯୁବ ଅଧିକାରୀ ସମସ୍ତ ଅତିଥିଙ୍କୁ ସ୍ମାରକୀ ପ୍ରଦାନ କରି ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ କଟକ ଜିଲାରୁ ୨୭ଜଣ ଯୁବ ପ୍ରତିଭାଗୀ ଅଂଶଗ୍ରଣ କରିଥିଲେ। ମୁଖ୍ୟବକ୍ତା ଭାରପ୍ରାପ୍ତ କୁଳପତି ନିବେଦିତା ନାଥ କଳାହାଣ୍ଡି ଓ କଟକ ଜିଲାର ସଂସ୍କୃତି ପରମ୍ପରା ଉପରେ ବିସ୍ତୃତ ଭାବରେ ଅଲୋକପାତ କରିଥଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ସେମାନଙ୍କର ପ୍ରତିଭା ଓ ନେତୃତ୍ୱ ଦକ୍ଷତାକୁ ନିବିଡ଼ କରିବାର ସୁଯୋଗ ପାଆନ୍ତି। ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏପରି କାର୍ଯ୍ୟକ୍ରମ ସେମାନଙ୍କୁ ନିଜ ଭିତରେ ଲୁକ୍କାୟିତ ସମ୍ଭାବନାକୁ ଚିହ୍ନିବାରେ ସାହାଯ୍ୟ କରେ ବୋଲି ସେ କହିଥିଲେ। ସେହିପରି ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରି ଯୁବପିଢ଼ିଙ୍କୁ ଏପରି କାର୍ଯ୍ୟକ୍ରମରେ ଉତ୍ସାହିତ କରିବା ସହ ଅଂଶଗ୍ରହଣ କରିବାକୁ କଳାହାଣ୍ଡି ଜିଲା ଯୁବ ଅଧିକାରୀ ମେହେର ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ବିନୟ କୁମାର ସାହୁ ପରିଚାଳନା କରିଥିବାବେଳେ ଲେଖପାଳ ଦୂତୀଆ ବନଛୋର ଧନ୍ୟବାଦ ଦେଇଥିଲେ। ଏହାକୁ ସଫଳ କରିବାରେ ନେହେରୁ ଯୁବ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଶମ୍ଭୁ ବିଶି, ସାଗର ସାହୁ, ଚୁଲମଣି ମାଝୀ, ମନିସ କୁମାର ସାହୁ, ବନ୍ଦିନୀ ମାଝୀ, ପଙ୍କଜିନି ମାଝୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଆସନ୍ତା ୫ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିବ।

## ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭବାନୀପାଟଣା,୧୮।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାର୍ଚ୍ଚ ୮ ତାରିଖ ଶନିବାର ଅନୁଷ୍ଠିତ ହେବ। ଏଥିରେ ଫୌଜଦାରି (ସାଲିସଯୋଗ୍ୟ) ଚେକ୍‌ବାଉନ୍ସ ମାମଲା, ବ୍ୟାଙ୍କରଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍ ମକଦ୍ଦମାସ୍ତରୀୟ ଚେକ୍‌ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଓ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଓ ନ୍ୟାୟଯୋଗ୍ୟ। ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ କୋର୍ଟ ଫି ଫେରସ୍ତ ହୋଇପାରିବ।

## ଓଡ଼ିଶା ଟେନିସ୍‌ବଲ କ୍ରିକେଟ ଦଳରେ କଳାହାଣ୍ଡିର ଭେଙ୍କଟେଶ


ଭେଙ୍କଟେଶଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ସଂଘ କର୍ମକର୍ତ୍ତା।

**ଧର୍ମଗଡ଼,୧୮।୨(ଆକାଶ କୁମାର ଜଗତ)** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଅମ୍ବାଦଳା ଗ୍ରାମର ଭେଙ୍କଟେଶ କୁମାର ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରୁ ତାମିଲନାଡୁଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟେନିସ୍‌ବଲ କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶା ଦଳରୁ ସେ ପ୍ରତିନିଧିତ୍ୱ କରିବେ। ଭେଙ୍କଟେଶ ରାଜ୍ୟ ଦଳରେ ଚୟନ ହେବା ଜାଣିବା ପରେ ଜିଲାର ବିଭିନ୍ନ ପ୍ରାନ୍ତରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାମିଲନାଡୁ ଗସ୍ତ ପୂର୍ବରୁ ମଙ୍ଗଳବାର ତାଙ୍କୁ ଧର୍ମଗଡ଼ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ଜିଲା ଟେନିସ୍ ବଲ କ୍ରିକେଟ ସଂଘ ତରଫରୁ ଶୁଭେଚ୍ଛା ଜଣାଯାଇଛି। ଏହି ସମୟରେ ଜିଲା ସଂଘ ସଭାପତି ଫକୀର ନାରାୟଣ ଜାଲ, ସାଧାରଣ ସମ୍ପାଦକ ତେଜନ କୁମାର ଦୁର୍ଗା, ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, ଧନଞ୍ଜୟ ପ୍ରସାଦ ନାଗ, ସିଧୁ ବାଗ, ସମୀର ବାଗ, ପବିତ୍ର ବିହାର ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତିର ୫ ଦଫା ସ୍ମାରକପତ୍ର

**ଭବାନୀପାଟଣା,୧୮।୨ (ଉତ୍ତମ କୁମାର ଦାଶ)**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଅପରାହ୍ନରେ ଜିଲାପାଳଙ୍କୁ ୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରମୁଖ ଦାବି ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହିତ ପେନ୍‌ସନ ପ୍ରଦାନ, ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧି, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ପୂର୍ବ ୬ ବର୍ଷ ଚାକିରି କାଳକୁ ନିୟମିତ କରିବା ଉଲ୍ଲେଖ ରହିଛି। ସମନ୍ୱୟ ସମିତି ଜିଲା ଆବାହକ ତଥା କଳାହାଣ୍ଡି ଜିଲା ଓଷ୍ଟା ସମ୍ପାଦକ ପ୍ରଭାତ କୁମାର ରଥ, ଜିଲା ଓଷ୍ଟା ସଭାପତି ସନ୍ତୋଷ କୁମାର ରଥ, ରାଜ୍ୟ ଉପସଭାପତି ସାରଙ୍ଗଧର ଠାକୁର, ରାଜ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ବ୍ଲକ ସମ୍ପାଦକ ଚନ୍ଦ୍ରହାସ୍ୟ ମେହେର ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବା ସହ ଆବଶ୍ୟକ ସ୍ଥଳେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

### ବେଲଖଣ୍ଡି ଧବଳେଶ୍ୱର ପୀଠରେ ଶିବରାତ୍ରି ପାଇଁ ପ୍ରସ୍ତୁତି

**ପଲମ, ୧୮।୨ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଧବଳେଶ୍ୱର ଶୈବପୀଠରେ ଶିବରାତ୍ରି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଟ୍ରଷ୍ଟ ବୋର୍ଡ ସଭାପତି ଚକାମାନ ନାଏକ, ସମ୍ପାଦକ ପ୍ରଦୀପ ଦୋରା, ମୁଖ୍ୟ ପୂଜକ ଦାରିକା ପ୍ରସାଦ ସିଂହଙ୍କ ସମେତ ଅନ୍ୟ ପୂଜକ ଉପସ୍ଥିତ ରହି କାର୍ଯ୍ୟ ନିର୍ଘଣ୍ଟ କରିଥିଲେ। ଆସନ୍ତା ୨୫ରେ ମନ୍ଦିର ପ୍ରବେଶ ସହ ସନ୍ଧ୍ୟା ୫ଟାରେ ଅଷ୍ଟପ୍ରହର ପାଇଁ କଳସଯାତ୍ରା, ୨୬ ତାରିଖ ସକାଳ ସାଢେ ୮ଟାରେ ଯଜ୍ଞ ଆରମ୍ଭ ହୋଇ ରାତ୍ର ସମୟରେ ମହାଦୀପ ପ୍ରଜ୍ୱଳନ ହେବ। ୨୭ରେ ନାମଯଜ୍ଞ ସମାପନ କରାଯାଇ ସନ୍ଧ୍ୟାରେ ଅର୍କେଷ୍ଟ୍ରା, ୨୮ରେ ମା' ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ଜୁନାଗଡ଼ର ନାଟକ ପରିବେଷଣ କରାଯିବ। ମାର୍ଚ୍ଚ ୧ ସନ୍ଧ୍ୟାରେ ବୂନି ବରଗାଁର ମହିଳା ଦଣ୍ଡନୃତ୍ୟ ହେବା ପାଇଁ ସ୍ଥିର କରାଯାଇଛି।

## ଜିଲା ପ୍ରଶାସନ-ଆଦିବାସୀ କଲ୍ୟାଣ ସଂଘର ବୈଠକ


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଦିବାସୀ ସଂଘ କର୍ମକର୍ତ୍ତା।

**ନୂଆପଡ଼ା,୧୮।୨(ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପ୍ରଶାସନ ଓ ଜିଲା ଆଦିବାସୀ କଲ୍ୟାଣ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଉପସ୍ଥିତ ଥିଲେ। ସେହିପରି ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ସମ୍ପାଦକ ବାଳକୃଷ୍ଣ ଶବର, କମଲେଶ ସିଂ ଠାକୁର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ପ୍ରଦାନକୁ ତ୍ୱରାନ୍ୱିତ କରିବା, ରାଜ୍ୟ ସରକାରଙ୍କ ଅନ୍ୱେଷା ଯୋଜନାରେ ହେଉଥିବା ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜାଲିଆତିକରି ଜାତି ପ୍ରମାଣପତ୍ର ହାସଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜିଲା ଶିକ୍ଷା ବିଭାଗରେ ହୋଇଥିବା ୪ କୋଟି ୨ ଲକ୍ଷ ଟଙ୍କା ଦୁର୍ନୀତିର ତଦନ୍ତ ରିପୋର୍ଟ ଯଥାଶୀଘ୍ର ପ୍ରଦାନକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଥିବା ୪ ଆଦିବାସୀ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ସେହିପରି ଜିଲାରେ ପେସା ଆଇନ ଲାଗୁ, ଜିଲାରେ ଚାଲିଥିବା ବେଆଇନ ମଦକୋଠି ବନ୍ଦ କରିବା, ସିନାପାଲି ବ୍ଲକ ଗୋଡ଼ାଲସ୍ଥିତ ଆଦିବାସୀ ଛାତ୍ରାବାସରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଅକାଳ ମୃତ୍ୟୁର ତଦନ୍ତ କରି ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କୁ ନିଲମ୍ବନ କରିବା, ଭୂମିହୀନ ଆଦିବାସୀଙ୍କୁ ଚିହ୍ନଟକରି ଜମି ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲାପାଳ ଆଦିବାସୀମାନଙ୍କ ଭାବାବେଗକୁ ବୁଝି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ୨୦ରେ ୪୮ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ

**ଗୋଲାମୁଣ୍ଡା,୧୮।୨(ବଟକୃଷ୍ଣ ପଣ୍ଡା)**

ପଦୋନ୍ନତି ସହ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ଭତ୍ତା ଦାବିରେ କଳାହାଣ୍ଡି ଓ ନୂଆପଡ଼ା ଜିଲା ୪୮ବର୍ଗ କଲେଜ ଅଧ୍ୟାପକ-କର୍ମଚାରୀ ସଂଘ ରାଜ୍ୟ ସଂଘର ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ଆସନ୍ତା ୨୦ରେ ଭୁବନେଶ୍ୱରଠାରେ ବିଧାନସଭା ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଛି। ୪୮ ବର୍ଗ ମହାବିଦ୍ୟାଳୟରେ କାର୍ଯ୍ୟରତ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀଙ୍କୁ ପଦୋନ୍ନତି ସହ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ପ୍ରଦାନ ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାସହ ୪୮ ବର୍ଗରେ ୨୦୧୭ ଅନୁଦାନ ଆଇନ ଅନୁସାରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ୧୯୮୧ ନିୟମ ଅନୁଯାୟୀ ପୁରୁଣା ପେନ୍‌ସନ ଲାଗୁ,୧୯୮୩ ନିୟମ ଅନୁଯାୟୀ ଭବିଷ୍ୟନିଧି ଖାତା ଖୋଲିବା,୧୯୭୯ ନିୟମ ଅନୁଯାୟୀ ଏହି ବର୍ଗରେ ବଳବତ୍ତର ଥିବା କ୍ୟାଡର ଲିଷ୍ଟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଅନ୍ତର୍ଭୁକ୍ତ କରିବା ଆଦି ଦାବି ପୂରଣ କରିବା ପାଇଁ କଳାହାଣ୍ଡି ଓ ନୂଆପଡ଼ା ଜିଲା ସଭାପତି ପ୍ରଦୀପ କୁମାର ମିଶ୍ର ସରକାରଙ୍କୁ ନିବେଦନ କରିଛନ୍ତି।

## ଟେନ୍ତୁଲିଖୁଣ୍ଟିରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

**ଜୁନାଗଡ଼, ୧୮।୨(ଅଂଶୁମାନ ଜୋଷୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ ଟେନ୍ତୁଲିଖୁଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୫ ବିଦ୍ୟାଳୟର ଆକର୍ଷଣୀୟ ପ୍ରକଳ୍ପ ଓ ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମକରଧ୍ୱଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାରଭାଟି ସରପଞ୍ଚ ଶିବ ଶଙ୍କର ନାଏକ ମୁଖ୍ୟ ଅତିଥି, ଏବିଇଓ/ବିଆର୍‌ସିସି ସୁଶାନ୍ତ କୁମାର ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିପୁଣ ଓଡ଼ିଶା ମେଳାକୁ ସଫଳ କରିବା ପାଇଁ ଶପଥପାଠ କରାଇଥିଲେ। ସ୍ଥାନୀୟ ସିଆର୍‌ସିସି ଶୀତେଶ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ବରିଷ୍ଠ ଶିକ୍ଷକ ଲଳିତ କୁମାର ନେଗୀ ମଞ୍ଚ ପରିଚାଳନା କରିଥିବାବେଳେ ମାଟିଗାଁ ସିଆର୍‌ସିସି ସୁନୀଲ କୁମାର ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସମରେନ୍ଦ୍ର ଶେଖର ଦାଶ, ଟଙ୍କଧର ଶବର, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଜେନା, ମୋନାଲିସା ମହାନ୍ତି, ବବିସ୍ମିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଲକ୍ଷ୍ୟ ନେଇ ରାଜ୍ୟର ସମସ୍ତ କ୍ଲଷ୍ଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## କନିଷ୍ଠ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କର୍ଲାମୁଣ୍ଡା,୧୮।୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ପଞ୍ଚଦିବସୀୟ ନବନିଯୁକ୍ତ ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର ପ୍ରେରଣା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ ତାରିଖରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରାମଚନ୍ଦ୍ର ସା, ରୋହିତ କୁମାର ରଣା ଓ ଗୋପମଣି ସାହୁ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ସାହୁ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୨୪ଜଣ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସାଧନ କର୍ମୀ ଭାବେ ହେମନ୍ତ କୁମାର ନାୟକ, ବିଶିକେଶନ ସିନା, ଟୁକୁନୁ କୁମାର ଓ ମିଳାପ କୁମାର ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷାଦାନ ପଦ୍ଧତି ଓ ଅଭିନବ ଶିକ୍ଷଣ କୌଶଳ ଉପରେ ମାର୍ଗଦର୍ଶନ ଦେଇଥିଲେ। ରେଙ୍ଗାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଜ୍ଜ୍ୱଳ କୁମାର ସାହୁଙ୍କ ଦ୍ୱାରା ଶିବିର ପରିଚାଳିତ ହୋଇଥିଲା।



ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକ।

## ସରକାରୀ ସହାୟତାରୁ ବଞ୍ଚିତ ମହିଳା

**କୋମନା,୧୮।୨(ସୋବିନ ଛତ୍ରିଆ)**


ପଲିଥିନ ଘୋଡ଼ାଯାଇଥିବା ଘର ଆଗରେ ଅସହାୟ ମା' ଝିଅ।

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅଗ୍ରେନ ପଞ୍ଚାୟତ ରଘୁପାଲି ଗାଁର ଚୁନେ ଛତ୍ରିଆ (୫୦) ସରକାରୀ ସହାୟତାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଲୋୟର ଇନ୍ଦ୍ର ଟିଖାଳି ଡ୍ୟାମ୍ ଯୋଗୁ ଚୁନେ ବିସ୍ଥାପିତ ହୋଇ ବର୍ତ୍ତମାନ କରମହୁଲରେ ଏକ ଝାଟିମାଟି କୁଡ଼ିଆ ଉପରେ ତାରପୋଲିନ ପକାଇ ଏକମାତ୍ର ଝିଅ ସବିତା (୧୩) ସହ ରହୁଛନ୍ତି। ଜମିବାଡ଼ି ବୋଲି କିଛି ନାହିଁ। ତାଙ୍କ ସ୍ୱାମୀ ମାର୍କଣ୍ଡ ଛତ୍ରିଆ ପିଡବ୍ଲ୍ୟୁଡି ବିଭାଗରେ ୪ର୍ଥଶ୍ରେଣୀ କର୍ମଚାରୀ ଭାବରେ କାମ କରୁଥିବାବେଳେ ୨ବର୍ଷ ତଳେ ଆରପାରିକୁ ଚାଲିଗଲେ। ହେଲେ ଆଧାର କାର୍ଡ ନ ଥିବାରୁ ମା'ଙ୍କୁ ବିଭାଗ ପକ୍ଷରୁ ସହାୟତା ମିଳିପାରି ନ ଥିବା ଝିଅ ସବିତା ପ୍ରକାଶ କରିଛନ୍ତି। ଆଧାର ପାଇଁ ବିଭିନ୍ନ ସ୍ଥାନକୁ ଯାଇ ବିଫଳ ହୋଇଛନ୍ତି। ସରକାର ଗରିବ ଖଟିଖିଆ ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଗୃହ, ବିଧବାଭତ୍ତା ଏହା ଏହି ଅସହାୟ ମହିଳାଙ୍କ ପାଇଁ ଅପହଞ୍ଚ ହୋଇରହିଛି। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସବିତା କେବେ ବିଦ୍ୟାଳୟ ଯାଉଛନ୍ତି ତ କେବେ ପେଟକୁ ଦାନା ମୁଠାଏ ପାଇଁ ମଜୁରି କରି ଯିବାକୁ ପଡୁଛି। ଗତବର୍ଷ ବିସ୍ଥାପିତ ଭାବରେ ଚୁନେଙ୍କୁ ଗୋଟିଏ ଗୃହ ମିଳିଥିଲା। ହେଲେ ନିଜେ ତିଆରି କରିବା ସମ୍ଭବ ନ ହେବାରୁ କୋମନାର ଜନୈକ ଠିକାଦାରଙ୍କୁ ଠିକା ଦେଇଥିଲା। ହେଲେ ଠିକାଦାର ଜଣଙ୍କ ଘର ଅଧାପନ୍ତରିଆ କରି ଛାଡିଦେଲେ। ଫଳରେ ମା'ଝିଅ ପଲିଥିନ ଢଙ୍କା କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ପ୍ରସାଶନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସହାୟତା ଯୋଗାଇଦେବାକୁ ଉଭୟ ମା' ଓ ଝିଅ ନିବେଦନ କରିଛନ୍ତି। ଏ ନେଇ କୋମନା ବିଡିଓ ହେମନ୍ତ ପୁଜାଙ୍କୁ ପଚାରିବାରୁ ମହିଳା ଓ ତାଙ୍କ ଝିଅଙ୍କ ସମ୍ପୂର୍ଣ୍ଣ ବିବରଣୀ ପଠାନ୍ତୁ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହି ମୁଁ ସବୁ ବ୍ୟବସ୍ଥା କରାଇବି ବୋଲି କହିଥିଲେ।

## ସଂକ୍ଷେପରେ

### ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ଶ୍ରୋତା ସମ୍ମିଳନୀ ପ୍ରସ୍ତୁତି

**ବରଗଡ଼,୧୮।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସାରଦା କମ୍ପ୍ଲେକ୍ସଠାରେ ମଙ୍ଗଳବାର ଆକାଶବାଣୀ ଶ୍ରୋତା ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ୩୧ ତମ ଶ୍ରୋତା ସମ୍ମିଳନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ,ବରିଷ୍ଠ ସଦସ୍ୟ ସୁଦାମ ସାହୁ, ଜଗନ୍ନାଥ ସାହୁ, ଉମେଶ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ହରିହର ପ୍ରଧାନ, ବିଶିକେଶନ ଭୋଇ, ଅଶୋକ ସାହୁ ପ୍ରମୁଖ ସଂଘର ବରିଷ୍ଠ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ସଭ୍ୟମାନଙ୍କ ସର୍ବସମ୍ମତି କ୍ରମେ ଆସନ୍ତା ମାର୍ଚ୍ଚ ୯ ତାରିଖରେ ବରଗଡ଼ଠାରେ ୩୧ ତମ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଆୟୋଜନ ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା। ଏଥିସହିତ ପୂର୍ବ ବର୍ଷ ପରି ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ବିପିନ ବିହାରୀ ସମାଜସେବୀ ସମ୍ମାନ, ହରେକୃଷ୍ଣ ପୂଜାରୀ ନାଟ୍ୟକାର ସମ୍ମାନ, ଶ୍ରେଷ୍ଠ ଗୀତିକାର କ୍ଷିତିପତି ସାହୁ ସ୍ମୃତି ସମ୍ମାନ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ସମ୍ପ୍ରତି ରେଡ଼ିଓର ବ୍ୟବହାର ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି ପାଇଁ ଏହି ଅବସରରେ ଏକ ରେଡ଼ିଓ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବ ବୋଲି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ସଂଘର ଉପ ସଭାପତି ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯେନିଥ ଲାୟନ୍ସ ଗୁରୁକୁଳର ନୂତନ ଶାଖା ଉଦ୍‌ଘାଟିତ

**ପଦ୍ମପୁର ୧୮।୨ (ପ୍ରଦୀପ୍ତ ଦାଶ):** ପଶ୍ଚିମ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ପାଇଁ 'ଯେନିଥ ଲିଓ' ନାମକ ଯେନିଥ ଲାୟନ୍ସ ଗୁରୁକୁଳର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ଏହା ଆଧୁନିକ ଶିକ୍ଷାନୁଷ୍ଠାନ ଡବ୍ଲ୍ୟୁଏଚଓ ଗାଇଡଲାଇନ ଅନୁସାରେ ନିର୍ମିତ ହୋଇଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନୈତିକତାର ସମ୍ମିଶ୍ରଣରେ ନୂଆ ପିଢ଼ିକୁ ଉଚ୍ଚମାନ ଦ୍ୱାରା ଶିକ୍ଷିତ କରିବା ଲକ୍ଷ୍ୟ ରହିଛି। ଏହି ଗୁରୁକୁଳର ସଭାପତି ପ୍ରତାପ ମିଶ୍ର, ଉପ-ସଭାପତି ସୁଶାନ୍ତ ରଥ, କୋଷାଧ୍ୟକ୍ଷ ମହମ୍ମଦ ଜାବେଦ ଏବଂ ସମ୍ପାଦକ ପବନ ଅଗ୍ରୱାଲ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଥିଲେ।

### ପଦ୍ମଲୋଚନଙ୍କ ବିୟୋଗରେ ଶୋକସଭା

**ସରଣ୍ଡା, ୧୮।୨(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜଠାରେ ପଦ୍ମଲୋଚନ ପଣ୍ଡାଙ୍କ ବିୟୋଗରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ମଙ୍ଗଳବାର ଶୋକ ସଭା ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଦୁଇମିନିଟ ନୀରବ ପ୍ରାର୍ଥନା ପୂର୍ବକ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ସରୋଜ କୁମାର ନାୟକ, ପ୍ରଦୀପ କୁମାର ପଣ୍ଡା ମୁଖ୍ୟକିରାଣୀ ପ୍ରମୋଦ ଚନ୍ଦ୍ର ସେଠ, ବିଦେଶୀ ଛନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡା ଲରମ୍ବା କଲେଜର ପ୍ରତିଷ୍ଠାତା ବ୍ରଜମୋହନ ପଣ୍ଡାଙ୍କ କନିଷ୍ଠ ପୁତ୍ର ଥିଲେ ଓ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସକ୍ରିୟଭୂମିକା ଗ୍ରହଣ କରିଥିଲେ। ସୋମବାର ୯୨ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଯାଇଥିଲା।

### ଜାତୀୟ ସିନିୟର କବାଡ଼ି ଚାମ୍ପିୟନ୍‌ଶିପ: ରେଫରି ପାଇଁ ଅଜିତ୍ ମନୋନୀତ

**ପାଇକମାଳ,୧୮।୨(ବଢ଼ ଶତପଥୀ):** କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମରେ ଆସନ୍ତା ୨୦ରୁ ହେବାକୁ ଥିବା ୭୧ତମ ସିନିୟର୍ ଜାତୀୟ କବାଡ଼ି ଚମ୍ପିୟନଶିପ(ପୁରୁଷ)ରେ ରେଫରି ଭାବରେ ଦାୟିତ୍ୱ ନେବେ ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗାଁର ଅଜିତ କୁମାର ପ୍ରଧାନ।



ଏଥିପାଇଁ ତାଙ୍କୁ ଅମାଚର କବାଡି ଫେଡେରେଶନ ଅଫ ଇଣ୍ଡିଆ ଚୟନ କରିଛି। ଓଡ଼ିଶାରୁ ତାଙ୍କ ସମେତ ୬ ଜଣ ଚୟନ ହୋଇଛନ୍ତି। ପ୍ରଧାନ ବୃତ୍ତିରେ ଜଣେ ଶିକ୍ଷକ। ସେ ଜାମସେଠ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ଭାବରେ ନିୟୋଜିତ ଅଛନ୍ତି। ଏଥିସହ ସେ ମାଣ୍ଡୋସିଲ ଅଞ୍ଚଳର ଅଭିଜ୍ଞସମ୍ପନ୍ନ କବାଡି ରେଫରି। ଅଜିତ ଜିଲା ତଥା ରାଜ୍ୟ ବାହାରେ ଅନେକ କବାଡ଼ି ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ତୁଲାଇଛନ୍ତି।



ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି କେନାଲରୁ ଅତାବିରା ରେଙ୍ଗାଲିକ୍ୟାମ୍ପ ବ୍ରିଜ୍‌ର ଗୋଟିଏ କଡ଼ରେ ବାଡ଼ ଭାଙ୍ଗି ମରଣଯନ୍ତା ପାଲଟିଛି। ( **ଫଟୋ – ଯୁଧିଷ୍ଠିର ମହାପାତ୍ର**)

# ମଣ୍ଡିରେ ଧାନ ପଡ଼ିରହି ସରୁଛି ଟୋକନ ଅବଧି

- ଧାନ କିଣାବିକାରେ ଚାଲିଛି ଫଲ୍ସଏଣ୍ଟ୍ରି
- ମଣ୍ଡିରୁ ଉଠୁନି ଧାନ, ମିଲ୍‌କୁ ଯାଉଛି
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ତଦନ୍ତ ଦାବିରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼,୧୮।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ୨ଦିନ ପରେ ୩ମାସ ପୂରିବ। କିନ୍ତୁ ଏବେ ମଧ୍ୟ ଜିଲାର ବିଭିନ୍ନ ସ୍ଥାନରେ ଧାନ ବିକ୍ରିବଟାକୁ ନେଇ ଚାଷୀମାନେ ବହୁବିଧ ସମସ୍ୟାରେ ଛନ୍ଦି ହୋଇଛନ୍ତି। ଜିଲାର ପଦ୍ମପୁର ଉପଖଣ୍ଡରେ ଏଭଳି ସମସ୍ୟା ଅଧିକ ଜଟିଳ ହୋଇପଡ଼ିଛି। ଏଠାରେ ରହିଥିବା ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣୁଥିବାବେଳେ ତାକୁ ଉଠାଯିବା ତ ଦୂରର କଥା, ତାକୁ କାଗଜାତରେ ଏଣ୍ଟ୍ରି ମଧ୍ୟ କରାଯାଉ ନାହିଁ। ଅନ୍ୟପଟେ ମଣ୍ଡିକୁ ଆସି ନ ଥିବା ଧାନକୁ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲକୁ ନିଆଯାଉଛି ଏବଂ ସେହି ଧାନକୁ ମଣ୍ଡିର କାଗଜାତ୍‌ରେ ଫଲ୍ସଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି।



ଅତିରିକ୍ତ ଜିଲାପାଳ ଚାଷୀ ପ୍ରତିନିଧିଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ଅନ୍ୟପଟେ ମଣ୍ଡିରେ ଦୀର୍ଘଦିନ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହୁଛି ଏବଂ ତାହା ବିକ୍ରି ହୋଇପାରୁ ନ ଥିବାବେଳେ ଶେଷରେ ବିକ୍ରି ପାଇଁ ସମ୍ପୃକ୍ତ ଚାଷୀମାନଙ୍କୁ ମିଳିଥିବା ଟୋକନ ଅବଧି ମଧ୍ୟ ସରି ଯାଉଛି। ଏଭଳି ସାଂଘାତିକ ଅଭିଯୋଗ ନେଇ ମଙ୍ଗଳବାର ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଗୋଠୁଗୁଡ଼ା ଧାନମଣ୍ଡି ଉପରେ ନିର୍ଭରଶୀଳ ଅନେକ ଚାଷୀ ପ୍ରତିନିଧି ଗୋଠୁଗୁଡ଼ା କୃଷକ ସଂଘ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଗଠୁଗୁଡ଼ା ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଲିଥିବା ଅନିୟମିତତାର ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଏହି ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ି ରହିଥିବା ସମସ୍ତ ଧାନକୁ କିଣିବାକୁ ଦାବି କରାଯାଇଛି।

ବରଗଡ଼ ଜିଲାରେ ଗତବର୍ଷ ନଭେମ୍ବର ୨୦ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକ ଖୋଲିଥିଲା। ଏହି କ୍ରମରେ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ରହିଥିବା ଗୋଠୁଗୁଡ଼ା ମଣ୍ଡିରେ ମଧ୍ୟ ଧାନ କିଣାବିକା ଆରମ୍ଭ ହୋଇଥିଲା। ସ୍ଥାନୀୟ ଏସ୍‌ଏଚ୍‌ଜିକୁ ଉକ୍ତ ମଣ୍ଡିରେ ଧାନକ୍ରୟ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ଚାଷୀମାନେ ସେମାନଙ୍କୁ ମିଳିଥିବା ଟୋକନ ଆଧାରରେ ମଣ୍ଡିକୁ ଧାନ ଆଣୁଛନ୍ତି। କିନ୍ତୁ ସେମାନଙ୍କ ଧାନକୁ କିଣାଯାଉ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ମଣ୍ଡିକୁ ଆସି ନଥିବା ଧାନ ବେପାରୀ ମାଧ୍ୟମରେ ସିଧାସଳଖ ବିଭିନ୍ନ ରାଇସ୍ ମିଲକୁ ଯାଉଛି ଏବଂ ଧାନ କ୍ରୟସଂସ୍ଥା, ମଣ୍ଡି କର୍ମଚାରୀ ଏବଂ ମିଲର୍ସଙ୍କ ମିଳିତରେ ମଣ୍ଡି କାଗଜପତ୍ରରେ ସେହି ଧାନକୁ ଫଲ୍ସଏଣ୍ଟ୍ରି କରାଯାଉଥିବା ବେଳେ ମଣ୍ଡିରେ ଧାନ ପକାଇଥିବା ଅନେକ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଉଛି। ଫଳରେ ଟୋକନ ଆଧାରରେ ମଣ୍ଡିକୁ ଆଣିଥିଲେ ସୁଦ୍ଧା ସେମାନେ ଧାନବିକ୍ରିରୁ ବଞ୍ଚିତ ରହୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁ ଗୋବର୍ଦ୍ଧନ ଦୀପ, ରାଜକୁମାର ପଟେଲ, ଡୋଲାମଣି ପଟେଲ, ଲକ୍ଷ୍ମଣ ସାହୁଙ୍କ ସମେତ ଅନେକ ଚାଷୀଙ୍କ ଟୋକନ ଅବଧି ସରିଯାଇଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗୋଠୁଗୁଡ଼ା କୃଷକ ସଂଘ ଦାବି କରିଛି। ସଂଘର ସଭାପତି ଖଗପତି ସାହୁ, ସମ୍ପାଦକ ରାଜକୁମାର ନାଏକ, ଚାଷୀନେତା ବିଶ୍ୱମ୍ବର ପ୍ରଧାନ, ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ବାଲ୍ମୀକି ନାଏକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## କଫ ସିରପ ସହ ନିଶା ଇଞ୍ଜେକଶନ ଜବତ, ଜଣେ ଗିରଫ

**ପଦ୍ମପୁର,୧୮।୨ (ପ୍ରଦୀପ୍ତ ଦାଶ)**

ବେଆଇନ କଫ୍ ସିରପ ଓ ନିଶା ଇଞ୍ଜେକଶନ ବିକ୍ରି କରିବା ଅଭିଯୋଗରେ ପଦ୍ମପୁର ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଥାନା ଅଧୀନ ଦେଉଳି ଗ୍ରାମର ବିଟୁ (ଭୀମସେନ)କରେଇ। ତାଙ୍କଠାରୁ ୬୧୯ଟି ନିଶା ଇଞ୍ଜେକଶନ ଓ ୧୭୪ ବୋତଲ କଫ ସିରପ, ୨୬,୫୦୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରାଯାଇଛି। ପ୍ରକାଶ ଯେ, ବିଟୁ ସ୍କୁଟିରେ ବାଇପାସ ରାସ୍ତା ଦେଇ ଏକ ପ୍ଲାଷ୍ଟିକ ବ୍ୟାଗରେ ନିଶା ଇଞ୍ଜେକଶନ ଓ କଫ ସିରପ ଧରି ଯାଉଥିଲେ। ପୋଲିସ ଅଟକାଇ ଯାଞ୍ଚ କରିବା ପରେ ତାଙ୍କଠାରୁ କଫ୍ ସିରପ ସହ ନିଶା ଇଞ୍ଜେକଶନ ମିଳିଥିଲା। ସବ ଇନ୍ସପେକ୍ଟର ଧନେଶ୍ୱର ସାହୁ,ଏଏସ୍‌ଆଇ ପୀତବାସ ପଟେଲ, ହାବିଲଦାର ପ୍ରକାଶ ଆଚାର୍ଯ୍ୟ, ସୁରେନ୍ଦ୍ର ସାଗର ଓ ଅନ୍ୟମାନେ ଏହି ଚଢ଼ାଉରେ ସାମିଲ ଥିଲେ।

## ମରାମତି ହେଉନି, ମରଣଯନ୍ତା ରାସ୍ତାରେ ଯିବେ ପରୀକ୍ଷାର୍ଥୀ

**ଝାରବନ୍ଧ,୧୮।୨(ଦେବେନ୍ଦ୍ର ସାହୁ)**

ଗମନାଗମନର ସୁବିଧା ପାଇଁ ସରକାର ରାସ୍ତାଗୁଡ଼ିକୁ ମରାମତି ଓ ଓସାରିଆ କରୁଛନ୍ତି। କିନ୍ତୁ ଜନସାଧାରଣ ସେହି ରାସ୍ତାରେ ସୁବିଧାରେ ଯାତାୟାତ କରିବା ପରିବର୍ତ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ଝାରବନ୍ଧରେ। ଝାରବନ୍ଧର ଅଡାପାଣିଠାରୁ ଲଉ ପର୍ଯ୍ୟନ୍ତ ରାସ୍ତା କାମ କରାଯାଉଛି। ସମ୍ପୃକ୍ତ ନିର୍ମାଣ ସଂସ୍ଥାର ମନମୁଖି କାମ ଦ୍ୱାରା ଜନସାଧାରଣ ଅତିଷ୍ଠ ହେଲେଣି। ୮/୧୦ କିମି ପର୍ଯ୍ୟନ୍ତ ରାସ୍ତାର ପିଚୁକୁ ଏକକାଳୀନ କାଢିଦେଇ ମେଟାଲ ପକାଇଛନ୍ତି। ପ୍ରାୟ ଦୁଇ ମାସ ହେବ ଲୋକମାନେ ମେଟାଲ ଉପରେ ଯାତାୟାତ କରୁଛନ୍ତି। ପ୍ରତିଦିନ ଦୁର୍ଘଟଣା, ଯାନବାହନ ଖରାପ ଏକ ନିତିଦିନିଆ ଦୃଶ୍ୟ ହୋଇଛି। ରାସ୍ତାକୁ ସମ୍ପୂର୍ଣ୍ଣ ନ ଖୋଳି ଆଂଶିକ ଭାବରେ ପିଚୁ ହଟାଇ ନିର୍ମାଣ କାମ କରିଥିଲେ ଏହି ସମସ୍ୟା ହୋଇ ନ ଥାନ୍ତା। ଆଗାମୀ ୨୧ରୁ ମାର୍ଚ୍ଚ ୬ପର୍ଯ୍ୟନ୍ତ ଦଶମ ଶ୍ରେଣୀ ପରୀକ୍ଷା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ହେବ।



ରାସ୍ତାର ପିଚୁକୁ କାଢି ମେଟାଲ ପକାଯାଇଛି।

ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉକ୍ତ ରାସ୍ତାରେ ଯିବାକୁ ବାଧ ହେବେ। ରାସ୍ତାର ଅବସ୍ଥା, ଦୂରତ୍ୱ ଦେଖି ପରୀକ୍ଷାର୍ଥୀମାନେ ମାନସିକ, ଶାରୀରିକ ଯନ୍ତ୍ରଣାର ଶିକାର ହେବେ। ରାସ୍ତାକୁ ଆଂଶିକ ଭାବରେ କରିବାକୁ ଅଞ୍ଚଳବାସୀ ବାରମ୍ବାର ଅନୁରୋଧ କରିଥିବା ସତ୍ତ୍ୱେ ସବୁ କାମ ଏକ କାଳୀନ ସରିବ କହି କଚ୍ଛପ ଗତିରେ କାମ କରିଥିବାରୁ ଜନ ଅସନ୍ତୋଷ ଲାଗି ରହୁଛି।

## ବୈଶାଖ ମେଳା ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୮।୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଅନ୍ତର୍ଗତ ସାରଙ୍ଗପୁର ଅଙ୍ଗନଦୀ କୂଳରେ ଅବସ୍ଥିତ ନୃସିଂହ ମନ୍ଦିରଠାରେ ହେବାକୁ ଥିବା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ପୂଜା କମିଟିର ସଭାପତି ଶ୍ରୀକାନ୍ତ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ଦିର ଉନ୍ନତୀକରଣ, ମେଳାକୁ ଶୃଙ୍ଖଳିତ ପରିଚାଳନା, ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋଚନା ହୋଇଥିଲା। ଅଞ୍ଚଳର ବିଭିନ୍ନ ଗ୍ରାମରୁ ସୀତାଂଶୁ ମିଶ୍ର, ରବି ଲାଲ ବରିହା, ଯୁଧିଷ୍ଠିର ବରିହା, ସତ୍ୟବାନ ବରିହା, ଉମାକାନ୍ତ ସାହୁ, ଖଗେଶ୍ୱର ପଧାନ, ଡୋଲାମଣି ବଡେଇ, ସୁବିନ ବରିହା, ହରି ବରିହା, ଦିଲ୍ଲୀପ ସାହୁ, ଗୋବିନ୍ଦ ବାରିକ, ଗୌର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବୁକୁରାମୁଣ୍ଡା ସେବାଶ୍ରମର ବାର୍ଷିକ ଉତ୍ସବ




ଉପସ୍ଥିତ ଅତିଥିମାନଙ୍କ ସହିତ ଛାତ୍ରୀଛାତ୍ର।

**ପଦ୍ମପୁର, ୧୮।୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅନ୍ତର୍ଗତ ବୁକୁରାମୁଣ୍ଡା ସେବାଶ୍ରମ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁକୁରାମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ସେବକ ପ୍ରଦୀପ କୁମାର ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ସୈନିକ ହର୍ଷବର୍ଦ୍ଧନ ବିଶି, ସମ୍ମାନିତ ଅତିଥି ବିଦ୍ୟାଳୟ ଉଦ୍ୟୋକ୍ତା ମଙ୍ଗଲୁ ବରିହା, ଶିକ୍ଷକ ନିରାକାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଭୋଇ, ପ୍ରେମରାଜ ନାୟକ, ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ସେବକ ରବୀନ୍ଦ୍ର ପଟେଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଉଭୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରୀତାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉଭୟ କୃତି ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମାନିନୀ ସ୍ୱାଇଁ, ଅଶ୍ୱିନୀ ପ୍ରଧାନ ସହଯୋଗ କରିଥିଲେ।

## କନିଷ୍ଠ କିରାଣିଙ୍କ ସାଧାରଣ ସଭା

**ବରଗଡ଼,୧୮।୨(ପ୍ରେମାନନ୍ଦ ଖମାରୀ)**

ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁରସ୍ଥିତ ଜାଗୃତି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାର ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର କନିଷ୍ଠ କିରାଣିମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଗୁଡ଼େଶିରା ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସଭାରେ ଜିଲାସ୍ତରୀୟ କନିଷ୍ଠ କିରାଣୀ ସଂଘ ଗଠନ ଉପରେ ବିଶେଷ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ତୁରୁଙ୍ଗାସ୍ଥିତ ରାମଜୀଲାଲ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ହେମନ୍ତ କୁମାର ପଣ୍ଡାଙ୍କୁ ସଭାପତି ଏବଂ ଟୋପ୍ ଉଚ୍ଚ ବିଦ୍ୟାଳୟର କିରାଣୀ ପ୍ରଦୀପ ଗଡ଼ତିଆଙ୍କୁ ସଂଘର ସମ୍ପାଦକଭାବେ ମନୋନୀତ କରାଯାଇଥିଲା। ଜାଗୃତି ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣୀ ଦେବକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାନ୍ଧକଳା ପାଇଁ ବାନ୍ଧଶିଳ୍ପୀ ସୁରେନ୍ଦ୍ର ସମ୍ମାନିତ

**ବରପାଲି,୧୮।୨(ଚିତ୍ତରଞ୍ଜନ ସାହୁ)**

ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ବାନ୍ଧ ଓ ବୟନ କଳାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତା'ର ପ୍ରତିଷ୍ଠା ବଜାୟ ରଖିବା ପାଇଁ ଆନ୍ତର୍ଜାତିକ ସୁଖ୍ୟାତି ଲାଭ କରିଥିବା ବରଗଡ଼ ଜିଲା ବରପାଲି ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେରଙ୍କ ଆଉ ଏକ ପ୍ରଚେଷ୍ଟା ସଫଳ ହୋଇଛି। କବି ଗଙ୍ଗାଧର ମେହେରଙ୍କ ଅମୂଲ୍ୟ କୃତି 'ମହିମା' କାବ୍ୟକୁ ଦୀର୍ଘ ୩୦ ଫୁଟ ଲମ୍ବର ବାନ୍ଧ କଳାରେ ବୁଣି ଗତବର୍ଷ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ଅବସରରେ କୁଳପତି, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁରଙ୍କ କରକମଳରେ ଉନ୍ମୋଚନ ହୋଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱରଠାରେ ତାହା ସଂଗୃହୀତ ହୋଇ ରହିଛି। ସେହି 'ମହିମା' କାବ୍ୟର ବାନ୍ଧ କଳା ପାଇଁ ନୂଆଦିଲ୍ଲୀଠାରେ ଅବସ୍ଥିତ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ତାଙ୍କର ଅନ୍ତର୍ଜାତୀୟ



ଡ. ସୁରେନ୍ଦ୍ର ମେହେରଙ୍କୁ ସମ୍ମାନିତ କରାଯାଉଛି।

ସମାବର୍ତ୍ତନ ଉତ୍ସବରେ ଡ.ସୁରେନ୍ଦ୍ରଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇଁ ମେହେରଙ୍କୁ କଳା ଭାରତୀ ସଂଗ୍ରହାଳୟ, ବରପାଲି ତଥା ବହୁ ଅନୁଷ୍ଠାନ ଏବଂ ବୁଣାକାରମାନେ ଅଭିନନ୍ଦନ ଜଣାଇଛନ୍ତି ।

## ଟ୍ରାଫିକ୍ ନିୟମ ମାନିଲେ ଗୋଲାପ ଉପହାର

**ବରଗଡ଼,୧୮।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଥାନାରୁ ବାହାରି ଏସ୍‌ପି ଅଫିସ ଛକ ଦେଇ ଗାନ୍ଧୀଛକରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କ ସମେତ ପୋଲିସ କର୍ମଚାରୀ, ସରକାରୀ ବାଳିକା ହାଇସ୍କୁଲ, ଜର୍ଜ ହାଇସ୍କୁଲର ଛାତ୍ରୀଛାତ୍ର ସାମିଲ ଥିଲେ। ଶୋଭାଯାତ୍ରା ଯିବା ବାଟରେ ଟ୍ରାଫିକ ନିୟମ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ବାଇକ୍ ଚଲାଇବାବେଳେ ହେଲମେଟ୍ ପିନ୍ଧିବା, ବାଇକ୍‌ରେ ୩ଜଣ ନ ବସିବା, ଗାଡ଼ି ଚଲାଇବା ସମୟରେ ମୋବାଇଲରେ କଥା ନ ହେବା, ଟ୍ରାଫିକ୍ ନିୟମାବଳୀ ମାନିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି ଯେଉଁମାନେ ଟ୍ରାଫିକ ନିୟମ ମାନି ଗାଡ଼ି ଚଲାଉଥିଲେ, ସେମାନଙ୍କୁ ଗୋଲାପ ଉପହାର ଦିଆଯାଇଥିଲା।

## ଆର୍ଦ୍ରଭୂମିର ସୁରକ୍ଷା, ସଂରକ୍ଷଣ ପାଇଁ ସଚେତନତା

**ବରଗଡ଼,୧୮।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ଦ୍ରଭୂମିର ସୁରକ୍ଷା ଓ ସଂରକ୍ଷଣ ପାଇଁ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଆର୍ଦ୍ର ପରିସଂସ୍ଥାର ସୁରକ୍ଷା ଏବଂ ସଂରକ୍ଷଣ କରିବା ପାଇଁ କାର୍ଯ୍ୟ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଆର୍ଦ୍ରଭୂମି ଏବଂ ପରିସଂସ୍ଥା ସଂରକ୍ଷଣ ଦିଗରେ ଯତ୍ନଶୀଳ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।




ଆର୍ଦ୍ରଭୂମି ସଂରକ୍ଷଣ ନେଇ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

ଇକୋ କ୍ଲବ ମାଷ୍ଟର ଟ୍ରେନର ଖମାରୀ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଭାରତର ବିଭିନ୍ନ ସ୍ଥାନରେ ଅବସ୍ଥିତ ଆର୍ଦ୍ରଭୂମି ସମ୍ପର୍କୀତ ସୂଚନା

**ଆର୍ଦ୍ରଭୂମି ସଂରକ୍ଷଣକୁ ଗୁରୁତ୍ୱ**

ପ୍ରଦାନ କରିବା ସହିତ ଆର୍ଦ୍ରଭୂମି ସଂରକ୍ଷଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ଧାରଣା ପ୍ରଦାନ କରିଥିଲେ। ଏକ ଆର୍ଦ୍ରଭୂମି ମିତ୍ରଭାବେ ଆର୍ଦ୍ରଭୂମି ସଂରକ୍ଷଣ ନିମିତ୍ତ ସଦାସର୍ବଦା ଯତ୍ନଶୀଳ ହେବା ପାଇଁ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ମାନକ କ୍ଲବ, ବିଜ୍ଞାନ କ୍ଲବର ଛାତ୍ରୀଛାତ୍ରମାନେ ଶପଥ ପାଠ କରିଥିଲେ। ଆର୍ଦ୍ରଭୂମି ସୁରକ୍ଷା ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ

ରାଉରକେଲା,୧୮।୨(ଦିନେଶ ମିଶ୍ର): ରାଉରକେଲା ମ୍ୟୁନସିପାଲ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ଛାତ୍ରୀମାନଙ୍କୁ ନେଇ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସନାତନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିର ପ୍ରତିଦିନ ସକାଳ ୮ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଦୁଇଟା ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏହି ଶିବିରକୁ ୫ ଜଣ ମାଷ୍ଟର ଟ୍ରେନର ପରିଚାଳନା କରିବା ସହ ବାଳିକାମାନଙ୍କୁ ଆତ୍ମରକ୍ଷାର ସମସ୍ତ କୌଶଳ ପ୍ରଦାନ କରିବେ। ନିକ୍କୀ କୁମାରୀ କୁଶ୍ୱାହା, ଗାୟତ୍ରୀ ସାହୁ, ତୁଳସୀ ସାହୁ, ଅସମାନୀ ମିଞ୍ଜ, ସ୍ୱାଗତିକା ସାହୁ ମାଷ୍ଟର ଟ୍ରେନର ଭାବେ ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମହାବିଦ୍ୟାଳୟ ପକ୍ଷରୁ କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ ଓ ବୈଦେହୀ ମାଝୀ ଶିବିର ପରିଚାଳନା କରୁଛନ୍ତି। ଏହି ଶିବିର ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କଲେଜ ପରିସରରେ ଚାଲିବ ବୋଲି କ୍ୟାପଟେନ ରାଉତ ସୂଚନା ପ୍ରଦାନ କରିଛନ୍ତି।

### ଶ୍ରୀଭେଙ୍କଟେଶ୍ୱର ସ୍ୱାମୀ ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ ସମ୍ପନ୍ନ

ରାଉରକେଲା,୧୮।୨(ଦିନେଶ ମିଶ୍ର): ରାଉରକେଲା ପ୍ରଧାନପାଲ୍ଲୀ ଅଞ୍ଚଳରେ ଥିବା ଶ୍ରୀ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ବାଲାଜୀ ମନ୍ଦିରର ପଞ୍ଚଦିବସୀୟ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଗତ ୧୨ରୁ ଉତ୍ସବ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ପ୍ରଭାତରେ ଅଷ୍ଟୋତ୍ତର ସତ୍ୟ ଜଳାଭିଷେକ କରାଯାଇଥିଲା। ଏଥିସହ ଭଗବାନ ଭେଙ୍କଟେଶ୍ୱର ସ୍ୱାମୀ ଓ ଶ୍ରୀଭୂଦେବୀଙ୍କୁ ପୁଷ୍ପମାଲ୍ୟରେ ସଜ୍ଜିତ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ୧୩ ତାରିଖରେ ସୁଦର୍ଶନ ହୋମଯଜ୍ଞ ହୋଇଥିଲା। ୧୪ ତାରିଖରେ ମାତା ଲକ୍ଷ୍ମୀଙ୍କୁ ସ୍ୱର୍ଣ୍ଣପୁଷ୍ପ ଅର୍ଚ୍ଚନା କରାଯାଇଥିଲା। ଶେଷରେ ସୁଦର୍ଶନ ହୋମଯଜ୍ଞର ସମାପନ ଓ ପୂର୍ଣ୍ଣାହୂତି ଦିଆଯାଇଥିଲା। ମନ୍ଦିର କମିଟି ପକ୍ଷରୁ ସୁନ୍ଦରାକାଣ୍ଡ ପାଠ ସହ ବାଲାଜୀଙ୍କ ସାମୂହିକ ସ୍ତୁତି ପାଠ କରାଯାଇଥିଲା।

# ଭଙ୍ଗାଗଲା ପାଚେରି, ଛାତ୍ରୀଛାତ୍ର ଅସୁରକ୍ଷିତ

**ରାଉରକେଲା-ଝାରସୁଗୁଡ଼ା ୩ୟ ରେଳ ଲାଇନ୍ ନିର୍ମାଣ**

ରାଉରକେଲା,୧୮।୨(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳବାଇର ଚକ୍ରଧରପୁର ମଣ୍ଡଳ ଅଧୀନରେ ରାଉରକେଲା ଏବଂ ଝାରସୁଗୁଡ଼ା ୩ୟ ରେଳ ଲାଇନ୍ ନିର୍ମାଣ କରାଯାଉଛି। ଉକ୍ତ ରୁଟ୍ ପାର୍ଶ୍ୱରେ ୨୦ରୁ ଉର୍ଦ୍ଧ୍ୱ ବସ୍ତି ଓ କଲ୍ୟାଣୀଦେବୀ ସ୍କୁଲ ମଧ ରହିଛି। କିଛିଦିନ ତଳେ ୩ୟ ଲାଇନ୍ ନିର୍ମାଣ ପାଇଁ ସ୍କୁଲ ପାଚେରିକୁ ଭାଙ୍ଗି ଦିଆଯାଇଛି। ଫଳରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଥିବା ବେଳେ ରେଳବାଇ କର୍ତ୍ତୃପକ୍ଷ ଏଠାରେ ନୂତନ ପାଚେରି ନିର୍ମାଣ କରିବାକୁ ଭରସା ଦେଇଛନ୍ତି।



ରେଳ ଲାଇନ କଡ଼ରେ ଥିବା ସ୍କୁଲ ପାଚେରିକୁ ଭଙ୍ଗାଯାଇଛି।

ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ତେଲୁଗୁପଡ଼ା, ନେହରୁପାଲୀଏଫ୍‌ସିଆଇ, ମାଲଗୋଦାମ, ବରଫ ଫ୍ୟାକ୍ଟ୍ରି, ମଧୁସୂଦନପାଲୀ, ଦୁର୍ଗାପୁର, ଗୋପବନ୍ଧୁପାଲୀ, ରାଜୀବ ବସ୍ତି, ଇନ୍ଦିରାନଗର, ରିମ୍‌ଝିମ୍ ବସ୍ତି ସମେତ ୨୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ବସ୍ତିର ପ୍ରାୟ ଏକ ହଜାରେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ସ୍କୁଲରେ ଶିକ୍ଷା ଗ୍ରହଣ କରୁଛନ୍ତି। ଆରଏମ୍‌ସି ୱାର୍ଡ ନଂ. ୨୭ରେ ଥିବା ଉକ୍ତ ସ୍କୁଲ ୮୦ଦଶକରେ ନିର୍ମିତ ହୋଇଥିଲା। ଉକ୍ତ ସ୍କୁଲ ପାଚେରିର କିଛି ଦୂରରେ ରେଳଲାଇନ୍ ଥିଲା। ଝାରସୁଗୁଡ଼ା ଓ ରାଉରକେଲା ନୂତନ ୩ୟ ରେଳ ଲାଇନ୍ ନିର୍ମାଣ ଆରମ୍ଭ ହେବା ପରେ ସ୍କୁଲର ପାଚେରିକୁ ଭଙ୍ଗାଯାଇଥିଲା। ଫଳରେ ପ୍ରତ୍ୟେକ ଦିନ ହଜାର ହଜାର ଛାତ୍ରୀଛାତ୍ର ବିପଦସଙ୍କୁଳ ରାସ୍ତାରେ ସ୍କୁଲ ଆସିବାକୁ ବାଧ ହେଉଛନ୍ତି। ରେଳଲାଇନ୍ ଏବଂ ସ୍କୁଲର ଭଙ୍ଗା ପାଚେରି ମଧରେ ବିରାଟ ଗର୍ତ୍ତ ରହିଛି। ଏଥିରେ ଛାତ୍ରୀଛାତ୍ରମାନେ ପଡ଼ିଯିବା ଆଶଙ୍କା ରହିଛି। କଲ୍ୟାଣୀଦେବୀ ସ୍କୁଲ ବ୍ୟତୀତ ଆଖପାଖରେ ଥିବା ଆଉ ୨ଟି ସ୍କୁଲର ଛାତ୍ରୀଛାତ୍ରମାନେ ମଧ ଏହି ରାସ୍ତାରେ ଯାଆସ କରିଥାନ୍ତି। ପୂର୍ବରୁ ରେଳଲାଇନ୍ ଏବଂ ସ୍କୁଲ ମଧରେ ପାଚେରି ଥିଲା। ତେବେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳବାଇ କାର୍ଯ୍ୟାନୁଷ୍ଠାନ ନେବା କଥା ବୋଲି ସ୍ଥାନୀୟ ବାସିନ୍ଦା ରାମ ମେହେର କହିଛନ୍ତି। ସେହିପରି ଜଣେ ଅଭିଭାବକ ସାବିତ୍ରୀ ଯାଦବ କହିଛନ୍ତି, ରେଳଲାଇନ୍ ନିକଟରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏଠାରେ ଯଥାଶୀଘ୍ର ପୁନଃନିର୍ମାଣ ହେବା ଉଚିତ। ସ୍ଥାନୀୟ ବ୍ୟବସାୟୀ କୁଶଳ ଶର୍ମାଙ୍କ କହିବା ଅନୁସାରେ, ଶୁଖିଲା ପାଗରେ ଏଠାରେ ବିପଦ କିଛି କମ୍ ରହିଛି। ବର୍ଷାମାସରେ ଏହା ଅଧିକ ବିପଦସଙ୍କୁଳ ହୋଇପଡୁଛି ବୋଲି ଶର୍ମା କହିଥିଲେ। ଅନୁରୂପ ଭାବେ ପାଚେରି ଯଥାଶୀଘ୍ର ନିର୍ମାଣ ହେବା ଦରକାର ବୋଲି ସମାଜସେବୀ ବ୍ରିଜେଶ ମହତୋ ମତ ଦେଇଛନ୍ତି। ଏ ସମ୍ପର୍କରେ ରେଳବାଇର ଆଇଓଡବ୍ଲ୍ୟୁ ତୁହୀନ ଶେଖର ଶତପଥୀଙ୍କୁ ପଚରାଯିବାରୁ ଯଥାଶୀଘ୍ର ଏହି ପାଚେରି ନିର୍ମାଣ ହେବ। ଏହାର ପ୍ରସ୍ତାବ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟକୁ ପଠାସରିଛି ବୋଲି ସେ କହିଥିଲେ।

# ବଧୂହତ୍ୟା ଅଭିଯୋଗରେ ସ୍ୱାମୀ, ଶାଶୁ ଗିରଫ

ବନ୍ଧମୁଣ୍ଡା, ୧୮।୨(ସୁବ୍ରତ ଦେ)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଧୀନ ଭାଲୁଲତା ପଞ୍ଚାୟତର କପରଣ୍ଡା ଗାଁରେ ଜଣେ ନବ ବିବାହିତା ମହିଳାଙ୍କୁ ନିଆଁରେ ପୋଡ଼ି ହତ୍ୟା କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୃତା ମହିଳାଙ୍କ ସ୍ୱାମୀ ହୃଦୟାନନ୍ଦ ମାହାତୋ(୩୨) ଏବଂ ଶାଶୁ ବୈଜୟନ୍ତୀ ମାହାତୋ(୫୨)। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ରାଉରକେଲା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରିଛି।

ମିଳିଥିବା ସୂଚନା ଅନୁସାରେ, ୨୦୨୨ରେ ବିଶ୍ରା ଥାନା କପରଣ୍ଡା ଅଞ୍ଚଳର ବ୍ୟବସାୟୀ ହୃଦାନନ୍ଦ ମହତୋ ଓ ଜ୍ୟୋତିଙ୍କ ମଧ୍ୟରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ଶ୍ୱଶୁର ଘର ଲୋକେ ବାଇକ୍ ଓ ଅନ୍ୟ ସାମଗ୍ରୀ ଆଣିବାକୁ ଜ୍ୟୋତିଙ୍କ ଉପରେ ଚାପ ପକାଇଥିଲେ। ଜ୍ୟୋତି ରାଜଗାଙ୍ଗପୁରର ଏକ କଲେଜରେ ଗ୍ରାଜୁଏଶନ ପାଠ ମଧ ପଢୁଥିଲେ। ଗତ ଶୁକ୍ରବାର ଜ୍ୟୋତି ତାଙ୍କ ବାପ ଘରେ ଥିବାବେଳେ ହୃଦାନନ୍ଦ ତାଙ୍କୁ ବିଶ୍ରାସ୍ଥିତ ନିଜ ଘରକୁ ନେଇଆସିଥିଲେ। ରବିବାର ସକାଳେ ଜ୍ୟୋତି ଗ୍ୟାସ୍‌ରେ ରୋଷେଇ କରୁଥିବାବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ସେ ପ୍ରାୟ ୬୦ପ୍ରତିଶତ ପୋଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋମବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ରେଳବାଇ କର୍ମୀଙ୍କୁ ଚାକୁମାଡ଼

ବନ୍ଧମୁଣ୍ଡା,୧୮।୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ରେଳବାଇ ଆଇଓଡବ୍ଲ୍ୟୁ-୧ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୫ଟା ସମୟରେ ଜଣେ ରେଳବାଇ କର୍ମୀଙ୍କୁ ମଙ୍ଗଳବାର ଚାକୁମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ରେଳବାଇ କର୍ମୀ ଜଣଙ୍କ ଆହତ ହେଇଛନ୍ତି। ତାଙ୍କୁ ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ବନ୍ଧମୁଣ୍ଡା ଆଇଓଡବ୍ଲ୍ୟୁ କାର୍ଯ୍ୟାଳୟର କିରାଣି ଦୀପକ ଉଜ୍ଜ୍ୱଳ କାର୍ଯ୍ୟାଳୟରେ କାମ କରୁଥିଲେ। ଏହି ସମୟରେ ଟେଣ୍ଡରରେ ଚାଲିଥିବା ଏକ ଘରୋଇ ଗାଡ଼ି ଚାଳକ ହଠାତ କାର୍ଯ୍ୟାଳୟ ଭିତରେ ପଶିଯାଇ କୌଣସି କଥାକୁ ନେଇ ଦୀପକଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଗୋଟିଏ ଚାକୁ ଯୋଗେ ଦୀପକଙ୍କୁ ଆକ୍ରମଣ କରିଥିଲେ। ସୂଚନା ପାଇ ବନ୍ଧମୁଣ୍ଡା ପୋଲିସ ରେଳବାଇ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଛି। ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୮ଟା) ଥାନାରେ ଏ ନେଇ କୌଣସି ମାମଲା ରୁଜୁ ହେଇନାହିଁ।

# ଚୁଟିଆଟୋଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୁଆଁରମୁଣ୍ଡା,୧୮।୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ଚୁଟିଆଟୋଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି, ବିଇଓ ସଦାନନ୍ଦ ପଧାନ ମୁଖ୍ୟ ବକ୍ତା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ତପସ୍ୱିନୀ ମହାନନ୍ଦିଆ, ପଦମପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ଚୁରିଆଟୋଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ପଟେଲ, ସ୍କୁଲକୁ ଭୂମିଦାନ କରିଥିବା ସ୍ଥାନୀୟ ବାସିନ୍ଦା ଦଶରଥ କିଶାନ, ଏସ୍‌ଏମ୍‌ସି ସଭାପତି ଉତ୍ତମ କିଷାନ, ସିଆର୍‌ସିସି ଡମ୍ବରୁ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ବେଳେ ସହକାରୀ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।




ସମ୍ମିଳନୀରେ ଯୋଗ ଦେଇଥିବା ସଦସ୍ୟ।

# ଓଷ୍ଟାର ବ୍ଲକସ୍ତରୀୟ ସମ୍ମିଳନୀ

ରାଉରକେଲା,୧୮।୨(ସଙ୍ଗୀତା ଜେନା)

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ବିଶ୍ରା ବ୍ଲକ ପକ୍ଷରୁ ବ୍ଲକସ୍ତରୀୟ ସମ୍ମିଳନୀ ବାବା ସିଦ୍ଧେଶ୍ୱର ହାଇସ୍କୁଲ ପ୍ରାଙ୍ଗଣରେ ମଙ୍ଗଳବାର ଅପରାହ୍ଣ ସାଢ଼େ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଭାପତି ମଙ୍ଗଲୁ ମହାନ୍ତ ଓ ସମ୍ପାଦକ ହୃଷୀକେଶ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ବିଶ୍ରା ବ୍ଲକର ପ୍ରଗତି ବିଶ୍ରା ହାଇସ୍କୁଲ, ଡୁମେର୍ତ୍ତା ହାଇସ୍କୁଲ, ସାରୁବାହାଲ ପାଡ଼ା ହାଇସ୍କୁଲ, ସୁକୁଡ଼ା ହାଇସ୍କୁଲ, ନବଭାରତ ହାଇସ୍କୁଲ, ବାବା ସିଦ୍ଧେଶ୍ୱର ହାଇସ୍କୁଲରୁ ନିରଞ୍ଜନ ଖୁଣ୍ଟିଆ, ବୈକୁଣ୍ଠ ମୋହନ ସାହୁ, ମନ ମହାନ୍ତ, ଝସକେତନ ମହାନ୍ତ, ଚିତ୍ତରଞ୍ଜନ ପୃଷେଠଙ୍କ ସମେତ୨୫ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପେନସନ୍, ୧୪୪ ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପାଇଁ ଆସନ୍ତା ମାର୍ଚ୍ଚ ୨ ଓ ୭ ତାରିଖରେ ଜିଲା ଓ ରାଜ୍ୟ ସ୍ତରରେ ହେବାକୁ ଥିବା ଆନ୍ଦୋଳନ ନେଇ ଆଲୋଚନା ହୋଇଥିଲା।

# ରାଉରକେଲାକୁ ଜିଲା ଘୋଷଣା ପାଇଁ ଦାବି

ରାଉରକେଲା, ୧୮।୨(ସଙ୍ଗୀତା ଜେନା)

ରାଉରକେଲାକୁ ହେରିଟେଜ୍ ସିଟି ବେଦବ୍ୟାସ ସହିତ ଜିଲା ଘୋଷଣା କରିବା ପାଇଁ ଦାବି ହୋଇଛି। ଏହି ମର୍ମରେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ସମେତ ଅନ୍ୟମାନେ ମଙ୍ଗଳବାର ପତ୍ର ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି, ବେଦବ୍ୟାସ ପଶ୍ଚିମ ଓଡ଼ିଶା ସମେତ ଅନ୍ୟ ରାଜ୍ୟମାନଙ୍କରେ ପ୍ରସିଦ୍ଧି ଲାଭ କରିଛି। ଏଠାରେ କୋଏଲ, ଶଙ୍ଖ, ସରସ୍ୱତୀର ପବିତ୍ର ସଙ୍ଗମସ୍ଥଳୀ ସୃଷ୍ଟି ହୋଇଛି। ଏଠାରେ ପ୍ରସିଦ୍ଧ ଶୈବପୀଠ ସହ ବ୍ୟାସଦେବଙ୍କ ଗୁମ୍ଫା ରହିଛି। ଏହି ମନ୍ଦିର ମଧ୍ୟରେ ଅନେକ ପ୍ରଚୀନ ମନ୍ଦିର ମଧ ରହିଛି। ପ୍ରତ୍ୟେକ ବର୍ଷ ଶିବରାତ୍ରି ମେଳାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ ଏକ ପୃଥକ ଜିଲା ଘୋଷଣା କରାଗଲେ ଇତିହାସ ସଂରକ୍ଷିତ ହୋଇପାରିବ। ପର୍ଯ୍ୟଟନସ୍ଥଳୀ ହୋଇଥିବା ଯୋଗୁ ଏହାକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ମିଳିବା ଉଚିତ। ଏହାଦ୍ୱାରା ରୋଜଗାର ସୃଷ୍ଟି ହେବା ସହ ଅର୍ଥନୈତିକ ଅବସର ବୃଦ୍ଧି ପାଇବ। ଯାହାକି ଅଞ୍ଚଳର ବିକାଶ ଦିଗରେ ସହାୟକ ହେବ। ସ୍ଥାନୀୟ ବାସିନ୍ଦାଙ୍କୁ ସରକାରୀ ସେବା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ସୁବିଧା ମିଳିବ। ଏକ ଭିନ୍ନ ଜିଲା ସ୍ଥାନୀୟ ପ୍ରତିନିଧିତ୍ୱ ପାଇଁ ସୁଯୋଗ ପ୍ରଦାନ କରିବ। ଯୋଗାକେନ୍ଦ୍ର, ବୈଦିକ ମ୍ୟୁଜିୟମ୍, ବୈଦିକ ଲାଇବ୍ରେରୀ ଓ ସଂସ୍କୃତ ଷ୍ଟଡି ସେଣ୍ଟର, ଗୁରୁକୁଳ ପୁନଃବିକାଶ, ଔଷଧୀୟ ବୃକ୍ଷ ଓ ବୃକ୍ଷରୋପଣ, ପର୍ଯ୍ୟଟକଙ୍କ ପାଇଁ ଗେଷ୍ଟହାଉସ, ନିରାମିଷ ଭୋଜନାଳୟ, ସନ୍ଧ୍ୟା ଆରତୀ (ଗଙ୍ଗା ଆରତୀ), ବୈଦିକ ଅଡିଟୋରିୟମ୍, ବେଦବ୍ୟାସ ମନ୍ଦିର ଓ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, ତ୍ରିବେଣୀ ସଙ୍ଗମର ସୌନ୍ଦର୍ଯ୍ୟକରଣ, ସତ୍‌ସଙ୍ଗ କେନ୍ଦ୍ର, ଲାଇଟ୍ ଶୋ, ପାର୍କିଂ ସୁବିଧା, ବୃଦ୍ଧାଶ୍ରମ, ମଠ ଓ ଆଶ୍ରମ ଆଦି ନିର୍ମାଣ ଦ୍ୱାରା ଅଞ୍ଚଳର ବିକାଶ କରାଯାଇପାରିବ। ସେହିପରି କୁମ୍ଭମେଳା ଏବଂ ବେଦବ୍ୟାସ ମଧ୍ୟରେ ଅନେକ ସମାନତା ରହିଆସିଛି। ତେଣୁ ଉତ୍ତରପ୍ରଦେଶ କୁମ୍ଭ ପରି ବେଦବ୍ୟାସକୁ ଗୁରୁତ୍ୱ ଦିଆଯାଉ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# କ୍ରିକେଟ : ଡେଞ୍ଜର ଇଲେଭେନ ବିଜୟୀ

ରାଉରକେଲା,୧୮।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର୍ସ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ସୌମ୍ୟଜିତ ମେମୋରିଆଲ ଟି-୧୨ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୪ର୍ଥ ଦିବସରେ ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ମା' ତାରିଣୀ ଇଲେଭେନ ଓ ଡେଞ୍ଜର ଇଲେଭେନ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମା' ତାରିଣୀ କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ମହ୍ଲ ୨୪ ବଲ ଖେଳି ସର୍ବାଧିକ ୩୨ ରନ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଡେଞ୍ଜର ଇଲେଭେନ୍ ୧୦ ଓଭରରେ ୬ ଉଇକେଟ ହରାଇ ୧୦୩ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟାର ନିତେଶ ସାହୁ ଓ ରଘୁନାଥ ଦାସ ମ୍ୟାଚ୍ ପରିଚାଳନା କରିଥିଲେ । ଏହି ମ୍ୟାଚ୍‌ରେ ବୁଗି ମାତ୍ର ୮ଟି ବଲ୍ ଖେଳି ସର୍ବାଧିକ ୨୮ ରନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌ରେ ଶ୍ରୀ ଏକାଡେମୀର ପ୍ରତିଷ୍ଠାତା ସୁରଜ ରାୟ ଓ ସତ୍ୟସାଇ ବିଦ୍ୟାମନ୍ଦିର ଟ୍ରଷ୍ଟି ଭଗବତ ସାହୁ, ତ୍ରିଲୋଚନ ରାଉତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### ଯୁକ୍ତ ୨ ପରୀକ୍ଷା ଆରମ୍ଭ

ରାଉରକେଲା,୧୮।୨(ସଙ୍ଗୀତା ଜେନା): କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ ଆୟୋଜିତ ଯୁକ୍ତ ୨ (ବିଜ୍ଞାନ) ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା (ଏମ୍‌ଆଇଏଲ୍) ପରୀକ୍ଷା ହୋଇଥିଲା। ସକାଳ ସାଢ଼େ ୯ଟାରେ ରିପୋର୍ଟିଂ ସମୟ ଥିବାବେଳେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ସୁଶୀଳାବତୀ ମହିଳା ମହାବିଦ୍ୟାଳୟ, ମ୍ୟୁନିସିପାଲ କଲେଜ, ରାଉରକେଲା ସରକାରୀ କଲେଜ, ଇସ୍ପାତ କଲେଜ, ହୃଷୀକେଶ ରାୟ କଲେଜ, ନୀଳଶୈଳ କଲେଜ, ବିଦ୍ୟାମନ୍ଦିର ସ୍କୁଲ, କଲ୍ୟାଣୀରାୟ, ୟୁଜିଏମ୍, ବନ୍ଧମୁଣ୍ଡା କଲେଜ ସମେତ ଅନ୍ୟ କଲେଜରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ଅଧ୍ୟାପକ ଅଦଳବଦଳ ଶିକ୍ଷା କାର୍ଯ୍ୟକ୍ରମ

ରାଉରକେଲା,୧୮।୨(ଦିନେଶ ମିଶ୍ର)

ରାଉରକେଲା ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସହିତ ଅଧ୍ୟାପକ ଅଦଳବଦଳ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଆଲୋଚନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱାମୀ ବିବେକାନନ୍ଦ ସଭା ଗୃହରେ ଅନୁଷ୍ଠିତ ସଭାରେ ଅଧକ୍ଷ ଡକ୍ଟର ସସ୍ମିତା ସାମଲ ଅଧକ୍ଷତା କରିଥିଲେ। ଏଥିରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡକ୍ଟର ସାକିର ହୁସେନ ଯୋଗଦେଇ ଇତିହାସର ବିଭାଗୀକରଣ, ସମୟାନୁକ୍ରମିକ ସହିତ ବିଭିନ୍ନ ଆନୁସଙ୍ଗିକ ଉପାଦାନ ସମ୍ପର୍କରେ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ। ଡକ୍ଟର ସାମଲ ତାଙ୍କ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରସଙ୍ଗରେ ଉପାଦେୟ ସୂଚନା ପାଇପାରିବେ ବୋଲି ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ବାସନ୍ତୀ କୁଜୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ଡକ୍ଟର ରଞ୍ଜିତା ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପିକା ଅଧ୍ୟାପକ, ବିଭିନ୍ନ ବର୍ଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଇତିହାସର ବିଭାଗୀକରଣ ଓ ଆବଶ୍ୟକତା ଉପରେ ଅବଗତ ହୋଇଥିଲେ। ଶେଷରେ ଅଧ୍ୟାପିକା ଭାନୁମତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

# ମଧ୍ୟାହ୍ନଭୋଜନ ଖାଇ ୨୪ ଛାତ୍ରୀଛାତ୍ର ଅସୁସ୍ଥ

ରାଉରକେଲା,୧୮।୨(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଉଡ଼୍‌ସୁ ହାଇସ୍କୁଲରେ ମଙ୍ଗଳବାର ଅପରାହ୍ଣ ୧ଟାରେ ମଧ୍ୟାହ୍ନଭୋଜନ ଖାଇ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସୂଚନା ପାଇ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବିଶ୍ରା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ସନ୍ଧ୍ୟାରେ ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା କୁହାଯାଇଛି।



ବିଶ୍ରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ର।

ମିଳିଥିବା ସୂଚନା ଅନୁଯାୟୀ, ବିଶ୍ରା ଥାନା ଅନ୍ତର୍ଗତ ଉଡ଼୍‌ସୁ ହାଇସ୍କୁଲରେ ମଙ୍ଗଳବାର ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଖାଦ୍ୟ ଦିଆଯାଇଥିଲା। ଖାଦ୍ୟରେ ଭାତ, ଡାଲି ଏବଂ ଆଳୁ ଚଣା ପନିପରିବା ତରକାରୀ ଥିଲା। ଏହାକୁ ଖାଇବା ପରେ ୬ଷ୍ଠ ଶ୍ରେଣୀର ପ୍ରାୟ ୨୪ ଜଣ ଛାତ୍ରୀଛାତ୍ରଙ୍କ ପେଟ ଯନ୍ତ୍ରଣା, ବାନ୍ତି, ଏବଂ ଝାଡା ସମସ୍ୟା ସୃଷ୍ଟି ହୋଇଥିଲା। ଏ ନେଇ ପିଲାମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଶ୍ରା ବିଇଓ ଉକ୍ତ ସ୍କୁଲରେ ପହଞ୍ଚି ପିଲାମାନଙ୍କୁ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ବେହେରା କହିଛନ୍ତି, ମଧ୍ୟାହ୍ନରେ ଏପରି ଅଭିଯୋଗ ଆସିବା ପରେ ତୁରନ୍ତ ପିଲାମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଖାଦ୍ୟ ଓ ପାନୀୟ ଜଳର ନମୂନା ସଂଗ୍ରହ କରାଯାଇଥିଲା। ଏହି ମାମଲାରେ ଏବିଇଓ ଓ ସିଆର୍‌ସିସିଙ୍କୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଓ ପାନୀୟ ଜଳର ନମୁନା ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ ବୋଲି ବେହେରା କହିଥିଲେ।

# ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

ରାଉରକେଲା,୧୮।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ସ୍ୱାରସ୍ୱତ ସମାବେଶ ଅବସରପ୍ରାପ୍ତ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସହରର ଶିକ୍ଷାବିତ୍ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଆମ ସମାଜ ପ୍ରତି ସାହିତ୍ୟର ଅବଦାନ ଓ ସାଂସ୍କୃତିକ ପ୍ରାଣସତ୍ତା ଜାତୀୟତା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ମୁଁ ମୋର ନୁହଁ, ମୁଁ ଏ ମାଟିର, ଏ ଭାରତର, ପ୍ରତି ବ୍ୟକ୍ତି ସମାଜ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଆରଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ. ଗୋପୀନାଥ ପଟ୍ଟନାୟକ ଯୋଗଦେଇ ସାହିତ୍ୟରେ ଭାଷାର ସରଳତା ଉପରେ ମତପ୍ରକାଶ କରିଥିଲେ। ଗାଳ୍ପିକା ପୁଷ୍ପାରାଣୀ ପଟେଲ କାଚ କାନ୍ଥ ଗଳ୍ପ ପଠନ କରିଥିଲେ। ପରେ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବି ତ୍ରିଲୋଚନ ସ୍ୱାଇଁ, ଅଜୟ ମହାନ୍ତି, ସ୍ନେହଲତା ପଟ୍ଟନାୟକ, ସୁନୀଲ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୨ପୁତୁରା, ପୁତୁରା ବୋହୂ ଗିରଫ

**କାକାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ**

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସାନଜିଁଆପାଲି ଗ୍ରାମର ଜଗନ୍ନାଥ ବାଦୀ ଓରଫ ମାକଡଙ୍କୁ ଶନିବାର ମାରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ୨ପୁତୁରା ଓ ପୁତୁରା ବୋହୂଙ୍କୁ ମଙ୍ଗଳବାର ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ମାକଡଙ୍କ ପୁତୁରା ସୁମନ୍ତ ବାଦୀ ଓ ଅତୁଲ୍ୟ ବାଦୀ,ପୁତୁରା ବୋହୂ ମୀରା ବାଦୀ(ସୁମନ୍ତଙ୍କ ସ୍ତ୍ରୀ)। ମାକଡଙ୍କ ସ୍ତ୍ରୀ ପୁଷ୍ପା ବାଦୀଙ୍କ ଏତଲାକ୍ରମେ କୁଚିଣ୍ଡା ଥାନାରେ ଦଫା ୧୨୬(୨)/୧୧୫( )/୧୦୯/୩୫୧(୨)/୩(୫)ବିଏନରେ ଏକ ମାମଲା(ନଂ.୪୬/୨୦୨୫) ମାମଲା ରୁଜୁ ହୋଇଛି। ଗିରଫ ସୁମନ୍ତ ଓ ମୀରାଙ୍କ ଏକ ବର୍ଷର ଶିଶୁ କନ୍ୟା ଅଛି। ତାକୁ ମଧ ସାଙ୍ଗରେ ନେଇ ସେମାନେ ଜେଲ ହାଜତକୁ ଯାଇଛନ୍ତି। ଘରଡିହକୁ ନେଇ ମାକଡଙ୍କ ସହ ତାଙ୍କ ପୁତୁରା ମାନଙ୍କ ମଧରେ ପୂର୍ବରୁ ଝଗଡା ଲାଗି ରହିଥିଲା। ହେଲେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ମାକଡଙ୍କୁ ତାଙ୍କ ପୁତୁରା ସୁମନ୍ତ ବାଦୀ,ସ୍ତ୍ରୀ ମୀରା ବାଦୀ ଓ ଭାଇ ଅତୁଲ୍ୟ ବାଦୀ ମାରଣାନ୍ତକ ଆକ୍ରମଣ କରିଥିଲେ।

# ଆରମ୍ଭ ହେଲା ଯୁକ୍ତ ୨ ପରୀକ୍ଷା

ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)



ପରୀକ୍ଷା ପରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ର ସମ୍ମୁଖରେ ଛାତ୍ରୀମାନେ ପଶ୍ନପତ୍ର ନେଇ ଅଲୋଚନାରତ।

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସମ୍ବଲପୁର ଜିଲାର ୪୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆନୁଷ୍ଠିତ ହେଉଛି। ସମ୍ବଲପୁର ସହରର ଦୁଇ ପରୀକ୍ଷା ପରିଚାଳନା ହବ୍ ସେଣ୍ଟର ଓ ଗୋଟିଏ ଉପକେନ୍ଦ୍ର ମିଶି ମୋଟ ୪ଟି ପରୀକ୍ଷା କେନ୍ଦ୍ରରେ ୧୯୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜିକୃତ ହୋଇଥିଲେ। ହେଲେ ପ୍ରଥମ ଦିନର ପରୀକ୍ଷା ପରେ ମିଳିଥିବା ସୂଚନା ଅନୁସାରେ ୭ଜଣ ଅନୁପସ୍ଥିତ ରହିଥିବାବେଳେ ୧୮୯୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସହରର ଦୁଇଟି ହବ୍ ସେଣ୍ଟର ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯଥାକ୍ରମେ ୬୮୨ ଓ ୫୨୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପକେନ୍ଦ୍ର ଚନ୍ଦ୍ରଶେଖର ଜିଲା ସ୍କୁଲରେ ୪୦୮ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଛନ୍ତି। ତେବେ ଗଙ୍ଗାଧର ମେହେର ଉଚ୍ଚ ମହାବିଦ୍ୟାଳୟ ଓ ଏହାର ଉପକେନ୍ଦ୍ର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ସମସ୍ତ ୬୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମାତ୍ର ସରକାରୀ ମହିଳା ଉଚ୍ଚ

**ସମ୍ବଲପୁର ସହରର ୨ ପରୀକ୍ଷା କେନ୍ଦ୍ରରେ ୭ ପରୀକ୍ଷାର୍ଥୀ ଅନୁପସ୍ଥିତ**

ମାଧ୍ୟମିକ ବିଦ୍ୟାଳୟରେ ୩ଜଣ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ମିଶି ୪ଜଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ ୨ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ମିଶି ମୋଟ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।

ପ୍ରଥମ ଦିନ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କ ମାତୃଭାଷା(ଓଡ଼ିଆ) ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ବୁଧବାର କଳା ଓ ବାଣିଜ୍ୟ ବିଭାଗର ମାତୃଭାଷା(ଓଡ଼ିଆ) ବିଷୟରେ ପରୀକ୍ଷା ହେବ। ତେବେ ପ୍ରଥମ ଦିନ ହବ୍ ସେଣ୍ଟରଗୁଡ଼ିକରୁ ପ୍ରଶ୍ନପତ୍ର ଯାଇ ସକାଳ ୮ଟା ୩୦ ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୯ଟା ୩୦ରେ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ପରୀକ୍ଷାର୍ଥୀଙ୍କୁ ୯ଟା ୪୫ରେ ଉତ୍ତର ଖାତା ଓ ପରୀକ୍ଷା ଆରମ୍ଭର ୫ ମିନିଟ୍ ପୂର୍ବରୁ ଅର୍ଥାତ ୯ଟା ୫୫ରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ପ୍ରଶ୍ନପତ୍ର ଭାଇରାଲ ରୋକିବା ଦିଗରେ ଉଭୟ ଶିକ୍ଷା ବିଭାଗ ଜିଲା ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଆପଣା ଯାଇଥିଲା। କୌଣସି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ହଲ୍ ମଧକୁ ମୋବାଇଲ୍ ଫୋନ ଓ ସ୍ମାର୍ଟ ଘଣ୍ଟା ସହିତ କୌଣସି ବୈଦ୍ୟୁତିକ ସାମଗ୍ରୀ ନେବା ଉପରେ କଟକଣା ଜାରି କରାଯାଇଥିଲା। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ଜିଲାସ୍ତରୀୟ ଅବଜରଭର ମଧ ହବ୍ ସେଣ୍ଟର ଗୁଡ଼ିକରେ ପଶ୍ନପତ୍ର ଖୋଲିବା ସମୟ ପୂର୍ବରୁ ଯାଇ ପହଞ୍ଚି ସାରିଥିଲେ। ସେହିପରି କେନ୍ଦ୍ର ଅଧିକ୍ଷକମାନେ ମଧ ଯଥା ସମୟରେ ପରୀକ୍ଷା ଆରମ୍ଭ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। କେନ୍ଦ୍ର ଓ ଜୋନାଲ ସ୍କାଡ ମଧ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ଜୟପ୍ରକାଶଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ପୁରସ୍କାର

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବରିଷ୍ଠ ମୁଖ୍ୟ ବୈଷୟିକ ସହାୟକ ଜୟପ୍ରକାଶ ମୁଣ୍ଡା ଭୁବନେଶ୍ୱରରେ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମାବେଶରେ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରାଣୀ ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ତଥା କମିଶନର ସୁରେଶ କୁମାର ବଶିଷ୍ଠଙ୍କ ସ୍ୱାକ୍ଷରରେ ମାନପତ୍ର ସହ ମୋମେଣ୍ଟ ପ୍ରଦାନ କରାଯାଇଛି। କୁଚିଣ୍ଡା ବ୍ଲକରେ ମତ୍ସ ଚାଷ ପାଇଁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ଭାବେ ଚାଷୀଙ୍କୁ ବୈଷୟିକ ପରାମର୍ଶ ଦେଇ ସଫଳ ସୋପାନରେ ପହଞ୍ଚାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଛଡା ସରକାରଙ୍କ ଯୋଜନାକୁ ଠିକ୍ ଭାବେ ସଫଳତାର ସହ ଲୋକଙ୍କ ପାଖକୁ ପହଞ୍ଚାଇଛନ୍ତି। ତାଙ୍କର ସେବା ଓ ଟାର୍ଗେଟ ପୂରଣରେ ଏକ ନମ୍ବର ହୋଇଥିବାରୁ ସେ ଆଜି ରାଜ୍ୟସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇ ଜିଲା ଓ କୁଚିଣ୍ଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି। କୁଚିଣ୍ଡା ବ୍ଲକର ସରକାରୀ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୬ଜଣ ସଭ୍ୟା ଏବଂ ନିଜସ୍ୱ ପୋଖରୀରେ ମାଛ ଚାଷ କରିଥିବା ୭ଜଣ ପୁରୁଷ ଚାଷୀ ଏହି ରାଜ୍ୟ ସ୍ତରୀୟ ସମାବେଶରେ ସାମିଲ ହୋଇଥିଲେ। ଗତ ୧୬ତାରିଖରେ ମୁଣ୍ଡାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ସେ କୁଚିଣ୍ଡାକୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।




ରାଜ୍ୟସ୍ତରୀୟ ସମାବେଶରେ ଜୟପ୍ରକାଶ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ସମ୍ବଲପୁର,୧୮।୨(ଭବାନୀ ଶଙ୍କର ଭୋଇ)

**କାର୍ଯ୍ୟରତ ଖବରଦାତାଙ୍କ ପାଇଁ ବ୍ୟବସ୍ଥା କର**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସ୍ୱାର୍ଥ ରକ୍ଷା ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ) ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଦ୍ୟ ବିଧାନସଭାରେ ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟରେ ଖବରଦାତାଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଇତିମଧ୍ୟରେ ଦେଶରେ ୧୮ଟି ରାଜ୍ୟର ସରକାର ଖବରଦାତାଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ କରିଥିବାବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ହୋଇଛି । ଖବରଦାତାଙ୍କ ମୌଳିକ ଦାବି ପେନସନ, ସୁରକ୍ଷା ଆଇନ ଓ ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ପୁନର୍ବିଚାର କରିବାକୁ ସରକାରଙ୍କ ନିକଟରେ ଓୟୁଜେ ଦାବି ଉଠାଇଛି । ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଦାବି ସଂକ୍ରାନ୍ତରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ନଚେତ ଖବରଦାତାମାନଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଓୟୁଜେ ରାସ୍ତାକୁ ଓହ୍ଲାଇବାକୁ ବାଧହେବ ବୋଲି ଚେତାବନୀ ଦେଇଛି । ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନକ୍ରମେ ସମ୍ବଲପୁର ଜିଲା ଶାଖା ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଓୟୁଜେ ରାଜ୍ୟ କୋଷାଧକ୍ଷ ଅମୂଲ୍ୟ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ, କୋଷାଧକ୍ଷ ହେମନ୍ତ ରାଉତ, ସଙ୍ଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ବରିଷ୍ଠ ସଦସ୍ୟ ହରିହର ନାଥ, ଦୁର୍ଗାଶଙ୍କର ବାଘ, ଜୟନ୍ତ ଖଡିରତ୍ନ, ପ୍ରସନ୍ନ ପ୍ରଧାନ, ମନୋଜ ମୁଦୁଲି, ସରୋଜ ସାହୁ, ହିମାଂଶୁ ଦାଶ, ଦେବେନ୍ଦ୍ର ମିଶ୍ର, ମନୀଷ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନୋଜ ମହାପାତ୍ର ରେଢ଼ାଖୋଲ ବିଧାୟକଙ୍କ ମାନେଶ୍ୱର ବ୍ଲକ ପ୍ରତିନିଧି

ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)



ମନୋଜ ମହାପାତ୍ର

ରେଢ଼ାଖୋଲ ବିଧାୟକ ତଥା ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମାନେଶ୍ୱର ବ୍ଲକ ପ୍ରତିନିଧିଭାବେ ବରିଷ୍ଠ ବିଜେଡି ନେତା ମନୋଜ ମହାପାତ୍ରଙ୍କୁ ମନୋନୀତ କରିଛନ୍ତି । ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅଧିନରେ ମାନେଶ୍ୱର ବ୍ଲକ ରହିଛି। ସେ ଏନେଇ ମାନେଶ୍ୱର ବିଡିଓ ଚିତ୍ତରଞ୍ଜନ ମଲ୍ଲିକଙ୍କୁ ପତ୍ର ଓ ଫୋନ ମାଧ୍ୟମରେ ଏ ନେଇ ଅବଗତ କରିଛନ୍ତି। ପ୍ରତିନିଧିଭାବେ ମନୋନୀତ ହୋଇଥିବାରୁ ମହାପାତ୍ର ବିରୋଧୀ ଦଳ ଉପନେତା ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଦାୟିତ୍ୱକୁ ସେ ସୁଚାରୁରୂପେ ନିର୍ବାହ କରିବେ ବୋଲି କହିଛନ୍ତି।

# ଟାଇବ୍ରେକରରେ ନୂଆପଡ଼ା ବିଜୟୀ



ଆୟୋଜକ, ଅତିଥିଙ୍କ ସହ ନୂଆପଡା ଏବଂ ବଲାଙ୍ଗୀର ଜିଲାର ଖେଳାଳିମାନେ।

ସମ୍ବଲପୁର,୧୮।୨(ଭବାନୀ ଶଙ୍କର ଭୋଇ)

**ବିଜୟ ବାହାଦୁର ସିଂହ-ଭୀମସେନ ଛତର ସ୍ମାରକୀ ଫୁଟ୍‌ବଲ**

ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ-ଭୀମସେନ ଛତର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାରେ ମଙ୍ଗଳବାର ନୂଆପଡା ଏବଂ ବଲାଙ୍ଗୀର ଜିଲା ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୪-୪ ଗୋଲରେ ବରାବର ରହିଥିଲା। ଏହାପରେ ଟାଇବ୍ରେକରରେ ନୂଆପଡା ଜିଲା ୪-୩ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଥିଲା। ଏହି ଅବସରରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂଆପଡା ଜିଲା ସାଧାରଣ ସମ୍ପାଦକ ତଥା ଜାତୀୟ କ୍ରିକେଟ ଦଳର ଆଞ୍ଚଳିକ ମ୍ୟାନେଜର ସରୋଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂଘର ଯୁଗଳ ପ୍ରସାଦ ସିଂହ ଏବଂ ନାରାୟଣ ପଣ୍ଡା ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂଘ ସଭାପତି ଗୋକୁଳ ଦର୍ଜି ଏବଂ ସମ୍ପାଦକ ସଦାଶିବ ପୁରୋହିତ ପ୍ରତିଯୋଗିତା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୁଧବାର କୋରାପୁଟ ଏବଂ ସୁବର୍ଣ୍ଣପୁର ଜିଲା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ତଳିଛକରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବିହାର ପାଟନା ଜିଲାର କମଲେଶ କୁମାର(୪୩)। ସେ ସମ୍ବଲପୁରରେ ଏକ ଟାୱାର ନିର୍ମାଣକାରୀ ସଂସ୍ଥାର ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କମଲେଶ କୌଣସି କାମରେ ଅଇଁଠାପାଲି ଦେଇ ଫେରୁଥିବା ବେଳେ ପଛପଟୁ ଏକ ଟ୍ରକ୍(ଓଡି-୧୫-ବି-୮୯୧୮) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଅଇଁଠାପାଲି ଥାନା ପୋଲିସ କମଲେଶଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ମାତ୍ର ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୋଲିସ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। କମଲେଶଙ୍କ ପରିବାର ଲୋକଙ୍କ ଏତଲା କ୍ରମେ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଚାଳକ ବୌଦ୍ଧର ରୋହିତ ମହାକୁଲ(୩୨)ଙ୍କୁ ଅଟକ ରଖିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯାଇଛି।

## ସ୍ୱାଗତ କଲା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ

**ରାଜ୍ୟ ବଜେଟରେ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ପାଇଁ ଅର୍ଥ ବରାଦ**

ସମ୍ବଲପୁର,୧୮।୨(ବି.ଶଙ୍କର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନ ସଭାରେ ଆଗତ କରିଥିବା ଆଗାମୀ ବଜେଟରେ କେନ୍ଦୁପତ୍ର ତୋଳାଳି କଲ୍ୟାଣ ପାଣ୍ଠି ପାଇଁ ୧୨୦କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥା କରିଥିବା ପ୍ରସ୍ତାବକୁ ସ୍ୱାଗତ ସ୍ୱାଗତ କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଏନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି ଏକ ପ୍ରେସ ବିବୃତିରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦ ଜଣାଇଛନ୍ତି। ସେ କହିଛନ୍ତି, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଉଦ୍ୟମରେ ପୂର୍ବତନ ସରକାର ପ୍ରଥମ କରି ୨୦୨୨-୨୩ ମସିହାରେ ୫୦ କୋଟି ଟଙ୍କା ବଜେଟରେ ପ୍ରାବଧାନ କରିଥିଲେ । ୨୦୨୪-୨୦୨୫ ମସିହା ବର୍ତ୍ତମାନର ସରକାର ଚଳିତ ବର୍ଷ ପାଇଁ ସଂଘର ପ୍ରସ୍ତାବ ଅନୁସାରେ ୧୦୦କୋଟି ଟଙ୍କା ପ୍ରାବଧାନ କରିଥିଲେ । ଆଗାମୀ ବର୍ଷ ପାଇଁ ସଂଘର ସଭାପତି ବିଜୟ କୁମାର ମହାନ୍ତି ୨୦୦ କୋଟି ଟଙ୍କା ବଜେଟରେ ଆର୍ଥିକ ପ୍ରାବଧାନ କରିବାକୁ ଅର୍ଥ ବିଭାଗକୁ ପ୍ରସ୍ତାବ ଦେଇଥିଲେ । ସେଇ ପ୍ରସ୍ତାବ ଅନୁଯାୟୀ ସରକାରଙ୍କ ଅର୍ଥ ବିଭାଗ ୧୨୦ କୋଟି ଟଙ୍କାର ଆର୍ଥିକ ପ୍ରାବଧାନ କରିଛନ୍ତି । ଏହି ଅର୍ଥ କେନ୍ଦୁପତ୍ର ତୋଳାଳି ଓ ଅନ୍ୟାନ୍ୟ ବର୍ଗର ସମସ୍ତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ଓ କଲ୍ୟାଣ ପାଇଁ ସହାୟକ ହେବ ବୋଲି ସଞ୍ଜିତ କହିଛନ୍ତି ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)

**ନାବାଳିକା ବଳାତ୍କାର ମାମଲା**

ମହୁଲପାଲି ଥାନା ଅଞ୍ଚଳରେ ଗତ ୨୦୨୦ମସିହାରେ ଘଟିଥିବା ନାବାଳିକା ବଳାତ୍କାର ମାମଲାରେ ମଙ୍ଗଳବାର ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ଜିଲାଜଜ୍ ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ଥାନା ଅନ୍ତର୍ଗତ ଡଙ୍ଗାଖୁଣ୍ଟି ଗ୍ରାମର ନିଖେଲ ପୁର୍ତି(୩୫)ଙ୍କୁ ଦଫା ୩୭୬(୩), ୪ ପୋକ୍‌ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜାରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସେହିପରି ଦଫା ୫୦୬ରେ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ସମସ୍ତ ଦଣ୍ଡାଦେଶ ସମାନ୍ତରାଳ ଭାବେ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ଦଣ୍ଡବିଧାନର ଅବଧିରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତ ଜେଲରେ କଟାଇଥିବା ସମୟକୁ ବିୟୋଗ କରାଯିବ ବୋଲି ରାୟ ଦେଇଛନ୍ତି ବିଚାରପତି।

୨୦୨୦ ଅକ୍ଟୋବର ୨୩ ସନ୍ଧ୍ୟାରେ ମହୁଲପାଲି ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ବାଳିକା ନିଜ ଘରଠାରୁ ଅଳ୍ପଦୂର ବଡ଼ବାପାଙ୍କ ଘରକୁ ଯାଇ ଏକାକୀ ଫେରୁଥିଲେ। ନିଛାଟିଆ ଜଙ୍ଗଲ ରାସ୍ତାରେ ଆସୁଥିବାବେଳେ ନିଖେଲ ତାଙ୍କୁ ଟାଙ୍ଗିଆରେ ହାଣିଦେବାକୁ ଭୟ ଦେଖାଇଥିଲେ। ପରେ ଜଙ୍ଗଲ ଭିତରକୁ ଟାଣିନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଘରକୁ ଆସି ପୀଡ଼ିତା ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ମହୁଲପାଲି ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଦଫା ୩୭୬(୩), ୫୦୬ ଓ ପୋକ୍‌ସୋ ଆଇନ ଧାରା ୪ରେ ଏକ ମାମଲା (୧୭୬/୨୦) ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

## ଏବିଭିପିର ବିକ୍ଷୋଭ

ସମ୍ବଲପୁର,୧୮।୨(ବି.ଶଙ୍କର)

ଭୁବନେଶ୍ୱର ଘରୋଇ ଶିକ୍ଷାନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ନିନ୍ଦା କରିଛି। ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ନେପାଳି ଛାତ୍ରୀଛାତ୍ରଙ୍କ ପ୍ରତି ହୋଇଥିବା ଅମାନୁଷିକ ଅତ୍ୟାଚାର ଅମାନବୀୟ ବୋଲି ସଙ୍ଗଠନ କହିଛି। ମଙ୍ଗଳବାର ରାତି ୮ଟାରେ ସମ୍ବଲପୁର ଗୋଲବଜାର ଛକରେ ପ୍ରତିବାଦ ସ୍ୱରୂପ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ପଶ୍ଚିମର ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ ବିକ୍ଷୋର ନେତୃତ୍ୱ ନେଇଥିଲେ । ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମ୍ରନ ପ୍ରଧାନ, ପ୍ରାନ୍ତ ମିଡିଆ ସଂଯୋଜକ ବିଜୟ କଳତା, ପ୍ରାନ୍ତ ବିଶ୍ୱବିଦ୍ୟାଳୟ ସଂଯୋଜକ ଯଶବର୍ଦ୍ଧନ ତିୱାରୀ ଉପସ୍ଥିତ ଥିଲେ ।

## ରେଳ ସୁରକ୍ଷା କର୍ମଚାରୀ ପୁରସ୍କୃତ



ଡିଭିଜନାଲ ରେଲୱେ ମ୍ୟାନେଜର ତୁଷାରକାନ୍ତ ପାଣ୍ଡେ ରେଳ ସୁରକ୍ଷା କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର,୧୮।୨(ବି.ଶଙ୍କର)

ସୁରକ୍ଷା ପ୍ରତି ସତର୍କତା, ଟ୍ରେନ ସୁରକ୍ଷିତ ପରିଚାଳନା ଏବଂ ସୁରକ୍ଷା ନିୟମ ଓ ନିୟମାବଳୀ କାର୍ଯ୍ୟ ସକାଶେ ମଙ୍ଗଳବାର ୨ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ତୁଷାରକାନ୍ତ ପାଣ୍ଡେ ଟିଟିଲାଗଡ଼ର ବରିଷ୍ଠ ଗୁଡ୍ସ ଟ୍ରେନ ମ୍ୟାନେଜର ଉପେନ୍ଦ୍ର କୁମାର ଏବଂ ମୁନିଗୁଡାର ଟ୍ରାକ୍ ମେଣ୍ଟେନାର ଅନନ୍ତ ପାଲକିଆଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସମ୍ବଲପୁରର ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର ଆନନ୍ଦ ସିଂହ, ବରିଷ୍ଠ ଡିଭିଜନାଲ ଇଞ୍ଜିନିୟର (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ଡିଭିଜନାଲ ଅପରେଶନ୍ସ ମ୍ୟାନେଜର ଅଖିଳେଶ ତ୍ରିପାଠୀ, ବରିଷ୍ଠ ଡିଭିଜନାଲ ସେଫ୍ଟି ଅଫିସର ସମ୍ବିତ ସୌରଭ ନାୟକ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତିରେ ରେଳ ସୁରକ୍ଷା କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରିଥିଲେ ।

## ହୀରାକୁଦ କଲୋନୀରେ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,୧୮।୨(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ ଜୋରସୋରରେ ଚାଲିଛି। ମଙ୍ଗଳବାର ହୀରାକୁଦ କଲୋନୀରେ ରାସ୍ତା ଜବରଦଖଲ କରି ନିର୍ମାଣ ହୋଇଥିବା ୫ଟି ଘରକୁ ଭଙ୍ଗାଯାଇଛି। ସେଥିମଧ୍ୟରେ ଗତ ଜାନୁଆରୀ ୧୫ରେ ଜବରଦଖଲ ଉଚ୍ଛେଦ ସମୟରେ ଏଠାରେ ଥିବା ଦୁଇଟି ଘରର ମାଲିକ କିଛି ସମୟ ମାଗିଥିଲେ। ତେଣୁ ସେମାନେ ଏହି ଘରକୁ ଛାଡ଼ି ସାରିଲା ପରେ ମଙ୍ଗଳବାର ପୋଲ ନିକଟ ୩ଟି ଖାଲି ଘର ଏବଂ ରାସ୍ତା ଆରମ୍ଭରେ ଜବରଦଖଲ କରି ନିର୍ମାଣ ହୋଇଥିବା ଏକ କ୍ଲବ ଗୃହ ଏବଂ ଗୋଟିଏ ରିଏଲ ଇଷ୍ଟେଟ୍ କାର୍ଯ୍ୟାଳୟ ଥିବା ଘରକୁ ଉଚ୍ଛେଦ କରାଯାଇଛି। ଏଠାରେ ପ୍ରାୟ ୮୦ରୁ ୭୫ ଫୁଟ୍ ବିଶିଷ୍ଟ ରାସ୍ତା ରହିଛି। ମାତ୍ର ଜବରଦଖଲ ଯୋଗୁ ଏହା ସଙ୍କୁଚିତ ହୋଇଯାଇଛି। ବର୍ତ୍ତମାନ ଏହି ରାସ୍ତାକୁ ପ୍ରଶସ୍ତ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ ହୋଇଥିଲା। ମାତ୍ର ଜବରଦଖଲ ପାଇଁ କାମ ଆଗେଇ ପାରୁ ନ ଥିଲା। ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ପ୍ରବର୍ତ୍ତନ ବିଭାଗ କର୍ମଚାରୀମ ରାସ୍ତା ପାଇଁ ଚିହ୍ନଟ ହୋଇଥିବା ସ୍ଥାନରୁ ଜବରଦଖଲକୁ ଉଚ୍ଛେଦ କରିଛନ୍ତି।

# ଡାକ୍ତର ଅଭାବ, ରୋଗୀସେବା ପ୍ରଭାବିତ

ସମ୍ବଲପୁର,୧୮।୨(ଭବାନୀ ଶଙ୍କର ଭୋଇ)

**ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଡାକ୍ତର ଅଭାବ ଜନିତ ସମସ୍ୟା ନେଇ ଗତି କରୁଛି। ବିଶେଷ କରି ସନ୍ଧ୍ୟା ୬ଟା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁ ନ ଥିବାରୁ ରୋଗୀ ହଇରାଣ ହେଉଛନ୍ତି। ୫୩ ନମ୍ବର ଜାତୀୟ ରାଜପଥ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରହିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟିଲେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଏଠାକୁ ଅଣାଯାଇଥାଏ। ହେଲେ ଆବଶ୍ୟକ ଡାକ୍ତର ନ ଥିବାରୁ ଚିକିତ୍ସା ସୁବିଧା ମିଳିପାରେ ନାହିଁ। ଏହା ମାନେଶ୍ୱର ବ୍ଲକ ପାଇଁ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ୨୪ଘଣ୍ଟିଆ ଚିକିତ୍ସା ନ ମିଳିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କିଛିଦିନ ପୂର୍ବରୁ ୫୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିବା ପରେ ଲୋକେ ଆହତଙ୍କୁ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ କୌଣସି ଡାକ୍ତରଙ୍କୁ ସେମାନେ ପାଇ ନ ଥିଲେ। ବାଧହୋଇ ଆହତଙ୍କୁ ସଦର ଡାକ୍ତରଖାନା ନେଇଥିଲେ। ବାଟରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଥିଲା ବୋଲି କୁହନ୍ତି ସ୍ଥାନୀୟ ବାସିନ୍ଦା ରାମସାଗର ସାହୁ। ଚାରିବର୍ଷ ତଳେ ଏଠାରେ ଡାକ୍ତର ନଥିବା କାରଣରୁ ଜଣେ ରୋଗୀଙ୍କ ମୃତ୍ୟୁ ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଡାକ୍ତରଖାନରେ ନିଆଁ ଲଗାଇ ଦେଇଥିବା ଭଳି ଘଟଣା ଘଟିଥିଲା। ଏ ନେଇ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ରଞ୍ଜନ କୁମାର ପଟେଲ କହିଛନ୍ତି ଯେ, ଡାକ୍ତରଖାନାରେ ବର୍ତ୍ତମାନ ଆୟୁଷ ଡାକ୍ତରଙ୍କୁ ମିଶାଇ ୫ଜଣ ଡାକ୍ତର ରହିଛନ୍ତି। ଦିନବେଳା ରୋଗୀଙ୍କ ଚିକିତ୍ସା ପାଇଁ କୌଣସି ସମସ୍ୟା ନାହିଁ। ତେବେ ଡାକ୍ତରଙ୍କ ଅଭାବ କାରଣରୁ ସନ୍ଧ୍ୟା ସମୟରେ ସମସ୍ୟା ରହିଛି। ଏହାକୁ ନେଇ ଆମେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିଛୁ। ଡାକ୍ତର ନିଯୁକ୍ତ ହେଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଟଙ୍କା ନ ଦେବାରୁ ନୃଶଂସ ହେଲେ

# ପୁଅ ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ

**ବାସୁଦେବପୁର,୧୮।୨(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଗୋପବନ୍ଧୁନଗର ପଞ୍ଚାୟତ ଶାସମଲଘେରି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଶାବଳ ମାଡ଼ରେ ବୃଦ୍ଧ ବାପାଙ୍କ ପ୍ରାଣହାନି ହୋଇଛି। ମୃତକ ହେଲେ କଷିଆ ସାମୁଦ୍ରିକ ଥାନା ଅଧୀନ ଶାସମଲଘେରି ଗ୍ରାମର ଦୁଃଖୀରାମ ମଣ୍ଡଳ(୬୫)। ଅନ୍ୟଜଣେ ପୁଅଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ପୁଅ ବାଇଧରଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦୁଃଖୀରାମଙ୍କୁ ଗତ କିଛିଦିନ ତଳେ ପୁଅ ଟଙ୍କା ମାଗିଥିଲେ। ସେ ତାଙ୍କୁ ଟଙ୍କା ଦେଇଥିଲେ। ପୁଣି ସୋମବାର ପୁଅ ଟଙ୍କା ମାଗିଥିଲେ। ସେ ଦେବାକୁ ଅସମର୍ଥ ପ୍ରକାଶ କରିବାକୁ ପୁଅ ତାଙ୍କ ମା'ଙ୍କୁ ଟଙ୍କା ମାଗିଥିଲେ। ମା' ମଧ୍ୟ ଟଙ୍କା ଦେଇ ନ ଥିଲେ। ଟଙ୍କା ମାଗି ନିରାଶ ହେବା ପରେ ପୁଅ ମଙ୍ଗଳବାର ମଧ୍ୟାହ୍ନରେ ବାପା ଦୁଃଖୀରାମଙ୍କ ସହ ଝଗଡ଼ା କରିବା ସହ ଅତର୍କିତ ଭାବେ ଏକ ଶାବଳରେ ଆକ୍ରମଣ କରିଥିଲେ। ଏଥିରେ ଦୁଃଖୀରାମ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୨ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ପୁଅ ଅନୁକୂଳ ମଣ୍ଡଳଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୪/୨୫)ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଅଭିଯୁକ୍ତ ବାଇଧରଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

**ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର (ମାନସ ମହାନ୍ତି) ୧୮।୨**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ କିତାବେଡ଼ା ଗ୍ରାମ ଡୁଙ୍ଗୁରିସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ସମ୍ପର୍କୀୟ ପୁତୁରା ଏକ ଦମ୍ପତିଙ୍କୁ ଅତି ନିର୍ମମ ଭାବେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଆକ୍ରମଣରୁ ମୃତ ଦମ୍ପତିଙ୍କ ପୁତ୍ରବଧୂ ଓ ନାତୁଣୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ପୋଲିସ ଅଭିଯୁକ୍ତ ଅଜୟ ନାଏକ(୨୩)ଙ୍କୁ ଅଟକ ରଖିଛି। ମୃତ ଦମ୍ପତି ହେଲେ ଦେବେନ୍ଦ୍ର ନାଏକ(୭୦) ଓ ସ୍ତ୍ରୀ ଚମ୍ପା(୪୮)। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୭/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଅଜୟଙ୍କ ଶିଶୁପୁତ୍ର ଓ ତାଙ୍କ ବାପା ସୁରେନ୍ଦ୍ରଙ୍କ ବାରମ୍ବାର ଦେହ ଅସୁସ୍ଥ ରହୁଥିଲା। ଦେବେନ୍ଦ୍ର ଓ ଚମ୍ପା ଗୁଣିଗାରେଡ଼ି କରି ଏଭଳି କରୁଥିବା ଅଜୟ ସନ୍ଦେହ କରୁଥିଲେ। ଅଜୟ ସୋମବାର ରାତି ୯ଟା ବେଳେ ଦେବେନ୍ଦ୍ରଙ୍କ ଘରକୁ ଯାଇଥିଲେ। ଦେବେନ୍ଦ୍ର ତାଙ୍କ ବିଲାତି କ୍ଷେତରେ ପାଣି ମଡ଼ାଉଥିବା ବେଳେ ଅଜୟ ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସୁଯୋଗ ଦେଖି ଏକ କୁରାଢ଼ିରେ ଦେବେନ୍ଦ୍ରଙ୍କ ମୁଣ୍ଡକୁ ହାଣି ହତ୍ୟା କରିବା ପରେ ଘର ମଧ୍ୟକୁ ପ୍ରବେଶ କରିଥିଲେ। ସେଠାରେ ଚମ୍ପା ଶୋଇଥିବା ସମୟରେ ତାଙ୍କୁ ମଧ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ଚମ୍ପାଙ୍କ ପାଖରେ ଶୋଇଥିବା ପୁତ୍ରବଧୂ ସୁମିତ୍ରା ଏଭଳି ଘଟଣା ଦେଖି ତାଙ୍କ ଶିଶୁକନ୍ୟାଙ୍କୁ ଛାଡ଼ି ବାହାରକୁ ଦୌଡ଼ି ପଳାଇଥିଲେ। ମଙ୍ଗଳବାର ସକାଳେ ସୁମତ୍ରା ଅନ୍ୟ ଗ୍ରାମରେ ରହୁଥିବା ଦିଅର ରାବେନ୍ଦ୍ର ନାଏକଙ୍କୁ ଘଟଣା ସମ୍ପର୍କରେ ଫୋନ୍‌ରେ ଜଣାଇଥିଲେ। ରାବେନ୍ଦ୍ରଙ୍କଠାରୁ ଖବରପାଇ ବିଶୋଇ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗୁଣିଗାରେଡ଼ି ସନ୍ଦେହରେ ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବିଶୋଇ ଥାନାଧିକାରିଣୀ ମିନି ଭୋଇ ରଣା ପ୍ରକାଶ କରିଛନ୍ତି।

# ବ୍ୟାଙ୍କ ମ୍ୟାନେଜରଙ୍କୁ ବାନ୍ଧିଲା ପୋଲିସ

## ୩ ଜମାକାରୀଙ୍କ ୪୫ ଲକ୍ଷ ଠକେଇ

**ବ୍ରହ୍ମପୁର,୧୮।୨(ସୁବାସ ଚନ୍ଦ୍ର ପାଢ଼ୀ)**

କ୍ରେଡିଟ୍ କାର୍ଡ ଲୟାଲିଟି ସ୍କିମ ନାଁରେ ବ୍ରହ୍ମପୁର ସହରର ୩ ଜମାକାରୀଙ୍କଠାରୁ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ଅଭିଯୋଗରେ ଗୋଷାଣି ନୂଆଗାଁ ଶାଖା ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜର ଇପିଲି ମିଥୁନ(୩୫)ଙ୍କୁ ପୋଲିସ ଗିରଫ କରିଛି। ସେ ରାଜାରାଣୀ ଆପାର୍ଟମେଣ୍ଟରେ ରହୁଥିଲେ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଟାଉନ ଥାନା ପୋଲିସ ମାମଲା ନଂ. ୭୦/୨୫ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବ୍ରହ୍ମପୁର ସଦାନନ୍ଦ ବିହାରର ଚନ୍ଦନ କୁମାର ପାଢୀ, ଏମ. ଦେବୀ ପ୍ରସାଦ ଓ ସନ୍ଦୀପ କୁମାର ସାହୁ ଦେଡ ବର୍ଷ ତଳେ ବ୍ୟକ୍ତିଗତ ଋଣ ପାଇଁ ଗୋଷାଣି ନୂଆଗାଁସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଇଥିଲେ। ବ୍ୟାଙ୍କ ମ୍ୟାନେଜର ମିଥୁନ ସେମାନଙ୍କୁ ବ୍ୟକ୍ତଗତ ଋଣ କରାଇ ଦେବା ବଦଳରେ କ୍ରେଡିଟ କାର୍ଡ ଲୟାଲିଟି ଇନଭେଷ୍ଟମେଣ୍ଟ ସ୍କିମ ବିଷୟରେ ବୁଝାଇଥିଲେ। ଯେତେ ଟଙ୍କା ଇନଭେଷ୍ଟ କରିବେ, ସେହି ହିସାବରେ ମାସିକ ୪ ପ୍ରତିଶତ ସୁଧ ମିଳିବ ବୋଲି କହିଥିଲେ। ତେଣୁ ଜମାକାରୀ ସନ୍ଦୀପ ନିଜ କ୍ରେଡିଟ୍ କାର୍ଡରୁ ୫ ଲକ୍ଷ ୮୦ ହଜାର ଟଙ୍କା, ଦେବୀପ୍ରସାଦ ୧୫ ଲକ୍ଷ ଟଙ୍କା ଏବଂ ଚନ୍ଦନ ୧୨ ଲକ୍ଷ ଟଙ୍କା ବ୍ୟାଙ୍କ ମ୍ୟାନେଜରଙ୍କୁ ଦେଇଥିଲେ। ଟଙ୍କା ଦେବାର ୧ ମାସ ପରେ ମିଥୁନ ସେମାନଙ୍କୁ ଲୟାଲିଟି ବାବଦକୁ କିଛି ଟଙ୍କା ନିଜ ସ୍ତ୍ରୀଙ୍କ ଫୋନ ପେ' ଆକାଉଣ୍ଟରୁ ମାସକୁ ମାସ ପଠାଉଥିଲେ। ଅଧିକ ଲୋଭ ଦେଖାଇ ୩ ଜମାକାରୀଙ୍କଠାରୁ ୪୫ ଲକ୍ଷରୁ ଅଧିକ ଟଙ୍କା ନେବା ପରେ ସେ ମାସିକ ଲୟାଲିଟି ଦେବା ବନ୍ଦ କରି ଦେଇଥିଲେ। ଟଙ୍କା ବିଷୟରେ ଜମାକାରୀ ପଚାରିବାରେ ସେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ମୂଳ ଟଙ୍କା ମଧ୍ୟ ଫେରାଇ ନଥିଲେ। ଏପଟେ କ୍ରେଡିଟ୍ କାର୍ଡରୁ ବାକି ଆଣି ମ୍ୟାନେଜରଙ୍କୁ ଟଙ୍କା ଦେଇଥିବାରୁ ସେ ବାବଦ ସୁଧ ବଢ଼ିବାରେ ଲାଗିଥିଲା। କ୍ରେଡିଟ୍ କାର୍ଡ ରିକଭରି ବିଭାଗରୁ ଜମାକାରୀଙ୍କୁ ଟଙ୍କା ପଇଠ ପାଇଁ ବାରମ୍ବାର ଚାପ ପକାଯାଉଥିଲା। ହେଲେ ମ୍ୟାନେଜର ମିଥୁନ ଟଙ୍କା ଫେରସ୍ତ କରିବା ବଦଳରେ ଗୁଣ୍ଡା ପଠାଇ ଧମକ ଦେଉଥିବା ଜମାକାରୀମାନେ ଥାନାରେ ଅଭିଯୋଗ କରିଥିଲେ। ମ୍ୟାନେଜର ମିଥୁନ ଜମାକାରୀଙ୍କଠାରୁ ଟଙ୍କା ନେବା ପରେ ନିଜ ସ୍ତ୍ରୀ'ଙ୍କ ଆକାଉଣ୍ଟରୁ ଲୟାଲିଟି ଟଙ୍କା ପ୍ରଦାନ କରୁଥିବାରୁ ଏହା ତାଙ୍କର ନିଜସ୍ୱ ସ୍କିମ ବୋଲି ସନ୍ଦେହ କରାଯାଉଛି।



ଗିରଫ ବ୍ୟାଙ୍କ ମ୍ୟାନେଜର ଇପିଲି ମିଥୁନ।


## ବିବାହ ଶୁଭେଚ୍ଛା



ପ୍ରଶାନ୍ତ ରଣା (ପପୁ) ଓ ସୋନାଲିସା (ସୋନି)
ସ୍ଥାନ: ଭାପୁରୁ ବ୍ଲକ୍, ପଥର ଚକଡ଼ା ପଞ୍ଚାୟତ ଅଧୀନ ମାଧପୁର, ନୂଆସାହି
(ବିବାହ ବନ୍ଧନରେ ବାନ୍ଧି ହେଲେ ରଞ୍ଜି ଖେଳାଳି ପ୍ରଶାନ୍ତ ରଣା)
ତୁମ ଦୁହିଁଙ୍କ ବୈବାହିକ ଜୀବନ ସୁଖମୟ, ଶୁଭମୟ ହେଉ, ଏହାହିଁ ପ୍ରଭୁ ଶ୍ରୀନୀଳମାଧବଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ: ପରିବାର ଓ ବନ୍ଧୁବର୍ଗ ।
ଧ-୨୯୯୧





## LEGAL NOTICE

Letter No- 146,
dt.21.01.25

ମାନ୍ୟବର ଆଡିସିନାଲ କମିସନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଓ.ଏ.ସ(ଏସ୍.ଏସ୍.) ଆଡିସିନାଲ
ଡିଭିଜନ କୋର୍ଟ ନଂ.- ୪ଙ୍କ
ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍
ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-
୧୦୭୭/୨୦୨୩

ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ
....ବାଦୀ/ଦରଖାସ୍ତକାରୀ
-ବନାମ-
ବିଦ୍ୟାଧର ସାହୁ @ ମହାପାତ୍ର ଓ ଅନ୍ୟ ଅପର ପକ୍ଷମାନେ
....ପ୍ରତିବାଦୀ/ଅପରପକ୍ଷମାନେ

ପ୍ରାପ୍ତେଷୁ,
୧. କାର୍ତ୍ତିକ ସାହୁ, ବୟସ ୭୪, ପିତା-ମଧୁ ସାହୁ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫,
୨.ପ୍ରଫୁଲ୍ଲ କୁମାର ବିଧାର, ବୟସ ୬୪, ପିତା- ସ୍ୱର୍ଗତ ବେଣୁଧର ବିଧାର, ରିପ୍ରେଜେଣ୍ଟେଡ୍ ଆଜ୍ ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭେଲପରସ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫
.....ପ୍ରତିବାଦୀ ନଂ.- ୧୫ ଏବଂ ୧୬

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫ ମୁତାବକ ମାନ୍ୟବର ଆଡିସିନାଲ କମିସନର, ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧୫ ଓ ୧୬ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୧୫ ଓ ୧୬ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ୨୪।୦୩।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା-ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୨୭୩, ପ୍ଲଟ୍ ନଂ.-୧୦୩୭, ସାବକ ସମନ୍ଧ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୧୮୯, କିସମ ଶାରଦ, ଏ୦୩.୯୦୦ ଡେସିମାଲ ସମନ୍ଧରୁ ଏରିଆ- ଏ୦.୦୬୨ ଡେସିମାଲ, ଚୌହଦି-ଉତ୍ତର ହାଲ୍ ପ୍ଲଟ୍ ୧୦୩୮, ଦକ୍ଷିଣ ପ୍ଲଟ୍ ନଂ.- ୧୦୩୬, ପୂର୍ବ- ଭେଣ୍ଡିଙ୍କ ପାଇଁ ଭେଣ୍ଡରଙ୍କ ଦ୍ୱାରା ଛଡ଼ାଯାଇଥିବା ରାସ୍ତା, ପଶ୍ଚିମ ହାଲ୍ ପ୍ଲଟ୍ ନଂ.- ୧୦୪୦।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧୫ ଓ ୧୬ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୮୨

Letter No- 147,
dt.21.01.25

ମାନ୍ୟବର ଆଡିସିନାଲ କମିସନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଓ.ଏ.ସ(ଏସ୍.ଏସ୍.) ଆଡିସିନାଲ
ଡିଭିଜନ କୋର୍ଟ ନଂ.- ୪ଙ୍କ
ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍
ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-
୧୦୭୬/୨୦୨୩

ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ
....ବାଦୀ/ଦରଖାସ୍ତକାରୀ
-ବନାମ-
ବିଦ୍ୟାଧର ସାହୁ @ ମହାପାତ୍ର ଓ ଅନ୍ୟ ଅପର ପକ୍ଷମାନେ
....ପ୍ରତିବାଦୀ/ଅପରପକ୍ଷମାନେ

ପ୍ରାପ୍ତେଷୁ,
୧. କାର୍ତ୍ତିକ ସାହୁ, ବୟସ ୭୪, ପିତା-ମଧୁ ସାହୁ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫,
୨.ପ୍ରଫୁଲ୍ଲ କୁମାର ବିଧାର, ବୟସ ୬୪, ପିତା- ସ୍ୱର୍ଗତ ବେଣୁଧର ବିଧାର, ରିପ୍ରେଜେଣ୍ଟେଡ୍ ଆଜ୍ ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭେଲପରସ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫
.....ପ୍ରତିବାଦୀ ନଂ.- ୧୫ ଏବଂ ୧୬

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫ ମୁତାବକ ମାନ୍ୟବର ଆଡିସିନାଲ କମିସନର ଆଡିସିନାଲ ଡିଭିଜନ କୋର୍ଟ ନ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧୫ ଓ ୧୬ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୧୫ ଓ ୧୬ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ୦୩।୦୩।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା-ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୨୭୩, ପ୍ଲଟ୍ ନଂ.-୧୦୩୭, ସାବକ ସମନ୍ଧ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୧୮୯, କିସମ ଶାରଦ, ଏ୦୩.୯୦୦ ଡେସିମାଲ ସମନ୍ଧରୁ ଏରିଆ- ଏ୦.୦୬୨ ଡେସିମାଲ, ଚୌହଦି-ଉତ୍ତର ହାଲ୍ ପ୍ଲଟ୍ ୧୦୩୭, ଦକ୍ଷିଣ ପ୍ଲଟ୍ ନଂ.- ୧୦୩୩, ପୂର୍ବ- ଭେଣ୍ଡିଙ୍କ ପାଇଁ ଭେଣ୍ଡରଙ୍କ ଦ୍ୱାରା ଛଡ଼ାଯାଇଥିବା ରାସ୍ତା, ପଶ୍ଚିମ- ରାସ୍ତା, ପୂର୍ବ- ହାଲ୍ ପ୍ଲଟ୍ ନଂ.- ୧୦୩୫।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧୫ ଓ ୧୬ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୮୩


# Classified Everyday
0674-2580101, 9692975378



MATRIMONIAL

### BRIDE WANTED

Handsome Karan Boy 1994, 6ft., B.Tech, MBA (NIT), serving MNC Hyderabad. "Sunasansar". 9937512659 D-76239

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପରଖ ସ୍ୱାଗତଯୋଗ୍ୟ। 9437593214. D-2939

### GROOM WANTED

Beautiful Teli girl 28+ Govt. II Officer (Caste No bar). 9938199964. D-2938



REAL ESTATE
SALE

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2973

କଟକର ପୁରୀଘାଟ ବଙ୍ଗାଳିସାହି ବଗଲାଗଳିରେ ଘରବାରି ଥାଇ 041, ଡେସିମିଲର ଜାଗା ବିକ୍ରୟ କରାଯିବ। Contact: 8480514601. D-2989

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Plot selling ବାରଙ୍ଗ Rs.-545/-, ପଟିଆ, ସାମନ୍ତରାଏପୁର, ନଖରା, ଖୋରଦା, ଜଗତ୍‌ସିଂହପୁର। 8895778043. D-2961

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2967

**3BHK flat for sale in Gudiapokhari, Near Krupajal College, Uttara. Contact- 7978097047.** D-2959

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 6370277334.** D-2990

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**1.25Acre land available for sale in sisolo, Near Balipatna (7kms from Uttara Square). Contact- 7978097047.** D-2960




**700Sqft Hall with Toilet Available in Uttara Square for Commercial Purpose. Contact- 7978097047.** D-2968

Showroom/Office space available at sahidnagar. Contact- 9238505978. D-2981

**1000Sqft Hall Available on Lewis Main Road, In Samanatarapur for Commercial Purpose. Contact- 7978097047.** D-2966




Take wellness herbal full body relax massage by trend therapist. 7008773793. D-76193

Positively health benefited SPA by expert female therapist, Jaydevbihar. 8458048909. D-76196

Positively health benefited SPA by expert female therapist, Bapujinagar. 8018429809. D-76198

Newly open health benefits SPA by experience lady therapist. 8658088274. D-76197

**Full body massage experience, good looking therapist @999 (Bhubaneswar). 9078484455.** D-2815

### AFFIDAVIT

I, Subham Dalai, S/o- Balaram Dalai, age 19 years, Village- Kendupadar, Post- Haridapadar, P.S.- Kotinada, Dist.- Ganjam, Odisha has changed my name from Subham Dalai to Siba Dalai vide affidavit number- 333, dated 29.01.2025 before Notary by Sri Prabhat Kumar Padhi for all purpose. D-2987

By virtue of an affidavit No.- 258, date- 17.02.2025 sworn before the Executive Magistrate, Boudh, I, Bijay Kumar Behera, R/o- Village- Unal, P.O.- Dhalpur, P.S.-Harabhanga, Dist.- Boudh, Odisha, PIN- 762013 declare that I have changed my son's name from Bijaya Kumar Behera to Subhendu Kumar Behera. Henceforth, he shall be known as Subhendu Kumar Behera for all future purposes. D-2979

By an affidavit I Pradipta Kumar Panda, R/o- Jagannathpur, P.O.- Bardandi, P.S.- Bolagada, Dist.- Khordha, PIN-752066 declare that I have changed name of my minor son from Aditya Prasad Panda to Aryan Aditya Panda. Henceforth, he shall be known as Aryan Aditya Panda for all purpose. D-2980

By virtue of an affidavit sworn before the Executive Magistrate, Khordha on dt 18.02.2025, I, Rabinarayan Das of Village- Nimapatana, P.O.- Banamalipur- patana, P.S.- Fategarh, Dist.- Nayagarh, PIN- 752077 declare that I have changed my daughter's name from BABY ONE OF MAHAMAYEE BARAD to DIPIKA DAS. Henceforth, she shall be known as DIPIKA DAS for all purposes. D-2988

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠୁ ଆଇସିସି ଚାମ୍ପିୟନ୍ସ ଟ୍ରଫି



କରାଚୀର ନ୍ୟାଶନାଲ ଷ୍ଟାଡିୟମ ବାହାରେ ଜଣେ ସୁରକ୍ଷା କର୍ମୀ ପାଟ୍ରୋଲିଂ କରୁଛନ୍ତି।

**■ ପାକିସ୍ତାନ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମୁକାବିଲା**
**■ ଭାରତ ୨୦ରେ ବାଂଲାଦେଶକୁ ଭେଟିବ**

ଦୁବାଇ/କରାଚୀ, ୧୮।୨ (ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କରାଚୀର ନ୍ୟାଶନାଲ ବ୍ୟାଙ୍କ କ୍ରିକେଟ ଆରେନାରେ ଅନୁଷ୍ଠିତ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ୨୦ ତାରିଖରେ ଦୁବାଇରେ ବାଂଲାଦେଶକୁ ଭେଟିବ। ପାକିସ୍ତାନ ଏହି ପ୍ରତିଯୋଗିତାର ଆୟୋଜକ ହୋଇଥିବାବେଳେ ହାଇବ୍ରିଡ ମୋଡ୍‌ରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବାକୁ ନିଷ୍ପତ୍ତି ହୋଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ୨୩ ତାରିଖରେ ମୁକାବିଲା ହେବ। ୧୯୯୬ ବିଶ୍ୱକପ ପରେ ପାକିସ୍ତାନ ପ୍ରଥମଥର ପାଇଁ ଏହି ଆଇସିସି ଇଭେଣ୍ଟ ଆୟୋଜନ ଅଧିକାର ପାଇଛି।

ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ରହିଥିବାବେଳେ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ଟି୨୦ କ୍ରିକେଟର ଲୋକପ୍ରିୟତା ବଢ଼ୁଥିବାବେଳେ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ଦୀର୍ଘ ୮ ବର୍ଷ ବ୍ୟବଧାନରେ ହେଉଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଏଥିପାଇଁ ଅନେକ ଗୁରୁତ୍ୱ ବହନ କରିବ। ଶେଷଥର ପାଇଁ ୨୦୧୭ରେ ହୋଇଥିବା ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା।

କ୍ୟାରିୟରର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବାରୁ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଓ ତାରକା ବ୍ୟାଟର ବିରାଟ କୋହଲିଙ୍କ ଉପରେ ନଜର ରହିବ। କାରଣ ଏହି ଟୁର୍ନାମେଣ୍ଟ ହିଁ ତାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ। ଆସନ୍ତା ଜୁନ୍‌ରେ ଇଂଲଣ୍ଡ ଗସ୍ତ ବେଳକୁ ଏମାନେ ଦଳରେ ରହିବେ କି ନାହିଁ ତାହା ସମ୍ଭବତଃ ଏହି ଟୁର୍ନାମେଣ୍ଟରୁ ସ୍ଥିର ହୋଇଯିବ। ଏହା ବ୍ୟତୀତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଭବିଷ୍ୟତ ମଧ୍ୟ ଏହି ପ୍ରତିଯୋଗିତାରୁ ଅନେକ ପରିମାଣରେ ସ୍ପଷ୍ଟ ହୋଇଯିବ। ନିକଟରେ ଘରୋଇ ସିରିଜରେ ଇଂଲଣ୍ଡ ବିପକ୍ଷରେ ଭାରତର ଭଲ ପ୍ରଦର୍ଶନ ଗମ୍ଭୀରଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିଛି। ମାତ୍ର ଏକ ଆଇସିସି ଟ୍ରଫି ବିଜୟ ତାଙ୍କ ସ୍ଥିତିକୁ ଅଧିକ ମଜଭୁତ କରିପାରିବ।

ଭାରତ ଶେଷଥର ପାଇଁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ୫୦ ଓଭର ବିଶିଷ୍ଟ ଏହି ଫର୍ମାଟରେ ଏବେ ବିଜୟ ପାଇଁ ଭାରତ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତ ଫେଭରାଇଟ ବିବେଚିତ ହେଉଛି। ମାତ୍ର ଗୋଟିଏ ଖରାପ କ୍ଷଣ କିମ୍ବା ସେସନ ପୂରା ଗଣନାକୁ ବିଗାଡ଼ି ଦେଇପାରେ। ୨୦୨୩ ବିଶ୍ୱକପରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପାଇଁ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଯାଇଥିଲା। ଅଷ୍ଟ୍ରେଲିଆ ଯଦିଓ ଏହାର ୩ ମୁଖ୍ୟ ପେସ୍ ବୋଲର ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍‌ଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଯାଉଛି ତେବେ ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍ ପାଇଁ ପ୍ରତିପକ୍ଷ ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ସେହିପରି ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦୀ ଅବସର ନେଇ ଯାଇଥିବାରୁ ଯୁବ ଖେଳାଳିଙ୍କ ଭରସାରେ ରହିବ ନ୍ୟୁଜିଲାଣ୍ଡ। ଭେଟେରାନ କେନ୍ ୱିଲିୟମସନ ଟ୍ରମ୍ପକାର୍ଡ ବିବେଚିତ ହୋଇପାରନ୍ତି। ଆୟୋଜକ ପାକିସ୍ତାନ ଏକ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ଏଥିରେ ଦ୍ୱିମତ ନାହିଁ। ଭାରତ ବିପକ୍ଷ ମ୍ୟାଚର ଆବେଗକୁ ନିୟନ୍ତ୍ରଣରେ ରଖିପାରିଲେ ଏହି ଦଳ ନିଶ୍ଚିତ ଅନ୍ୟତମ ଦାବିଦାର ଭାବେ ଉଭା ହେବ। ଏହାର ପେସ୍ ଆକ୍ରମଣ ଅତ୍ୟନ୍ତ ଶାଣିତ। ସେହିପରି ଫଖର ଜମନ ଓ ସଲମାନ ଅଲୀ ଆଘାଙ୍କ ପରି ବ୍ୟାଟର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ମ୍ୟାଚର ମୋଡ଼ ବୁଲାଇବାକୁ ସକ୍ଷମ।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ। (ଫଟୋ: ବିକାଶ ନାୟକ)

# ଭାରତୀୟ ମହିଳା ଦଳର ଦ୍ୱିତୀୟ ପରାଜୟ

ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ମଙ୍ଗଳବାର ସ୍ପେନ୍‌ଠାରୁ ୩-୪ ଗୋଲରେ ହାରି ଯାଇଛି। ତୃତୀୟ କ୍ୱାର୍ଟର ସୁଦ୍ଧା ୩-୨ରେ ଅଗ୍ରଣୀ ରହିବା ସତ୍ତ୍ୱେ ଦଳ ଅନ୍ତିମ କ୍ୱାର୍ଟରରେ ସ୍ପେନ୍ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ୩ ମ୍ୟାଚରୁ ଭାରତର ଏହାଥିଲା ଦ୍ୱିତୀୟ ପରାଜୟ। ଇଂଲଣ୍ଡ ବିପକ୍ଷରେ ୩-୨ରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ପେନାଲ୍ଟି ଶୁଟ୍‌ଆଉଟ ୧-୨ ଗୋଲରେ ହାରି ଯାଇଥିଲା। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ମଙ୍ଗଳବାର ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରୁ ଆରମ୍ଭ ହୋଇଥିଲା ହକି ରୋମାଞ୍ଚ। ୧୯ତମ ମିନିଟରେ ବଲଜିତ କୌର ଏକ ଫିଲ୍ଡ ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରିଥିବାବେଳେ ୨୧ତମ ମିନିଟରେ ସ୍ପେନ୍‌ର ସୋଫିଆ ପୋଗୋସ୍କି ଏହାକୁ ପରିଶୋଧ କରି ଦେଇଥିଲେ। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଇସ୍ତ୍ରେଲ ପେଟାମେ ଗୋଲରେ ପରିଣତ କରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍ପେନ୍ ୨-୧ରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୩୮ତମ ମିନିଟରେ ସାକ୍ଷୀ ରାଣା ଓ ୩୫ତମ ମିନିଟରେ ଋତଜା ଦାଦାସୋ ପିସାଲ ଗୋଲ ଦେବାରୁ ଭାରତ ୩-୨ରେ ଆଗୁଆ ହୋଇ ଯାଇଥିଲା। ଅନ୍ତିମ କ୍ୱାର୍ଟରରେ ୪୯ତମ ମିନିଟରେ ଇସ୍ତ୍ରେଲ ପେଟାମେ ଓ ୫୨ତମ ମିନିଟରେ ଅଧିନାୟିକା ଲୁସିଆ ଜିମେଞ୍ଜ ଗୋଲ କରିବାରୁ ଭାରତ ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା।


ଦିଲୀପ ତିର୍କୀଙ୍କ ସହ ଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।


ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ପ୍ରୋ ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜର୍ମାନୀଠାରୁ ଭାରତ ପରାସ୍ତ

ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)

ଭାରତୀୟ ପୁରୁଷ ହକି ଦଳ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଛି। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟରେ ଫ୍ଲୋରିଆନ ସ୍ପେର୍ଲିଙ୍ଗ ଗୋଲ ବଳରେ ଜର୍ମାନୀ ଅଗ୍ରଣୀ ନେଇଥିଲା। ମାତ୍ର ୧୩ଶ ମିନିଟରେ ଭାରତର ଗୁରଜାନ୍ତ ସିଂ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ତେବେ ଏହାର ୧ ମିନିଟ ପରେ ଥିଏସ ପ୍ରିଞ୍ଜ ଗୋଟିଏ ଗୋଲ ଦେବାରୁ ଜର୍ମାନୀ ପୁଣି ଅଗ୍ରଣୀଲାଭ କରିଥିଲା। ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ଜର୍ମାନୀର ଆଧିପତ୍ୟ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ମିଚେଲ ଷ୍ଟ୍ରୁଥୋଫ ଗୋଲରେ ପରିଣତ କରିଥିଲେ ଏବଂ ୫୫ତମ ମିନିଟରେ ରାଫାଲ ହାର୍ଟକୋଫଙ୍କ ଗୋଲ ଜରିଆରେ ଜର୍ମାନୀ ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା। ଗତ ୧୫ ତାରିଖରେ ସ୍ପେନଠାରୁ ୧-୩ ଗୋଲରେ ପରାଜିତ ହୋଇ ସିଜନ ଆରମ୍ଭ କରିଥିବା ଭାରତ ୧୬ ତାରିଖରେ ପରବର୍ତ୍ତୀ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଅଧିନାୟକ ହରମନପ୍ରୀତ ସିଂଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଓଡ଼ିଶାର ଅମିତ ରୋହିଦାସ ଏହି ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

# ଇଂଲଣ୍ଡ ବିଜୟୀ

ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମଙ୍ଗଳବାର ପୁରୁଷ ବିଭାଗର ଏକ ମ୍ୟାଚରେ ଇଂଲଣ୍ଡ ଶୁଟ୍‌ଆଉଟ ୧-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଇଂଲଣ୍ଡର ଏକମାତ୍ର ଜ୍ୟାକବ ପେଟନ ଗୋଲସ୍କୋର କରିବାରେ ସକ୍ଷମ ହୋଇଥିଲେ। ନିର୍ଦ୍ଧାରିତ ସମୟ ଖେଳରେ ଇଂଲଣ୍ଡର ଜ୍ୟାକବ ପେଟନ ୧୩ ଓ ସାମ୍ ୱାର୍ଡ ୩୨ ଏବଂ ସ୍ପେନ୍‌ର ନିକୋଲାସ ଆଲଭାରେଜ ୪୯ ଓ ବ୍ରୁନୋ ଫଣ୍ଟ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ନ୍ୟୁଜିଲାଣ୍ଡ ଦଳରେ ଫର୍ଗୁସନଙ୍କ ସ୍ଥାନରେ ଜେମିସନ

କରାଚୀ, ୧୮।୨ (ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳରେ ଆଘାତପ୍ରାପ୍ତ ପେସର ଲୋକି ଫର୍ଗୁସନଙ୍କ ସ୍ଥାନରେ କାଇଲ ଜେମିସନଙ୍କୁ ନିଆଯାଇଛି। ଟୁର୍ନାମେଣ୍ଟର ନିୟମାନୁସାରେ ଚୂଡ଼ାନ୍ତ ଦଳ ଘୋଷଣା କରାଯିବା ପରେ ଯଦି କୌଣସି ଦଳକୁ ବିଶେଷ କାରଣରୁ ଖେଳାଳି ବଦଳ କରିବାକୁ ପଡ଼େ ତାହେଲେ ଆଇସିସି ଇଭେଣ୍ଟ ଟେକ୍‌ନିକାଲ କମିଟିକୁ ଆବେଦନ କରିବାକୁ ପଡ଼ିବ। କମିଟିର ଅନୁମୋଦନ ପରେ ଯାଇ ଖେଳାଳି ବଦଳ ହୋଇପାରିବ। ୩୦ ବର୍ଷୀୟ ଜେମିସନ ୧୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଫର୍ଗୁସନଙ୍କ ଡାହାଣ ପାଦରେ ଆଘାତ ଲାଗିବାରୁ ସେ ଚାମ୍ପିୟନ୍ସ ଟ୍ରଫିରେ ଖେଳିପାରିବେ ନାହିଁ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସ ବୁଧବାର ନ୍ୟୁଜିଲାଣ୍ଡ ଆୟୋଜକ ପାକିସ୍ତାନକୁ ଭେଟିବ। ୨୦୨୩ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷ ମ୍ୟାଚ ପରେ ଜେମିସନ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ୩୦ ବର୍ଷୀୟ ଏହି କ୍ରିକେଟର ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ପଦାର୍ପଣ ପରେ ଗତବର୍ଷ ଫେବୃଆରୀରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିଲେ। ଏହି ଟେଷ୍ଟ ମ୍ୟାଚ ପରଠାରୁ ପିଠିରେ ଷ୍ଟ୍ରେସ୍ ଫ୍ରାକ୍‌ଚର ଯୋଗୁ ଡାକ୍ତରଙ୍କ ପରାମର୍ଶ

**ଆଇସିସିର ଅନୁମୋଦନ**

କ୍ରମେ ତାଙ୍କୁ ଏକ ବର୍ଷ ଧରି ବିଶ୍ରାମ ନେବାକୁ ପଡ଼ିଥିଲା। ଜାନୁଆରୀରେ ସୁପର ସ୍ମାଶ ଟି୨୦ରେ କାଣ୍ଟରବୁରୀ ତରଫରୁ ଖେଳି ସେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କର ଅନ୍ୟ ଜଣେ ସାଥୀ ଖେଳାଳି ବେନ୍ ସିଅର୍ସ ମଧ୍ୟ ସୁପର ସ୍ମାଶ ଜରିଆରେ ଚାମ୍ପିୟନ୍ସ ଟ୍ରଫି ପାଇଁ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ଇସ୍ତଫା ଦେଇ ନାହାନ୍ତି ମେରୀକମ୍

ନୂଆଦିଲ୍ଲୀ, ୨୮।୨ (ପି.ଟି.): ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଆଥ୍‌ଲେଟ୍ସ କମିଶନ ଚେୟାରମ୍ୟାନ ପଦବୀରୁ ବକ୍ସିଂ କିମ୍ବଦନ୍ତୀ ଏମ୍.ସି. ମେରୀକମ୍ ଇସ୍ତଫା ଦେଇ ନ ଥିବା ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ପ୍ୟାନେଲରେ ସେ ତାଙ୍କ କାର୍ଯ୍ୟକାଳ ଶେଷ କରିବେ ବୋଲି କହିଛନ୍ତି। ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ମଣିପୁରର ଏହି ୪୨ ବର୍ଷୀୟା ହେଉଛନ୍ତି ୨୦୧୨ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା। ଗତ ସପ୍ତାହରେ ଜାତୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ସେ ହଲ୍‌ଦ୍ୱାନୀ ଗସ୍ତ କରିଥିଲେ। ତାଙ୍କ ରହଣି ପାଇଁ ଏକ ନିମ୍ନ ମାନର ହୋଟେଲରେ ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରସଙ୍ଗ ନେଇ ସେ କେବଳ ତାଙ୍କର ଅସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ଏହାକୁ ଗଣମାଧ୍ୟମରେ ଭିନ୍ନରୂପେ ଚିତ୍ରଣ କରାଯାଇଥିଲା।

# ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୮।୧ (ବିଜୟ ରଣା)

**ଉଦ୍‌ଘାଟନୀରେ ଓଡିଏମ୍ ଫୁଟ୍‌ବଲ ସ୍କୁଲ ବିଜୟୀ**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗକ୍ରମେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍ ୨୦୨୪-୨୫ ଆରମ୍ଭ ହୋଇଛି। ଏହାର ତିନୋଟି ବୟସବର୍ଗ ଯଥା ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଭେନ୍ୟୁରେ ଆୟୋଜିତ ହୋଇଛି। ମଙ୍ଗଳବାର ୧୩ ବର୍ଷରୁ କମ୍ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଫାଓ ଉପସଭାପତି ଦିଲୀପ କୁମାର ସାହୁ ଓ ବିରେନ୍ଦ୍ର କୁମାର ବେହେରା, ଟେକ୍‌ନିକାଲ ଡାଇରେକ୍ଟର ଅକ୍ଷୟ ଦାସ ଏବଂ ଫାଓ ସଦସ୍ୟ ଚିତ୍ରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଗାଟନୀ ମ୍ୟାଚରେ ଓଡିଏମ୍ ଫୁଟ୍‌ବଲ ସ୍କୁଲ ୪-୧ ଗୋଲ୍‌ରେ ଓ.ଜି.ପି (ଓଡ଼ିଶା ଗଭର୍ନମେଣ୍ଟ ପ୍ରେସ୍) କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ତଥା ଫରୱାର୍ଡ ଅଦିତି ପଟେଲ (୪୩ ତମ ଓ ୫୦ତମ ମିନିଟ) ଏବଂ ହର୍ଷିତା କୁମାରୀ (୪ର୍ଥ ଓ ୨୦ତମ ମିନିଟ୍) ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଓଜିପି ପକ୍ଷରୁ ଲଭ୍‌ଲୀ ବିଷୋଇ ୧୨ତମ ମିନିଟରେ ଦେଇଥିଲେ।


ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ର ପ୍ରଥମ ମ୍ୟାଚ ପୂର୍ବରୁ ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିମାନେ।

# ଆଜିଠୁ ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)

ଭୁବନେଶ୍ୱର ବାର୍ ଆସୋସିଏଶନ (ବିବିଏ) ଆନୁକୂଲ୍ୟରେ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହେବ। ଟି୨୦ ଫର୍ମାଟରେ ଏହି ପ୍ରତିଯୋଗିତା ବିଜେବି କଲେଜ ଗ୍ରାଉଣ୍ଡରେ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୧୪ରେ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟର ଏହା ହେବ ୧୦ମ ସଂସ୍କରଣ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ଭୁବନେଶ୍ୱର ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ, ପୁରୀ ବାର୍ ଆସୋସିଏଶନ ଓ ସମ୍ବଲପୁର ବାର୍ ଆସୋସିଏଶନ ଦଳ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ଗଞ୍ଜାମ ବାର୍ ଆସୋସିଏଶନ, ମୋଟର ଭେଇକ୍ଲ ବାର୍ ଆସୋସିଏଶନ କଟକ ଓ ଭୁବନେଶ୍ୱର ଗ୍ରୀନ୍ସ ଦଳ ରହିଛି। ମ୍ୟାଚ ଗୁଡ଼ିକ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଅବସରରେ ବିଭିନ୍ନ ଦଳର ଜର୍ସି ଉନ୍ମୋଚନ କରାଯାଇଛି। ୨୩ ତାରିଖରେ ଫାଇନାଲ ପୂର୍ବରୁ ୨୨ରେ ପ୍ରେସ୍ ଏକାଦଶ ବନାମ କମିଶନରେଟ ପୋଲିସ ଏକାଦଶ ଏବଂ ପ୍ରଶାସନିକ ଏକାଦଶ ବନାମ ସେକ୍ରେଟାରି ଏକାଦଶ ମଧ୍ୟରେ ୨ଟି ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦାସ, ଉପାଧ୍ୟକ୍ଷ ସନ୍ତୋଷ ଚୌଧୁରୀ, ଭୁବନେଶ୍ୱର ବାର୍ ଆସୋସିଏଶନ ସମ୍ପାଦକ ଦୀପକ ଦାଶ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅଧିନାୟକ ସୁମନ ରାଉତରାୟ, କମିଟି ସଦସ୍ୟ ଜୟନ୍ତ କୁମାର ଜେନା ଓ ନିହାର ରଞ୍ଜନ ସେଠୀ ଏବଂ ବିବିଏ ମ୍ୟାନେଜର ରମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ଜର୍ସି ଉନ୍ମୋଚନ କରୁଛନ୍ତି।

**ଭାଗନେବେ ୮ ଦଳ, ଜର୍ସି ଉନ୍ମୋଚିତ**



## ରଜନୀଗନ୍ଧାର ଉନ୍ନତ କିସମ

**ର**ଜନୀଗନ୍ଧା କଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୁର,ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର) ର ଏକତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜାହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ଦୁଗ୍ଧ ଉତ୍ପାଦନ ଓ ଆତ୍ମନିର୍ଭରଶୀଳତା



ଡା. ବୀରକିଶୋର ପରିଡ଼ା

**ପ୍ର**ତ୍ୟେକ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ ଶୈଶବ ଅବସ୍ଥାରେ କେବଳ ଦୁଗ୍ଧପାନ କରୁଥିବାବେଳେ ମନୁଷ୍ୟ କ୍ଷେତ୍ରରେ କି ଆବାଳ ବୃଦ୍ଧବନିତା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଗ୍ଧପାନ କରିଥାନ୍ତି । ଦୁଗ୍ଧ କେବଳ ପାନୀୟ ଭାବରେ ବ୍ୟବହାର କରାଯାଏ ତାହା ନୁହେଁ, ଏହା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା - ବଟରମିଲ୍କ, ଆଇସ୍‌କ୍ରିମ୍, ଲସି, ଛେନା ଆଦିର ମୌଳିକ ପଦାର୍ଥ ଭାବେ ବ୍ୟବହୃତ ହୁଏ । ଦୁଗ୍ଧରେ ଉଚ୍ଚଗୁଣାତ୍ମକ ମାନର ଖାଦ୍ୟସାର ଯଥା - କ୍ୟାଲସିୟମ୍, ଫସ୍‌ଫରସ୍, ଭିଟାମିନ୍-ବି, ପୋଟାସିୟମ ଓ ଭିଟାମିନ୍-ଡି ଭରପୂର ହୋଇଥାଏ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଆମ ସ୍ୱାସ୍ଥ୍ୟରକ୍ଷାରେ ସହାୟକ ହେବା ସଙ୍ଗେ ସଙ୍ଗେ ହାଡ଼ଭଙ୍ଗା ଓ ହାଡ଼ର ଅଷ୍ଟିଓପୋରୋସିସ୍ ରୋଗରୁ କେତେକାଂଶରେ ଉପଶମ ଦେଇଥାଏ । ସାଧାରଣତଃ, ୧ଗ୍ଲାସ୍ ଦୁଗ୍ଧରେ କ୍ୟାଲ୍‌ସିୟମ ୨୯ ପ୍ରତିଶତ ଓ ଭିଟାମିନ୍-ଡି ୨୫ ପ୍ରତିଶତ ଥିବାବେଳେ ଫସ୍‌ଫରସ୍ ୨୩ ପ୍ରତିଶତ, ରାଇବୋଫ୍ଲାବିନ୍ ୨୩ ପ୍ରତିଶତ ଓ ଭିଟାମିନ୍ 'ବି'-୧୨ ୧୫ ପ୍ରତିଶତ ନିହିତ ଥାଏ ଯାହାକି ଆମ ଶରୀର ପାଇଁ ଏକାନ୍ତ ଆବଶ୍ୟକ । ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ କେତେକ ଜୈବ ରାସାୟନିକ ପ୍ରକ୍ରିୟା ଯଥା- ରକ୍ତରୁ ଦୁଗ୍ଧ ବା ପହ୍ନାର ଜୀବକୋଷରୁ ଦୁଗ୍ଧଗ୍ରନ୍ଥି ଓ ହର୍‌ମୋନ୍‌ର ସାହାଯ୍ୟରେ ଦୁଗ୍ଧ ସୃଷ୍ଟି ହୋଇଥାଏ।

ସାଧାରଣତଃ ଦୁଗ୍ଧ ଆମେ ଗାଈ, ମଇଁଷି ବା ଛେଳିଠାରୁ ପାଇଥାଉ। ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟ ରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକମାନେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ବିଭିନ୍ନ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ମଇଁଷି ଦୁଗ୍ଧରେ ଅଧିକ ସ୍ନେହସାର ସହ ସମୁଦାୟ କଠିନାଂଶ ଅଧିକ ଥିବା ହେତୁ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ବିକ୍ରିକରି ବେଶ୍ ଦିପଇସା ଅଧିକ ପାଉଥିବାରୁ ଉତ୍ତର ଭାରତରେ ମଇଁଷି ପାଳନ ଅଧିକ ଦେଖିବାକୁ ମିଳେ। ଦୁଗ୍ଧଚାଷୀମାନେ କେବଳ ଦୁଗ୍ଧ ବଜାରରେ ବିକ୍ରିକରି ଯେତିକି ପଇସା ପାଇଥାନ୍ତି। ତା'ଅପେକ୍ଷା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଦହି, ଛେନା, ପନିର, ରାବିଡ଼ି, ଛେନାପୋଡ଼, ରସଗୋଲା, ଛେନାଝିଲ୍ଲୀ, ରସମଲେଇ, ଆଇସ୍‌କ୍ରିମ୍ ଆଦି ପ୍ରସ୍ତୁତକରି ଅନେକାଂଶରେ ଲାଭ ବା ଫାଇଦା ଉଠାଇଥାନ୍ତି। ଦୁଗ୍ଧ ଅପେକ୍ଷା ଦୁଗ୍ଧଜାତ ଦ୍ରବ୍ୟ ଅଧିକ ଦିନ ସାଇତି ରଖିହୁଏ। ବଜାର ଦର ସ୍ଥିର ଥିବାବେଳେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଯେତେ କମିବ, ଆମ ଦୁଗ୍ଧଚାଷୀମାନେ ଗୋପାଳନରୁ ସେତେ ଅଧିକ ଲାଭବାନ ହୋଇପାରିବେ। ସେଥିପାଇଁ ସବୁଦିନିଆ ଘାସଚାଷ ସହ ଋତୁକାଳୀନ ଘାସଚାଷ କରିବା ନିତାନ୍ତ ଆବଶ୍ୟକ।

ବର୍ତ୍ତମାନ ଆମ ଦେଶ ବିଶ୍ୱସ୍ତରରେ ୧୯୯୮-୯୯ ବର୍ଷଠାରୁ କ୍ରମାଗତଭାବେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦୁଗ୍ଧରେ ଜୈବିକ ମୂଲ୍ୟ ୮୪.୫ ବା ଅଧିକ ଥିବାରୁ ଶିଶୁ, ମହିଳା ଓ ବୟସ୍କ ଲୋକଙ୍କ ପୁଷ୍ଟିହୀନତା ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜାତୀୟ ସ୍ତରରେ ଉନ୍ନତ ସଙ୍କର ଜାତୀୟ ଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ହାରାହାରି ୮.୫୨ କେଜି ଥିବାବେଳେ ଦେଶୀଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ଦକ୍ଷତା ହେଉଛି ୩.୩୬ କେଜି। ଆମ ରାଜ୍ୟ ତଥା ଦେଶର ଦୁଗ୍ଧଚାଷୀଙ୍କ ଅନବରତ ଗୋସେବା ଓ ନିଷ୍ଠାପର ଉଦ୍ୟମ ଯୋଗୁ ଏହା କେବଳ ସମ୍ଭବ ହୋଇପାରିଛି। ଆମ ରାଜ୍ୟରେ ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରିବଟାର ସୁବିଧା ପାଇଁ ଓମ୍‌ଫେଡ୍ କାର୍ଯ୍ୟ କରୁଛି। ଓମ୍‌ଫେଡ୍ ଗୁଜରାଟର ଆନନ୍ଦ ଢାଞ୍ଚା ଭଳି ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥା ସ୍ୱରୂପ ଗ୍ରାମୀଣସ୍ତରରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତି, ଜିଲା ସ୍ତରରେ ଜିଲା ଦୁଗ୍ଧ ସଂଘ ଏବଂ ୧୯୮୦ ମସିହାରେ ରାଜ୍ୟ ସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଗଠିତ ହୋଇଛି। ଓମ୍‌ଫେଡ୍ ପ୍ରତିଷ୍ଠାର କେତୋଟି ମୂଳ ଲକ୍ଷ୍ୟ ରହିଛି। ସେଗୁଡ଼ିକ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଦୁଗ୍ଧ ସଂଗ୍ରହ, ଦୁଗ୍ଧ ପ୍ରକ୍ରିୟାକରଣ ଆଦି ସହ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ବିକ୍ରିବଟାକରି ଦୁଗ୍ଧ ଚାଷୀଙ୍କ ଆର୍ଥିକ ବିକାଶ ଘଟାଇବା ଏବଂ ଦୁଗ୍ଧଶିଳ୍ପର ଉନ୍ନତି, ବିକାଶ ଓ ଦୁଧିଆଳୀ ଗାଈଙ୍କ ସୁରକ୍ଷା ନିମନ୍ତେ ଆନୁଷଙ୍ଗିକ କାର୍ଯ୍ୟକଳାପର ବିକାଶ ଓ ସମ୍ପ୍ରସାରଣ କରିବା ଅନ୍ୟତମ।

ଆମ ରାଜ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ପୂରଣ ପରେ ଓମ୍‌ଫେଡ୍ ବଳକା ଦୁଗ୍ଧରୁ ଗୁଣ୍ଡଦୁଗ୍ଧ ଓ ଘିଅ ପ୍ରସ୍ତୁତ କରୁଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାରୁ ଓମ୍‌ଫେଡ୍‌ର ସମ୍ପ୍ରସାରଣ ନିମନ୍ତେ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି।

ଆମ ରାଜ୍ୟର ଲୋକମାନେ ଅନ୍ୟାନ୍ୟ ମୃଦୁପାନୀୟ ବ୍ୟବହାରକରିବା ପରିବର୍ତ୍ତେ ଦୁଗ୍ଧ ବ୍ୟବହାର ଅଧିକ ଅଭ୍ୟାସକଲେ ପୁଷ୍ଟିହୀନତା ଦୂରହେବା ସହିତ ସୁନ୍ଦର ସ୍ୱାସ୍ଥ୍ୟବାନ ହୋଇପାରିବେ। ଏହାସହ ଦୁଗ୍ଧଚାଷୀମାନେ ମଧ୍ୟ ଗୋପାଳନ କ୍ଷେତ୍ରରେ ଅଧିକ ଲାଭବାନ୍ ହୋଇପାରିବେ। ବର୍ତ୍ତମାନ ଓମ୍‌ଫେଡ୍ ଖାଉଟିମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଗୁଣବତ୍ତା ପ୍ରତି ସଦାସର୍ବଦା ଗୁରୁତ୍ୱ ଦେଇଆସିଛି। ଦୁଗ୍ଧର ଉତ୍ପାଦନ ଖର୍ଚ୍ଚ କମାଇ ଅଧିକ ପଇସା ପାଇବାକୁ ହେଲେ ଗୋପାଳନ କ୍ଷେତ୍ରରେ ଆମକୁ ସବୁଜ ଘାସଚାଷ କରିବା ଏକାନ୍ତ ଅପରିହାର୍ଯ୍ୟ।

-ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

"ସାଧାରଣତଃ ଦୁଗ୍ଧ ଆମେ ଗାଈ, ମଇଁଷି ବା ଛେଳିଠାରୁ ପାଇଥାଉ। ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକମାନେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ବିଭିନ୍ନ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ମଇଁଷି ଦୁଗ୍ଧରେ ଅଧିକ ସ୍ନେହସାର ସହ ସମୁଦାୟ କଠିନାଂଶ ଅଧିକ ଥିବା ହେତୁ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ବିକ୍ରିକରି ବେଶ୍ ଦିପଇସା ଅଧିକ ପାଉଥିବାରୁ ଉତ୍ତର ଭାରତରେ ମଇଁଷି ପାଳନ ଅଧିକ ଦେଖିବାକୁ ମିଳେ।"





## ଭେଣ୍ଡି ଚାଷ

**ବ**ର୍ଷ ସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ-ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର, ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା- ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ, ୪୫କି.ଗ୍ରା. ଯବକ୍ଷାରଜାନ, ୨୫କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ଼ ଗୋବର ଖତ, ୮୦କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ ସେ.ମି. ବ୍ୟବଧାନରେ ମଞ୍ଜିପୋତନ୍ତୁ।



## ଫଳ ଚାଷ

**ଓ**ଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ , ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି , ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ମାଣ୍ଡିଆରେ ସାର ପ୍ରୟୋଗ



**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪: ୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗକଲେ ଭଲ।

## ଖରାଟିଆ ମୁଗ ଫସଲରେ ଜଳସେଚନ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।



## ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ହଳଦୀ ଲଗାଇବା ପୂର୍ବରୁ...

**ରୋ**ମା,ସୁରମା,ରଙ୍ଗ,ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



## ପୋଟଳରେ ଫୁଲଫଳ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟକରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳମାଟି ଭିଜାଇ ରଖନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ Bhubaneswar, Wednesday, February 19/ 2025

# ସଫେଇଦେଲା ୱାଡା

ମାଡ୍ରିଡ୍, ୧୮।୨ (ଏ.ପି)

ସମାନ ଧରଣର ଡୋପିଙ୍ଗ ମାମଲାରେ ଜଣେ ସ୍ୱାନିଶ ଫିଗର ସ୍କେଟର ଲାଉରା ବାର୍କ୍ୟୁରୋଙ୍କୁ ୬ ବର୍ଷ ସସ୍‌ପେଣ୍ଡ କରାଯାଇଥିବା ବେଳେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଜାନିକ ସିନରଙ୍କୁ କାହିଁକି ସ୍ୱଳ୍ପ ଦଣ୍ଡବିଧାନ କରାଗଲା ସେ ନେଇ ସଫେଇ ଦେଇଛି ଡୋପିଙ୍ଗ ଏଜେନ୍ସି (ୱାଡା)। ଯଦିଓ ଦୁଇଟି ମାମଲାରେ ସମାନ ପଦାର୍ଥ ରହିଛି, ତେବେ କାରଣ ଭିନ୍ନ ରହିଛି। ଡୋପ୍ ଟେଷ୍ଟରେ ଉଭୟ ଖେଳାଳି ନିଷିଦ୍ଧ ଆନାବୋଲିକ୍ କ୍ଲୋଷ୍ଟେବଲ୍ ପାଇଁ ଧରାପଡ଼ିଥିଲେ। ଶରୀର ଭିତରକୁ ଏହାର ପ୍ରବେଶ ଭିନ୍ନ ମାଧ୍ୟମ ଥିଲା। ୨୦୨୨ ୱିଣ୍ଟର ଅଲିମ୍ପିକ୍ସ ବେଳେ ହୋଇଥିବା ଡୋପ୍ ଟେଷ୍ଟରେ ବାର୍କ୍ୟୁରୋଙ୍କର କ୍ଲୋଷ୍ଟରବଲ୍ ପାଇଁ ପଜିଟିଭ ଆସିଥିଲା। ପରେ ଇଣ୍ଟରନ୍ୟାଶନାଲ ସ୍କେଟିଂ ୟୁନିୟନ ଦ୍ୱାରା ପ୍ରତିଯୋଗିତା ବାହାରେ କରାଯାଇଥିବା ଡୋପ୍ ଟେଷ୍ଟରେ ତାଙ୍କ ନମୁନାରେ ପୁଣି କ୍ଲୋଷ୍ଟରବଲ ଠାବ ହୋଇଥିଲା। ସିନର

**ସିନରଙ୍କୁ ବାସନ୍ଦ ପ୍ରସଙ୍ଗ**

ମଧ୍ୟ ଦୁଇଥର ସାମାନ ନିଷିଦ୍ଧ ପଦାର୍ଥ ପାଇଁ ଡୋପ୍ ଟେଷ୍ଟରେ ଦୁଇଥର ବିଫଳ ହୋଇଥିଲେ। ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ ଅତିକମ୍‌ରେ ଏକ ବର୍ଷ ସସ୍‌ପେଣ୍ଡ କରିବା ଲାଗି ୱାଡା କହିଥିଲା। ମାତ୍ର ସିନର ଗତବର୍ଷ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଘଟଣାକ୍ରମେ ଆଥଲେଟଙ୍କ ଶରୀରକୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ ସଂକ୍ରମିତ କରିଥିଲା ବୋଲି ଦର୍ଶାଇଥିଲା ଏବଂ ସିନର ଠକି ନାହାନ୍ତି ବୋଲି କହିଥିଲା। ସିନର କହିଛନ୍ତି ତାଙ୍କ ଆଙ୍ଗୁଠି କଟିଯାଇଥିଲା। ସେତେବେଳେ ଜଣେ ଟ୍ରେନର ତାଙ୍କର ମସାଜ କରୁଥିବା ବେଳେ ଯେଉଁ ଉପାଦାନ ବ୍ୟବହାର କରିଥିଲେ ସେଥିରେ କ୍ଲୋଷ୍ଟେବଲ୍‌ର ମାତ୍ରା ଥିଲା। ୱାଡା ଆଥଲେଟଙ୍କ ଯୁକ୍ତିକୁ ଗ୍ରହଣ କରିଥିଲା। ବୁଝାମଣା ଭିତ୍ତିରେ ସିନରଙ୍କୁ ୩ ମାସ ବାସନ୍ଦ କରାଯାଇଥିଲା।

# ପ୍ରି-କ୍ୱାର୍ଟରରେ ଅଲ୍‌କାରାଜ

ଦୋହା, ୧୮।୨ (ଏପି)

ଟପ୍ ସିଡ୍ କାର୍ଲୋସ ଅଲ୍‌କାରାଜ କାତାର ଓପନ ଟେନିସ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ କ୍ରୋଏସିଆନ ଭେଟରାନ ମାରିନ ସିଲିକ୍‌ଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅଲ୍‌କାରାଜ ବର୍ତ୍ତମାନ ଚାଇନାର ଝାଙ୍ଗ୍ ଝିଝେନ୍ କିମ୍ବା ଇଟାଲୀର ଲୁକା ନାର୍ଡିଙ୍କୁ ଭେଟିବେ। ପୂର୍ବରୁ ୭ମ ସିଡ୍ ଗ୍ରିଗୋର ଦିମିତ୍ରୀ ୬-୪, ୬-୪ରେ ଜିରି ଲେଚେକାଙ୍କ ଠାରୁ ହାରିଯାଇଥିଲେ।

# ସ୍ୱଦେଶ ଫେରିଲେ ବୋଲିଂ କୋଚ୍ ମୋର୍କେଲ

**ଦୁବାଇ, ୧୮।୨ (ପି.ଟି.):** ପାରିବାରିକ ଜରୁରୀ କାର୍ଯ୍ୟ ପାଇଁ ଭାରତର ବୋଲିଂ କୋଚ୍ ଦକ୍ଷିଣ ଆଫ୍ରିକାର ମୋର୍ନ ମୋର୍କେଲ ସ୍ୱଦେଶ ଫେରି ଯାଇଛନ୍ତି। ମୋର୍କେଲ ଗତବର୍ଷ ବୋଲିଂ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ଶନିବାର ସେ ଭାରତୀୟ ଦଳ ସହିତ ଦୁବାଇ ଗସ୍ତ କରିଥିଲେ। ବୁଧବାର ଆଇସିସି ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ପୂର୍ବରୁ ସେ ଦଳର ପ୍ରଥମ ପ୍ରାକ୍ଟିସ ସେସନରେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଆଫ୍ରିକାର ୪୦ ବର୍ଷୀୟ ଏହି ପୂର୍ବତନ ପେସ୍ ବୋଲର ସୋମବାର ଦ୍ୱିତୀୟ ଅଭ୍ୟାସ ସେସନରେ ଉପସ୍ଥିତ ନ ଥିଲେ। ଗୁରୁବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଭାରତର ବାଂଲାଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଏହି ଘଟଣା ଘଟିଛି। ଆଇସିସି ଟୁର୍ନାମେଣ୍ଟ ପାଇଁ ଭାରତୀୟ ବୋଲିଂ ଆକ୍ରମଣ ଫାଷ୍ଟ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ସ୍ୱେସାଲିଷ୍ଟ ପେସରମାନଙ୍କୁ ନେଇ ହୋଇଛି। ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ପିଠିର ନିମ୍ନ ଭାଗରେ ଆଘାତ ଲାଗିଥିବାରୁ ବର୍ତ୍ତମାନ ଫାଷ୍ଟ ବୋଲିଂ ଦାୟିତ୍ୱ ଅର୍ଶଦୀପ ସିଂ, ହର୍ଷିତ ରାଣା ଓ ମହମ୍ମଦ ଶାମିଙ୍କ ଉପରେ ରହିଛି। ପାଣ୍ଡ୍ୟା ହେଉଛନ୍ତି ଚତୁର୍ଥ ବିକଳ୍ପ। ପାକିସ୍ତାନ ଟୁର୍ନାମେଣ୍ଟର ଆୟୋଜକ ହୋଇଥିବା ବେଳେ ହାଇବ୍ରିଡ୍ ମଡେଲ ଚୁକ୍ତି ଅନୁସାରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ବହୁ ପ୍ରତୀକ୍ଷିତ ଭାରତ ଓ ପାକିସ୍ତାନ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ଦୁବାଇରେ ପ୍ରଥମ ସେମିଫାଇନାଲ ମାର୍ଚ୍ଚ ୪ରେ ଖେଳାଯିବ। ଭାରତ ଯଦି ଯୋଗ୍ୟତା ଅର୍ଜନ କରେ ତେବେ ଫାଇନାଲ ମାର୍ଚ୍ଚ ୯ରେ ଅନୁଷ୍ଠିତ ହେବ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ